
ଉଷା

# କ୍ଷୁଧା

ଲେଖକ :
ଶ୍ରୀ ବଳରାମ ମିଶ୍ର

ପ୍ରକାଶକ :

ପ୍ରଥମ ପ୍ରକାଶ

ଜୁଲାଇ—୧୯୫୯

ପ୍ରକାଶକ :

ଶ୍ରୀ ହରିହର ପ୍ରସାଦ ପଟ୍ଟନାୟକ

ଉତ୍କଳ ବାଣୀ ମନ୍ଦିର

କଟକ—୨

ମୁଦ୍ରାକର :

ଶ୍ରୀ ମୋହନ ଚରଣ ଦାସ

ମନମୋହନ ପ୍ରେସ୍

ଚାନ୍ଦନୀଚୌକ, କଟକ—୨

ମୂଲ୍ୟ:

ଟ ୧.୭୫ ନୂ: ପ:

( ଏକ ଟଙ୍କା ବାରଅଣା )

ଶ୍ରୀଯୁକ୍ତ ଗୋପୀନାଥ ମହାନ୍ତିଙ୍କ

କରକମଳରେ.........--

## ତେଲୁଗୁ ସାହିତ୍ୟିକ ଶ୍ରୀମାନ୍ ପି: ଆପ୍‌ପାଲ ରାଜୁ ବି. ଏସ୍ ସି. ଙ୍କ ଅଭିମତ

ଉପନ୍ୟାସ ମାଧ୍ୟମରେ ଔପନ୍ୟାସିକ ଶ୍ରୀମାନ୍ ବଳରାମ ମିଶ୍ର ସତ୍ୟ, ଶିବ ଓ ସୁନ୍ଦର ସାମ୍ରାଜ୍ୟ ଓ ସଂସାର ଗଢ଼ିବାର ଯେଉଁ ଇଙ୍ଗିତ ଦେଇଗଲେ ତାହାହିଁ ଲେଖକଙ୍କ ବଳିଷ୍ଠ ଲେଖନୀର ପରିଚୟ ଦିଏ । ବର୍ତ୍ତମାନର ପରିସ୍ଥିତିରେ ଲେଖା ଖଣ୍ଡିକ ଦେଶ ଓ ଜାତିର ପ୍ରଭାତୀ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଉପନ୍ୟାସର ପ୍ରାଥମିକ ବିଷୟ ବସ୍ତୁ ଶୁଣିଲା ବେଳେ ମୋର ମନେ ହେଲା—ଲେଖା ଖଣ୍ଡିକ ନିହାତି ମାମୁଲି । ଅତି ମାମୁଲି ବିଷୟ ଏପରି ଭାବେ ଗଡ଼ାଇ ନେଇ ଶେଷରେ ଅତି କୌଶଳତାର ସହ ବର୍ତ୍ତମାନର ଅତି ଗୁରୁତ୍ୱ ପୂର୍ଣ୍ଣ ସମସ୍ୟାର ସମାଧାନ ଯେପରି ଭାବେ କରି ପାରିଛନ୍ତି-ତାହାହିଁ ଲେଖକଙ୍କର ବିଶେଷତ୍ୱ ଓ ଉପନ୍ୟାସର ମହତ୍ତ୍ୱ । ଔପନ୍ୟାସିକଙ୍କ ଆଶା ଓ ଆକାଂକ୍ଷା ଯଦି ସତ୍ୟ ହୁଏ ତାହାହେଲେ ତାହାହିଁ ଏ ଦେଶକୁ ଆଣି ଦେବ 'ରାମରାଜ୍ୟ ଅର୍ଥାତ୍ ରମଣୀୟ ରାଜ୍ୟ । ଇତି ।

ସ୍ଥାନ—ଭୁବନେଶ୍ୱର
ତା ୮-୧-୧୯୫୯

ସ୍ୱାଃ—ପି: ଅପ୍‌ପାଲ ରାଜୁ, ବି.ଏସ୍ ସି

0/3546

ଛନ୍ଦାର ମନ ଖୋଲା ହସରେ ଉନ୍ମାଦ ହୋଇ ଉଠିଲା ଶିଳ୍ପୀ ସଚ୍ଚିଦାନନ୍ଦ । ବାସ୍ତବିକ ସେ ହସଟା ଥିଲା ଅତ୍ୟନ୍ତ ମନ ଖୋଲା, ପ୍ରାଣ ଭରା ଓ ଚିତ୍ତ ହରା । ସଚ୍ଚି ଲୋଭ ସମ୍ଭାଳି ପାରିଲା ନାହିଁ । ଅପଲକ ଆଖିରେ, ଏକ ଲୟରେ ଦେଖିନେଲା ତା'ର ରୂପ-ଶ୍ରୀ । ସଚ୍ଚିର ବ୍ୟବହାରରେ ବଡ଼ କୌତୁକ ଅନୁଭବ କଲା ଛନ୍ଦା, ନ ହସି ଆଉ ସେ ରହି ପାରିଲା ନାହିଁ । ହସି ଉଠିଲା ଖିଲ୍ ଖିଲ୍ ହୋଇ—ଅସରନ୍ତି ହସ, ସରଳ ଓ ଛନ୍ଦ-କପଟ ବିହୀନ ହସ ।

କିଞ୍ଚିତ ପ୍ରକୃତସ୍ଥ ହୋଇ ସାମାନ୍ୟ ଅପ୍ରସ୍ତୁତ ବୋଧ କଲା ଶିଳ୍ପୀ ସଚ୍ଚିଦାନନ୍ଦ ।

ଛନ୍ଦା ଶିଳ୍ପୀର ମନ କଥା ବୁଝି ପାରି କହିଲା, "ଏମିତ ହତାଶ ହୁଅ ନାହିଁ ଶିଳ୍ପୀ । ଉପଭୋଗ ପାଇଁ ସୌନ୍ଦର୍ଯ୍ୟର ସୃଷ୍ଟି—ମନ ଭରି ତୁମ୍ଭେ ଉପଭୋଗ କରି ଯାଅ । ସେଇ ଅଧିକାର ଟିକକ ଦେବା ପାଇଁ ଛନ୍ଦା କେବେ କୁଣ୍ଠାବୋଧ କରିବ ନାହିଁ, ହେଲେ ଉପଯୁକ୍ତ ଦାମ କିନ୍ତୁ ଦେବାକୁ ପଡ଼ିବ । 'ତା' ନ ହେଲେ ବଡ଼ ହତାଶ ହୋଇ ଫେରି ଯିବାକୁ ହେବ ।"

ଛନ୍ଦା ପରି ଶିକ୍ଷିତା ଓ ଅଧୁନିକା ଝିଅର ଏପରି ଏକ ଅସଂଯତ ବ୍ୟବହାରରେ ବଡ଼ ବିସ୍ମିତ ହୋଇ ଉଠିଲା ସଚ୍ଚିଦାନନ୍ଦ । ବାସ୍ତବିକ ଛନ୍ଦା କ'ଣ··· ? ସଚ୍ଚି ଅଜ ତା' ଭାବନାକୁ ଜୀବନ୍ତ କରି ପାରିଲା ନାହିଁ । କ୍ଷଣିକ ପାଇଁ ନିଜ ଆଖି ଓ କାନକୁ ସୁଦ୍ଧା ବିଶ୍ୱାସ କରି ପାରିଲା ନାହିଁ—ସତରେ କ'ଣ ସ୍ୱୟଂ ଛନ୍ଦା ନିଜ ମୁହଁ ଉପରେ ଏପରି ଭାଷାକୁ ରୂପ ଦେଇ ପାରିଲା ! !

ବଡ଼ ବ୍ୟର୍ଥ ମନୋରଥରେ ଫେରିଗଲା ସଚ୍ଚି ନିଜର ସେହି ଦାଦାଙ୍କ, ପୁରୁଣା କୁଡ଼ିଆ ଘରକୁ । ଉପରେ ଫାଳେ ଘାଁତ, ତଳେ ମୂଷା ଗାତ । ଦୁଇ ବର୍ଷ ହେଲା କାନ୍ଥଟା ଭୁସ୍କୁଡ଼ି ପଡ଼ୁଛି । ମଝିରେ ମଝିରେ ଦାଦାଙ୍କ ବାଉଁଶ ଗୁଡ଼ାକ ସାପ କାତି ଓହଳିଲା ପରି ଓହଳି ପଡ଼ୁଛି । ଉପରେ ଗଣ୍ଡାଏ କାଠି-କୁଟାର ଚଟିଆ ବସା ଦୋହଲୁଛି । ତଳେ ସାହି ବୁଲା କଳା କୁକୁରଟା ବସା କରିଛି । ସେଇ ଘର ପାଖ ଦେଇ ହାଡ଼ି ସାହିର ପୋଷା ଘୁଷୁରି ଗୁଡ଼ାକ ପଲ ପଲ ହୋଇ ଚରିବାକୁ ଯା'ନ୍ତି ନିଜର କାଦୁ-ପଙ୍କ ବୋଳା ଦେହକୁ ସେହି ଭଙ୍ଗା କାନ୍ଥ ଦେହରେ ଘୋଷାରି ତଦେଇ ।

ଘର ପଛ ପଟେ ଗୋଟିଏ ଘରୋଇ ମଦ ଦୋକାନ । କେଶା ଖିଆଙ୍କ ପାଟି-ତୁଣ୍ଡରେ ସଚ୍ଚି ବଡ଼ ବିବ୍ରତ ହୋଇ ପଡ଼େ । ଅଜ ମଦ ଗନ୍ଧରେ ତା' ପେଟ ଭିତରର ଭାତ ଚକଟି ହୋଇ ମୁହଁ ଉପରକୁ ଠେଲି ମାରେ ।

ଘର ସାମନାରେ ସେଇ ଦୋକାନୀର କୋଠାଘର । ମଦ ପାଣି ବିକି ବିକି ତିନି ତାଲା କୋଠାଘର କରିଛି ଧନ କେତେଟାରେ । ସେ ଜଣେ ସଚ୍ଚା ଓ ଶ୍ରେଷ୍ଠ ଭଦ୍ରଲୋକ ହୋଇ ପାରିଛନ୍ତି । ଲୋକ ହାତ ଦୂରରୁ ତାଙ୍କୁ ସମସ୍ତେ ଜୁହାର କରନ୍ତି । ଦୁଃଖୀ ରଙ୍କୀକୁ ଦେଖିଲେ ଡାଲି ଭାତ ନ ହେଲେ ମଧ୍ୟ ସାଗ ପଖାଳ ଦେବାକୁ କୁଣ୍ଠା-

ବୋଧ କରନ୍ତି ନାହିଁ । ବେଳେ ବେଳେ ସୁବିଧା ଓ ସୁଯୋଗ ପାଇଲେ ତୀର୍ଥ ଉଦ୍ଦେଶ୍ୟରେ ପୁରୀ, ଭୁବନେଶ୍ୱର, ଗଙ୍ଗା, ଗୟାକୁ ଟିକେଟ ମଧ୍ୟ କାଟନ୍ତି ।

ଶିଳ୍ପୀ ସଚ୍ଚିଦାନନ୍ଦ ନିଜର ଛୁଣ୍ଡା ଦାଉଡ଼ି ଖଟ ଉପରେ ବସି ଏକ ମନରେ ପଲକହୀନ ଆଖିରେ ଲକ୍ଷ୍ୟ କରୁଥିଲା ସାମନାର କୋଠା ଘରଟିକୁ । ଗୁରୁଆଡ଼େ କାଚର ଝରକା । ଝରକାକୁ ଲାଗି ନୀଳ ରଙ୍ଗର ସମ୍ବଲପୁରୀ ପରଦା । ପରଦା ପଛ ପଟେ ବିଜୁଳିବତୀର ସବୁଜ ଆଲୁଅ ଆଉ ଉପରେ ପୂର୍ଣ୍ଣିମାର ନିର୍ମଳ ଚନ୍ଦ୍ରାଲୋକ । ଜହ୍ନ ଆଲୁଅ ତଳେ ବସିଥିଲା ଏକ ପ୍ରକାଣ୍ଡ ଗୋଲ ଟେବୁଲ୍ ବୈଠକ । ବୈଠକରେ ଅଂଶ ଗ୍ରହଣ କରିଥିଲେ ରାଜ୍ୟ ସଭାର ସଭ୍ୟ ଶ୍ରୀଯୁକ୍ତ ରାଜେନ୍ଦ୍ର କୃଷ୍ଣ ଦତ୍ତ, ଅଫିମ ବ୍ୟବସାୟୀ କୃପାସିନ୍ଧୁ ସାହୁ, ଠିକାଦାର ଶ୍ରୀ ମହାନ୍ଦର ସିଂ, ପରତେକିଂ ଏଜେଣ୍ଟ ଜୟରାମ ଚୌଧୁରୀ ଏବଂ ଦୁଇ ଗୁଣ୍ଡୋଟି କଲେଜ ଛାତ୍ର । ବାସ୍ତବିକ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବସ୍ତୁର ଆଲୋଚନା ଚାଲିଥିଲା । ମଝିରେ ମଝିରେ ବଡ଼ ଗମ୍ଭୀର କଣ୍ଠରେ ସେହି ଘରର ମାଲିକ ବ୍ରଜବାବୁ କହିବାର ଶୁଣା ଯାଉଥିଲା, "ସତରେ ରାଜେନ୍ ବାବୁ, ମଦ ଖାଇ ଖାଇ ଏ ଗାଁ ଲୋକ ଏକ ପ୍ରକାର କାଙ୍ଗାଳ ହୋଇ ଗଲେଣି । ଏଇ, କାଲି ପରି ଲାଗୁଛି କେତେ ସୁନ୍ଦର ପିଲା ଦିବାଲୁ ନେଇ ଚାଲି ଯାଉଥିଲା ଚନ୍ଦ୍ରଶେଖର । ଅଥଚ ଆଜି........

ବ୍ରଜବାବୁଙ୍କ ଆଖିରୁ ଲୁହ ଗଡ଼ି ପଡ଼ିଲା : କଥାର ଖିଅଟାକୁ ଚଟ୍‌କିନା ଧରି ପକାଇ କଲେଜ ଛାତ୍ର କରୁଣାକର କହିଲା, ତା ଛିଅ ଛଡ଼ା ଏକ ପ୍ରକାର ବ୍ୟବସାୟ ଆରମ୍ଭ କରି ଦେଲାଣି ବ୍ରଜବାବୁ ।"

ସତେ ! !

ସମସ୍ତଙ୍କ ମୁହଁରେ ସେଇ ଗୋଟାଏ ପ୍ରଶ୍ନ, ସମସ୍ତଙ୍କର ହୃଦୟ ଭିତରେ ଚମକ ଓ ଚହଲ ସୃଷ୍ଟି କରି ଦେଇଚଲା ।

ବୈଠକ ଭାଙ୍ଗିଲା । ଯେଝା ଘରକୁ ଫେରିଲେ । ବ୍ରଜବାବୁ ନିଜ ପୋଷାକ ଦେହରୁ ଖୋଲି ଦେଇ, ଖୋର୍ଦ୍ଧା ତନ୍ତ୍ର ବୁଣା ଠେସର ଲୁଙ୍ଗି ଖଣ୍ଡିକ ଅଣ୍ଟାରେ ଭିଡ଼ି ହୋଇ ଭାଟି ମୁହାଁ ହେଲେ । ହିସାବ ଦେଖା ହେଲା । ସେଦିନର କାରବାରଟା କାହିଁକି ମାନ୍ଦା ପଡ଼ି ଯାଇଥିଲା । କାରଣ ବୁଝି ନେବାରେ ଜଣାଗଲା, କେତେକ ଚୋରା ବ୍ୟବସାୟୀ ଖାଣ୍ଟି ରନ୍ଧା ମଦ ଲୁଚି ଲୁଚି ସହରର ଗଳି କନ୍ଦିରେ ଅତି ଶସ୍ତା ଦାମରେ, ବହୁ ପରିମାଣରେ ବିକ୍ରୀ କରୁଛନ୍ତି । ସେଥି-ଯୋଗୁଁ ଭାଟି ମଦ ବିକା ସାମାନ୍ୟ ମାନ୍ଦା ପଡ଼ିଗଲା ।

ବ୍ରଜବାବୁ ବଡ଼ ଚିନ୍ତିତ ହୋଇ ପଡ଼ିଲେ । ଏହି ଚୋରା କାରବାରକୁ ଯଦି ଏମିତି ନୀରବ ରହି ବରଦାସ୍ତ କରାଯାଏ, ତାହା ହେଲେ ହୁଏତ ଦୁଇ ଦିନରେ ଏ ଭାଟିଟାକୁ ଉଠାଇ ଦେବାକୁ ହେବ । କମ୍ପାନୀ ଦେଉଳିଆ ହୋଇଯିବ ।

ବ୍ରଜବାବୁଙ୍କ ମନ ଭିତରେ ପାପ ବିଗ୍ରହର ପ୍ରବଳ ଯନ୍ତ୍ରଣା ଝଡ଼ ତୋଫାନର ଇଙ୍ଗିତ ଦେଇଗଲା । ଅଦିନିଆ ଆକାଶରେ ଦେଖା ଦେଲା ପ୍ରଳୟର ପହିଲି ସୂଚନା । ଭଙ୍ଗା ଗୁଳ ଛପରର ପୁଳାପୁଳା ଶୁଖିଲା ନଡ଼ା ଗୁଡ଼ାକ ଭାଙ୍ଗି—ମୋଡ଼ି ହୋଇ ଉଡ଼ି ଯାଉଥିଲା ଦୂରରୁ ବହୁତ ଦୂରକୁ । ବର୍ଷା ହେଲା—ଭୀଷଣ ବର୍ଷା । ଧଇଁ ନାଳ ଫୁଲି ଫୁଲି କାହା କାହାର ଠା—ବେଉସାକୁ ଭସାଇ ନେଲା ।

ରାତି ପାହି ପାହି ଆସୁଥିଲା ।

କଅଁଳିଆ ସବୁଜ ପତର ଗହଳ ଭିତରେ କୁଆ ରାବୁଥିଲା—
'କା'—କା,—

ପଧାନ ପୁଅ ଗୀତ ଗାଉଥିଲା—ବଡ଼ ପ୍ରାଣ ଫୁଲ ଗୀତ—
—ହୋ । ଭ୍ରୁ—ଭ୍ରୁ—

ଝାଉଁଳି ପଡ଼ୁଥିଲା ଫୁଲ ସେଫାଳୀ ।

ସତ୍ତି ତା ନିତଦନିଅ ତୁଳୀ ଖଣ୍ଡିକ ରଙ୍ଗରେ ବୁଡ଼ାଇ ରୁପ ଦେଲା—ସେଇ ମଲ୍ଲୀ ଫୁଲର ଦାନ୍ତ ଉପରେ ପଦ୍ମ ପାଙ୍କୁଡ଼ା ରଙ୍ଗଭରା ଅଧରର ପ୍ରାଣ ଫୁଲ ଓ ମନଦୋହଲା ହସକୁ । ତାର ଫୁଲିଲା ଫୁଲିଲା ଗୋଲ ଗୋଲ କଅଁଳ ଗାଲ ଉପରକୁ ଲମ୍ବି ପଡ଼ିଥିଲା ମେଞ୍ଚାଏ କୁଞ୍ଚିତ କଳା କଳା ବାଳ । କଜ୍ଜଳ ଡୋଳା, କଜ୍ଜଳ ବୋଳା ଆଖିରେ ତାର ଭରି ରହିଥିଲା ଶତ ଫୁଲ ବାଣର ମୋହିନୀ କାଉଁରୀ କୁହୁକ । ଆଉ ତାର ଫୁଲିଲା ବୁକୁ ଉପରର ଅସଜ ଝୀନ ବସନ ତଳେ ଆତ୍ମା ତାର ବନୀତ ନିବେଦନ ଜଣାଉଥିଲା—କେଉଁ ଏକ ରାଜ ନନ୍ଦନର ଅଙ୍କ ମଣ୍ଡନ ପାଇଁ ।

× × ×

ସରକାରଙ୍କ ଶିଳ୍ପ ବିଭାଗ ତରଫରୁ ଆୟୋଜନ ହୋଇଥିଲା ଏକ ବିରାଟ ଶିଳ୍ପ ପ୍ରଦର୍ଶନୀ । ସତ୍ତିର ସେହି ସଦ୍ୟ ଅଙ୍କିତ ରୁପ ଯୌବନ ଭରା ନାରୀ ମୂର୍ତ୍ତି ଖଣ୍ଡିକ ପ୍ରଦର୍ଶନୀରେ ସ୍ଥାନ ପାଇ-ଥିଲା ଏବଂ ବହୁ ପ୍ରଶଂସିତ ମଧ୍ୟ ହୋଇଥିଲା । ସେହି ଛବି ଖଣ୍ଡିକ ପାଞ୍ଚଶତ ଟଙ୍କା ଦାମ ଦେଇ କିଣି ନେଲେ ଜେମାଦେଇପୁରର ଯୁବକ ଜମିଦାର ଶ୍ରୀମାନ୍ ଅନୁପ କୁମାର ଦାସ ଚୌଧୁରୀ । ପାଞ୍ଚଶତ ଟଙ୍କା ।

ଜୀବନରେ ଏତେ ଗୁଡ଼ାଏ ଟଙ୍କା ଏକକାଳୀନ ଦେଖିବାର ସୌଭାଗ୍ୟ କେବେ ପାଇ ନ ଥିଲା ଶିଳ୍ପୀ ସଚ୍ଚିଦାନନ୍ଦ । ହଠାତ୍ ଏକା ଦିନରେ, ଖଣ୍ଡିଏ ଚିତ୍ରପଟ ପାଇଁ—ଯେଉଁଥିରେ ଗୋଟିଏ ଦିନର ପରିଶ୍ରମ ମଧ୍ୟ କରା ଯାଇ ନ ଥିଲା-ତା'ର ମୂଲ୍ୟ-ପାଞ୍ଚଶତ ଟଙ୍କା

ଶୁଣି ଅତି ଆଗ୍ରହରେ କିଣି ନେଇଛନ୍ତି ଚୌଧୁରୀ ଅନୁପ କୁମାର ଦାସ । ଖଣ୍ଡିଏ କଳାର ଚିତ୍ରପଟ ପାଇଁ ଏତେ ଗୁଡ଼ାଏ ଟଙ୍କା ଗଣି ଦେବା ପାଇଁ କୌଣସି କୁଣ୍ଠାବୋଧ ମଧ୍ୟ ସେ କରି ନାହାନ୍ତି ।

ଅଜଣା ଭୟରେ ସଚ୍ଚିର ଛାତି ଭିତରଟା ଧଡ଼ ଧଡ଼ ପିଟି ହେଲା । ପାଞ୍ଚଶହ ! ଏ ସବୁ ଜାଲ୍ ଟଙ୍କା ନୁହେଁ ତ ? ନା, ଏତ ଠିକ୍ ସେଇ ଚଳନ୍ତି ଟଙ୍କା । ସେଇ ଛାପ, ସେଇ ରଙ୍ଗ, ସେଇ କାଗଜ—ଯାହାକି ଦିନ କେଇଟା ତଳେ ସେ ଦେଖିଥିଲା ଛନ୍ଦା ହାତରେ । ନା, ଏ ସବୁ ଜାଲ୍ ଟଙ୍କା ନୁହେଁ । ଖାଣ୍ଟି ଟଙ୍କା । ଟଙ୍କା ଗଣାରେ ଚୌଧୁରୀ ବାବୁ ଭୁଲ୍ କରି ନାହାନ୍ତି ତ ? ନା ଆଉ ଥରେ ଗଣି ଦେଖେ । ଏକ—ଦୁଇ—ଦଶ—ଶହେ —ପାଞ୍ଚଶହ । ଠିକ୍ ଗଣତି ହୋଇଛି । ବାଃ, ଏତେ ଗୁଡ଼ିଏ ଟଙ୍କା ଲୋକେ ଏମିତି ଦେଇ ପାରନ୍ତି । ସତରେ ଏତେ ଗୁଡ଼ାଏ ଟଙ୍କା ଗଣି ଦେବା ପାଇଁ ତାଙ୍କୁ ବାଧି ନାହିଁ ? ତାଙ୍କ ପ୍ରାଣ କାନ୍ଦି ନାହିଁ । ଥରେ ସିଉଳିଟିଏ ତା ପକେଟରୁ ଗଳି ଯାଇଥିଲା ବୋଲି ସେ ତିନିଦିନ କାଳ ମନମାରି ବସିଥିଲା । ଅଥଚ ଏତେ ଗୁଡ଼ାଏ ଟଙ୍କା... । ମନ୍ତ୍ରମୁଗ୍ଧ ପାଗଳଙ୍କ ପରି ଏମିତି କେତେ କ'ଣ ଭାବି ଯାଉଥିଲା ଶିଳ୍ପୀ ସଚ୍ଚିଦାନନ୍ଦ । ସେତିକି ବେଳେ ହଠାତ୍ ତା ଭାବନାରେ ବାଧା ଦେଇ ପଶି ଆସିଲା ଛନ୍ଦା । ସଚ୍ଚି ଚମକି ପଡ଼ିଲା—ଛନ୍ଦାର ଆକସ୍ମିକ ଆଗମନରେ । ଅଜଣା ଆତଙ୍କରେ ତାର ସାରା ଦେହ ଶୀତେଇ ଉଠିଲା । ମନ୍ତ୍ରମୁଗ୍ଧ ଅପରାଧୀ ପରି ସେ ଅତି ସଙ୍କୋଚିତ ହୋଇ ଟଙ୍କା ବିଡ଼ାକୁ ଲୁଚେଇ ଦେବାର ପ୍ରୟାସ କଲା, କିନ୍ତୁ ପାରିଲା ନାହିଁ । ଛନ୍ଦା ହସି ହସି ଖୁବ୍ ନମ୍ର ଓ ମଧୁର କଣ୍ଠରେ କହିଲା, ମୋଠୁ ଲୁଚେଇବାକୁ ଚେଷ୍ଟା କର ନାହିଁ ସଚ୍ଚିବାବୁ । ମୁଁ ସମସ୍ତ ଖବର ସଂଗ୍ରହ କରି ପାରିଛି । ତୁମେ ମୋ ରୂପକୁ ବଜାରରେ ଅତି ସହଜରେ ପାଞ୍ଚଶହ ଟଙ୍କାକୁ ବିକ୍ରୀ କରି

ପାରନ୍ତ । ଆଉ ବନ୍ଦୀ କର ପାରନ୍ତ ବୋଲି ପୁଣି ଥରେ ମୋର ପୁରୁଣା ବେଦାର ପୁନଃସଂସ୍କୃତ କରିବା ପାଇଁ ଏ ଘରକୁ ଆସିଛୁ । ବୁଝିଲ ସଖି ଜାଣୁ, ଉପଭୋଗ ପାଇଁ ସୌନ୍ଦର୍ଯ୍ୟର ସୃଷ୍ଟି । ତା ନ ହେଲେ ତୁମ ଛବିର ଏତେ ଦାମ୍ ହୁଅନ୍ତା ନାହିଁ । ସୌନ୍ଦର୍ଯ୍ୟର ଉପଭୋଗ ପାଇଁ ସମସ୍ତଙ୍କର ସମାନ ଅଧିକାର ରହିଛି, ହେଲେ ପାଉଣା ହେଲା ଅସଲ । ଯେ ଯେତିକି ଦେଇ ପାରିଲା—ସେ ସେତିକି ଉପଭୋଗ କରି ପାରିଲା ।"

ବୋକାଙ୍କ ପରି ଖାଲି ବଲ ବଲ ଅନାଇ ରହିଲା ଶିଳ୍ପୀ ।

ଖାଲି ରୂପ—ଗନ୍ଧରେ ଅନ୍ଧ ହେଲେ ଦୁନିଆରେ ଘର କରି ରହି ପାରିବ ନାହିଁ ଶିଳ୍ପୀ !

ମାନେ ।

ତୁମର ଟଙ୍କା ଦରକାର । ଆଉ ସେହି ଟଙ୍କା ରୋଜଗାର କରିବା ପାଇଁ ତୁମର ଲୋଡ଼ା ଲମା ରୂପ ଓ ଯୌବନର ଅଙ୍କା । ସେ ସମସ୍ତ ଉପାଦାନ ତୁମକୁ ମୁଁ ଦେବି ଶିଳ୍ପୀ । ତୁମେ ହତାଶ ହୁଅ ନାହିଁ । ମୁଁ ନାରୀ, ମୋହିନୀ ମୁଁ । ମୋର ବହୁ ରୂପ । ଗାୟକ ପାଖରେ ଗାୟିକା ହୋଇ ପାରେ, ଯୁବକ ନିକଟରେ ଯୁବତୀ ସାଜି ପାରେ, ବୃଦ୍ଧ ପାଇଁ ବୃଦ୍ଧା ହୋଇ ପାରେ । ଯେତେବେଳେ ଯୋଉ ରୂପ ଚାହିଁବ ସେଇ ରୂପରେ ମୁଁ ତୁମକୁ ଦେଖା ଦେବି । ତୁମେ ଖାଲି ଆଙ୍କି ଯାଅ, ଆଉ ସେହି ଅଙ୍କନର ପାରିଶ୍ରମିକ ସ୍ୱରୂପ ଏମିତ ଶହ ଶହ ଟଙ୍କା ବଡ଼ା ପାଇବ । ସେତିକିବେଳେ ଦେଖିବ ଶିଳ୍ପୀ, ତୁମର ଅଭାବ ତୁମକୁ ସ୍ୱପ୍ନ ପରି ଜଣା ଯିବ । ତୁମର ରୋଜଗାର ତୁମେ ଖର୍ଚ୍ଚ କରି ନ ପାରି ଯୁଗ ଯୁଗର ଧୂଳି ଝୁଆଇ ବଡ଼ା ବଡ଼ା ନୋଟ ଲୁହା ସିନ୍ଦୁକରେ ଭରି ରଖିବ—ଅଲୋଡ଼ା ରଦ୍ଦି କାଗଜ ପରି ।" ଗୋଟାଏ ନିଶ୍ୱାସରେ ଛନ୍ଦା ଗୁଡ଼ାଏ କଥା

ଲହୁଗଲା । ସେତିକବେଳେ ଦୂର ପାହାଡ଼ର ପଛ ପଟେ ସୂର୍ଯ୍ୟଟା ଲଇଁ ଲଇଁ ଯାଉଥିଲା । ଦାଣ୍ଡର ଧୂଳି ଉଡ଼ାଇ ଗାଈଗୁଡ଼ିକ ଗୁହାଳର ପଘାରେ ବାନ୍ଧ ହେବାକୁ ଧୀରେ ଧୀରେ ଫେରି ଆସୁଥିଲେ ।

କାହୁ·····କୁ·····ଉ··· ।

ଆମ୍ବ ଗଛର ପତର ଉହାଡ଼ରେ ରହି କଳା କୋଇଲିଟା ଝୁରୁଥିଲା, ବଡ଼ ହରଷ ଆଉ ସରସ ମନରେ ।

ଭଷା ଆମ୍ବ ଡାଳଟା ନଇଁ ପଡୁଥିଲା ତଳକୁ । ପାଚ ନାଲି ଟହ ଟହ ଦେଖା ଗଲାଣି । ବେଶ୍ ମିଠା ହୋଇଥିବ । ଟିକି ଟିକି କରି ଛାମୁଣ୍ଡି ଖାଇ ଦେବାକୁ ପାଟି ଭିତରୁ ଲାଳ ବହି ପଡ଼ିଲା ।

ପଥର ଫିଙ୍ଗାହେଲା ।

ସତରେ ଏତେ ସୁନ୍ଦର ସୁଆଦିଆ ଆମ୍ବକୁ ଏପରି ନିର୍ମମ ଭାବେ ପଥରରେ ପିଟା ଯାଇପାରେ ?

ଆମ୍ବ ଦେହରେ ମାଡ଼ ଲାଗି ଦାଗ ବସିଗଲା—ଅଲିଭା ଦାଗ, କିନ୍ତୁ ଝଡ଼ିଲା ନାହିଁ ।

ଯଦି ଝଡ଼ି ପଡ଼େ ?

ଫାଟି ଯାଇ ମାଟିରେ ମିଶିଯିବ । ମାଟି······

ଛନ୍ଦାକୁ ଭାରି ହସ ମାଡ଼ିଲା । ହସି ହସି ଗଡ଼ି ଗଲା । ତଥାପି ହସଟାକୁ ରୋକି ହେଲା ନାହିଁ । ଅସରନ୍ତି ହସ । ସରଳ ଆଉ ସ୍ୱଚ୍ଛ ହସ ।

ଦର୍ପଣ ଆଗରେ ଠିଆ ହୋଇ ଛନ୍ଦା ଅପଲକ ଆଖିରେ ନିଜର ରୂପଶ୍ରୀକୁ କ୍ଷଣିକ ପାଇଁ ପରଖି ନେଲା । ବେଶ୍ ସୁନ୍ଦର

ରୂପ । ଫୁଲିଲା ଫୁଲିଲା ଗୋଲ ଗୋଲ ଗାଲ । ଚୋ଼ଖତଳ ଭଳ ପୂରିଲା ଦେହ । ଦେହ ଉପରେ ତାଜା ତାଜା ରକ୍ତର ସୁଗଠନ । ମୁଗ୍ଧ ମନ ଶ୍ରେଷ୍ଠ ସୌନ୍ଦର୍ଯ୍ୟ ।

ରୂପ ହିଁ ତାର ଗର୍ବ ।

ରୂପକୁ ନେଇ ଛନ୍ଦା ଗଢ଼େ ନିଜର ବଇଭବ, ଭାଗ୍ୟ ।

ରୂପ ହିଁ ସ୍ୱର୍ଗ ।

ଛନ୍ଦା ତା ଅତୀତକୁ ରୂପ ଦେଇ ଅତ୍ୟନ୍ତ କୌତୁହଳ ଅନୁଭବ କଲା । ଏହି ରୂପ, ଏହି ସ୍ୱାଗ ଦିନେ ଦୁନିଆ ଦାଣ୍ଡରୁ ବଡ଼ ହତାଶ ଓ ବ୍ୟଥିତ ହୋଇ ଫେରି ଆସିଥିଲା । ଅଥଚ ଆଜି · ଏହି ରୂପରୁ କ୍ଷଣିକ ଉପଭୋଗ ପାଇଁ ସେହି ସମ୍ଭ୍ରାନ୍ତ ଯୁବକ ଶହ — ଶହ, ହଜାର— ହଜାର ଟଙ୍କାର ଭେଟି ତା' ପାଦତଳେ ଅଜାଡ଼ି ଦେବାକୁ ଉତ୍କଣ୍ଠିତ...... ପାଗଳ...... ।

ମସ୍ତ ବଡ଼ ପାଗଳଙ୍କ ପରି ହସି ଉଠିଲା ଛନ୍ଦା । ଛନ୍ଦାର ଏ ପ୍ରକାର ଗତି ବିଧିରେ ଅତ୍ୟନ୍ତ ବିସ୍ମିତ ହୋଇ ପଡ଼ୁଥିଲା ଶିଳ୍ପୀ ସଚ୍ଚିଦାନନ୍ଦ । ଥରେ ଥରେ ଭାବୁଥିଲା—ସତରେ ଛନ୍ଦା କଣ ପାଗଳ ହୋଇ ଯାଇଛି ?

ମିଳୁଛି ଦିନୁ ଛନ୍ଦାକୁ ସେ ଦେଖି ଆସିଛି । ବଡ଼ ଶାନ୍ତ ଅତି ସରଳ ଝିଅଟିଏ । ଦିନେ ହେଲେ ମୁହଁ ଖୋଲି ପଦେ କଥା କହି-ବାକୁ ସାହାସ ପାଇ ନ ଥିଲା । କୌଣସି ପୁଅର ନଜର ପଡ଼ିଲେ ତା ମୁଣ୍ଡଟା ଆପେ ଆପେ ନଇଁ ପଡ଼ୁଥିଲା ତଳକୁ । ଅଥଚ ଆଜି···

ତା' ଘର ପାଖ ରାସ୍ତା ଦେଇ ଛନ୍ଦା ଯାଉଥାଏ କଲେଜକୁ । ନିତ ସେ ତାକୁ ଦେଖେ, ହେଲେ ଏକଦାଣି କାହିଁକି ଦିନେ ହେଲେ ସେ ଭାବି ପାରି ନ ଥିଲା —ଛନ୍ଦା ଜଣେ କଲେଜ ଝିଅ । ରାସ୍ତା

ଉପରେ ଗଣ୍ଡାଏ ବହି ଧରି ଏକା ଏକା ଗୁଲି ଯାଉଥିଲା ବେଳେ ଜଣା ଯାଉଥିଲା ସତେ ଯେମିତି କାହା ଘରର ବୋହୂ ପୂଜା ଡାଲି ନେଇ ମନ୍ଦିରକୁ ଯାଉଛି ବଡ଼ ପବିତ୍ର ଓ ଭକ୍ତିଭରା ପ୍ରାଣରେ । ଅଥଚ ......ଦିନ କେତୋଟା ଭିତରେ ତାର ଆସି ଯାଇଛି ଏକ ବିରାଟ ପରିବର୍ତ୍ତନ । ଆଉ ସେହି ପରିବର୍ତ୍ତନୀୟ ବିଷାକ୍ତ ବାୟୁମଣ୍ଡଳ ଭିତରେ ଆଜି ନିଜେ ସଚ୍ଚିଦାନନ୍ଦ ତାର ସମସ୍ତ ମନ ଓ ପ୍ରାଣର ସ୍ୱାତନ୍ତ୍ର୍ୟକୁ ବଳୀ ଦେଇ ପଡ଼ି ରହିଛି—ଠିକ୍ ଯେପରି—ଠେଲା କୁଜା ପାହାଡ଼ ପରି । ଉପରକୁ ଉଠିବାର ଶକ୍ତି ନାହିଁ କି ତଳକୁ ଖସି ଯିବାର ଉପାୟ ମଧ୍ୟ ନାହିଁ ।

ଅଭାବ ଆଉ ଅନାଟନ ତାକୁ ବନ୍ଧି ଆଣିଛି ଏହି ବିଷାକ୍ତ ବାୟୁମଣ୍ଡଳ ଭିତରକୁ । ଦିନ କେତୋଟାରେ ତାର ସମସ୍ତ ଶରୀରର ଶିରା—ପ୍ରଶିରାର ପ୍ରତ୍ୟେକ ରକ୍ତ ବିନ୍ଦୁ ମଧ୍ୟ ବିଷାକ୍ତ ହୋଇ ଉଠିଛି, କିନ୍ତୁ ସେ ମରି ପାରୁ ନାହିଁ । ବଞ୍ଚି ରହିବାର ମୋହ ତାକୁ ମାତାଲ କରି ରଖିଛି ।

ଦିନ ରାତି,—ରାତି ଦିନ ବସି ଅଙ୍କେ ଛବି—ନାନା ରଙ୍ଗର ଛବି, ଅନେକ ଭଙ୍ଗୀର ଛବି । ଗରମ ଗରମ ଚିନାବାଦାମ ପରି ସବୁ ବିକ୍ରି ହୋଇଯାଏ । ସଚ୍ଚି ବଡ଼ ବିସ୍ମିତ ହୋଇ ପଡ଼େ । ସତରେ ଛନ୍ଦାର ରୂପର ମୂଲ୍ୟ ଏତେ ବେଶୀ ? ତା ଜୀବନ ଭିତରେ ସେ ପ୍ରାୟ ଶହେ ଖଣ୍ଡ ନାରୀ ମୂର୍ତ୍ତି ଅଙ୍କିଥିବ, ଅଥଚ ଗୋଟାଏ ସୁଦ୍ଧା ବିକ୍ରୀ ହୋଇ ପାରି ନ ଥିଲା । କିନ୍ତୁ ଛନ୍ଦାର ମୂର୍ତ୍ତି........

ଯେଉଁଠି ଦେଖିବ ଛନ୍ଦାର ଚିତ୍ରପଟ । ପ୍ରତି ପାନ ଦୋକାନରେ ଚା' ଦୋକାନରେ, କୌଣସି କୌଣସି କ୍ରିମ୍, ତେଲ, ଅତର, ସାବୁନ୍ କମ୍ପାନୀର ବିଜ୍ଞାପନ ମାନଙ୍କରେ ଛନ୍ଦାର ଚିତ୍ରପଟ । ଦୁନିଆ ସାରା ଛନ୍ଦାମୟ । ଛନ୍ଦାର ରୂପ ଓ ଯୌବନ ଶ୍ରୀ କୁ ଦୁନିଆଁ ସମ୍ମାନ ଦେଇଛି । ଅଥଚ ଛନ୍ଦା........

ଛନ୍ଦା କଳଙ୍କିନୀ । ରୂପର ବ୍ୟବସାୟୀ । ସାହିର ଝିଅ ବୋହୂ ତାକୁ ଦେଖି ନାକ ଟେକନ୍ତି । ତଥାପି ତାର ରୂପ ଓ ଯୌବନକୁ ଦୁନିଆ ସମ୍ମାନ ଦିଏ । ଅତଏବ ସେ ଅଲୋଡ଼ା ନୁହେଁ । ବଞ୍ଚି ରହିବାର ଅଧିକାର ତା'ର ରହିଛି । କାରଣ ତାର ଆବଶ୍ୟକତା ଅନେକେ ଉପଲବ୍ଧି କରନ୍ତି ।

ଝିଅ ମଲେ ବୋଉ କାନ୍ଦେ ।

ବୋଉ ମଲେ ବାପା ଝୁରେ ।

ବାପା ମଲେ ପୁଅ ପିଣ୍ଡ ଦିଏ ।

ପୁଅ ମଲେ ବୋହୂ ଭାଙ୍ଗେ ତା'ହାତର ଚୂଡ଼ି ।

ଆଉ ଛନ୍ଦା ମଲେ ?

ଦୁନିଆ କାନ୍ଦିବ । ପାନବାଲା ଝୁରି ହେବ । ଗୁଁ ଦୋକାନୀ ବାହୁନି ହେବ, "ଆହା ! କେଡ଼େ ସୁନ୍ଦର ଝିଅଟିଏ ସତେ ! ଆଉ ଦିନ କେଇଟା ବଞ୍ଚି ରହିଥା'ଆନ୍ତାକି ।" ଆଉ ସାବୁନ୍, ଅତର କଂପାନୀ ବାଲା ତା ସମାଧି ଉପରେ ପୁଷ୍ପାଞ୍ଜଳି ଅର୍ପଣ କରି କହନ୍ତା, ତୁମ ରୂପ-ରସ-ଗନ୍ଧ ଯେମିତି ଦୁନିଆର ପ୍ରତି ଗଳି କନ୍ଦରେ ମହକ ଉଠି ସମସ୍ତଙ୍କୁ ମାତାଲ କରି ପାରିଥିଲା—ଠିକ୍ ସେମିତି ମୋ କମ୍ପାନୀର ମାଲ ସମସ୍ତଙ୍କର ପ୍ରିୟ ହେଉ । ଏମିତି କେତେ କ'ଣ ଭାବି ଭାବି ବଢ଼ି ପାଗଳଙ୍କ ପରି ଠୋ-ଠୋ-ହୋଇ ହସି ଉଠିଲା ଶିଳ୍ପୀ ସଚ୍ଚିଦାନନ୍ଦ । ସେଇ ହସର ଲହରୀ ଘରର ପ୍ରତ୍ୟେକ କନ୍ଦିକନ୍ଦରେ ଖେଳି ଯାଇ ପ୍ରତିଧ୍ୱନିତ ହେବାକୁ ଲାଗିଲା ।

ଛନ୍ଦାର ନିଦ ଭାଙ୍ଗିଗଲା ।

ଆଖି ଖୋଲି ଦେଖିଲା—ସଚ୍ଚିଦାନନ୍ଦ ଚୌକି ଉପରେ ବସି ବଢ଼ି ପାଗଳଙ୍କ ପରି ଠୋ-ଠୋ ହୋଇ ହସୁଛି । ହାତରୁ ତୂଳି

ଝଣ୍ଟିର ଝାପିଫଡ଼ି ତଳେ ଗଡ଼ୁଛନ୍ତି । ରଙ୍ଗ ଗୁଡ଼ାକ ଗୁହଁଅଡ଼େ ଖଣ୍ଡିଆ ହୋଇ ପଡ଼ୁଛି । ଚିତ୍ରପଟଟି ମୁହଁମାଡ଼ି ହୋଇ ତଳେ ଗଡ଼ୁଛି ।

ଛନ୍ଦା ସାମାନ୍ୟ ରାଗିଯାଇ କର୍କଶ କଡ଼ା କଣ୍ଠରେ କହିଲା, କଳିକା ପ୍ରତି ଏତେ ଅବହେଳା କର ନାହିଁ ଶିଳ୍ପୀ ?

ଶିଳ୍ପୀ ପ୍ରକୃତସ୍ଥ ହୋଇ ନିଜକୁ ବଡ଼ ଅପରାଧୀ ମନେ କଲା ।

ଛନ୍ଦା ଚିତ୍ରପଟଟିକୁ ଉଠାଉ ଉଠାଉ କହିଲା, "ଦଶ ଦିନ ହେଲାଣି ଏ ଛବି ଝଣ୍ଟିକ ଶେଷ ହୋଇ ପାରିଲା ନାହିଁ ? କାଲି ସକାଳ ସାତଟାରେ ଏ ଛବି ଝଣ୍ଟିକ ଦେବାକୁ ପଛ ଜବାବ କରିଛ ?

ହଁ ।

କିନ୍ତୁ, ଗୁଡ଼ାଏ କାମ ଯେ ବାକୀ ରହିଛି ?

ବଡ଼ ବ୍ୟର୍ଥତାର ସହ ଉତ୍ତର ଦେଲା ସଚ୍ଚି—'ହଁ, ସେମିତି ବାକୀ ହୋଇ ରହିବ ।'

ମାନେ ?

ମୋ ଜବାବ ମୁଁ ଫେରାଇ ଆଣିବି ।

କାହିଁକି ?

ପାରିବି ନାହିଁ ?

ପାରିବ ନାହିଁ ? ବଡ଼ ବିସ୍ମିତ ହୋଇ ଉଠିଲା ଛନ୍ଦା ।

ତୁମେ ଆଶ୍ଚର୍ଯ୍ୟ ବୋଧ କରୁଛନା ଛନ୍ଦା ? ହଁ, ଆଶ୍ଚର୍ଯ୍ୟ ହେବା କଥା । ସଚ୍ଚିଦାନନ୍ଦ ପରି ଶିଳ୍ପୀ ଆଜି ତୁଳୀ ତୋଳିବାକୁ ଭୟ କରୁଛି । ସାହସ ହରାଇଛି । ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ୁଛି । କାରଣ......," କଣ୍ଠତାର ଥର ଉଠିଲା । ବାକ୍‌ଶକ୍ତି ଉଭେଇ ଗଲା । ଖାଲି କାନ୍ଦ ମାଡ଼ିଲା । ସତକୁ ସତ କାନ୍ଦି ଉଠିଲା ଗୋଟେ ଛୁଆଙ୍କ ପରି, କିନ୍ତୁ ମନ କଥା ଖୋଲି କହି ପାରିଲା ନାହିଁ । ଉଠି ଚାଲିଗଲା ବାଡ଼ି ବଗିଚା ଭିତରକୁ ।

ଛନ୍ଦା କ୍ଷଣିକ ପାଇଁ ଅବାକ ହୋଇ ଅନାଇ ରହିଲା ।

ସଚ୍ଚିଦାନନ୍ଦ ଗଭୀର ଚିନ୍ତାମଗ୍ନ ହୋଇ ବସି ରହିଲା ଭଗ୍ନ ମନ୍ଦିର ଗୋଟିଏ ସିମେଣ୍ଟ ଚଟାଣ ଉପରେ ।

ଛନ୍ଦା ଭାବି ନେଲା ଆକାଶ ପାତାଳ କେତେ କ'ଣ ।

ଯୁବକ ଶିଳ୍ପୀ ସଚ୍ଚିଦାନନ୍ଦ । ଅବିବାହିତ ମଧ୍ୟ । ଛନ୍ଦାର ଅନ୍ତର ଭିତରଟା ଶୀତେଇ ଉଠିଲା ଅଜଣା ଆତଙ୍କରେ ।

ସିଏ ଯେମିତି ବସି ରହିଥାଏ ବଗିଚା ଭିତରେ । ମୁଣ୍ଡ ଉପରେ ମଉଳା ଜହ୍ନ — କଳା, ଧଳା ବାଦଲର ଫାଙ୍କେ ଫାଙ୍କେ ଲୁଚକାଳି ଖେଳି ଖେଳି ଭାସି ଯାଉଥିଲା ଦୂରରୁ ବହୁତ ଦୂରକୁ ।

ଛନ୍ଦାକୁ ଭାରି ହସ ମାଡ଼ିଲା । କଳା ବାଦଲ ଚାହୁଁଥିଲା ଜହ୍ନକୁ ନିଜ ଛାତି ଭିତରେ ଲୁଚାଇ ରଖିବ । ଧଳା ବାଦଲ ଚାହୁଁଥିଲା-ଜହ୍ନକୁ ନିଜ ଘରର ବୋହୂ କରି ନେଇ ଯିବ । ଜହ୍ନ କିନ୍ତୁ ତାହାଙ୍କୁ ଧରା ନ ଦେଇ ଖସି ଚାଲି ଗଲା-ହସି-ହସି, ନାଚି କୁଦି, ଖେଳି ଖେଳି । ପୁଣି ଥରେ ହସି ଉଠିଲା ଛନ୍ଦା-ବଡ଼ ପାଟିରେ— ଅତି ଉଲ୍ଲାସ, ସଙ୍ଗୀତ ଓ ଶୃଙ୍ଗାର ସହ ।

ଜହ୍ନଟା ଭାସିଗଲା ଦୂରରୁ ବହୁତ ଦୂରକୁ, କାହାର ବାଧା-ବନ୍ଧନ ବା ମାୟା-ମମତାକୁ ନ ମାନି—ନାଗମଲ୍ଲୀ ପାହାଡ଼ର ପଛ ପଟକୁ ।

ରତ୍ନାଦେବୀ କ'ଣ ସମ୍ମାନ ଦେଇ ଶିଖି ନାହାନ୍ତି ?

ହାକିମଙ୍କ ସ୍ତ୍ରୀ ଶ୍ରୀମତୀ ଭାନୁମତୀଙ୍କର ଏପରି ଏକ ଅଦ୍ଭୁତ ପ୍ରଶ୍ନରେ ବଡ଼ ବିଚଳିତ ହୋଇ ପଡ଼ିଲା ସୁକାନ୍ତ । ସତରେ ରତ୍ନା କ'ଣ ହାକିମାଣୀଙ୍କୁ ସମ୍ମାନ ଦେଇ ପାରିଲା ନାହିଁ ? ସତରେ ରତ୍ନା ଭଳି ଗୋଟିଏ ଶିକ୍ଷିତ ଝିଅ ଏହା କେବେ କରି ପାରେ ?

ସୁକାନ୍ତ ବିଶ୍ୱାସ କରି ପାରିଲା ନାହିଁ । ରତ୍ନାକୁ ତାର ସେ ପିଲା ଦିନରୁ ଦେଖି ଆସିଛି । ବଡ଼ ଶାନ୍ତ ତାର ପ୍ରକୃତି । ପଦେ କଥାରେ ପରକୁ ସେ ଖୁବ୍ ଆପଣାର କରି ପାରେ । ଅଥଚ......

ସୁକାନ୍ତ ଫାଇଲ୍ କେତେଟା ପେଶ୍ କଲା ହାକିମଙ୍କର ଆଦେଶ ପାଇଁ, କିନ୍ତୁ ବଡ଼ ହତାଶ ହେବାକୁ ପଡ଼ିଲା । ମନ ଭିତରେ ତାର ଝଞ୍ଜା ବହିଗଲା ।

ପ୍ରତ୍ୟେକ କଥାରେ ହାକିମ ଚାହୁଁଥିଲେ ସୁକାନ୍ତର ସୁପାରିଶ୍, ମତାମତ ଓ ସମାଲୋଚନା । ଅଥଚ ଆଜି......

ଫାଇଲ ର ମନ୍ତବ୍ୟ ଫର୍ଦ୍ଦରେ ହାକିମ ଲେଖି ଦେଲେ —

ମୁଁ ନିଜେ ଜାଣେ, ଦାସୁରୁ ଜାନୀର ଋଣ ପରିଶୋଧ କରିବାର ସମ୍ବଳ ନାହିଁ । ଦ୍ୱିତୀୟରେ ତାର ଚରିତ୍ର ଅତ୍ୟନ୍ତ ଖରାପ । ପକ୍କା ନିଶାଖୋର । ମଦ ଖାଇ ଚାରି ଥର ସଜା ପାଇଲାଣି । ଅଥଚ ତା'ର ସପକ୍ଷରେ, କେଉଁ ସାହସରେ ଋଣ ମଞ୍ଜୁର କରିବା ପାଇଁ ସୁପାରିଶ୍ କରି ପାରିଛ, ତା'ର କୈଫିୟତ ଦୁଇ ଦିନ ମଧ୍ୟରେ ଦେବାକୁ ହେବ ।

ବାସ୍ତବିକ ବଡ଼ ମର୍ମନ୍ତୁଦ ଆଦେଶ ।

ପୁଣି ଥରେ ସୁକାନ୍ତ ନିଜର ମତାମତ ଏ କୈଫିୟତ ମନ୍ତବ୍ୟ ଫର୍ଦ୍ଦଟିରେ ପ୍ରକାଶ କଲା, "ଗରିବ ଚାଷୀମାନଙ୍କୁ, ବିଶେଷତଃ ଆଦିବାସୀ କୃଷକମାନଙ୍କୁ ଋଣ ଦେଇ ସେମାନଙ୍କ ଅର୍ଥନୈତିକ ଅନାଟନକୁ ଦୂର କରିବା କୃଷି ଋଣ ଯୋଜନାର ପ୍ରଧାନ ଉଦ୍ଦେଶ୍ୟ ହୋଇ ଥିବାରୁ ଦାସୁରୁ ଜାନୀ ସପକ୍ଷରେ ଅଫିସ ତାର ମତ ଦେଇଥିଲା ।

ଅଫିସ ମତାମତକୁ ନେଇ ଅଫିସର ଚାଲି ପାରେନା, ଚାଲିବା ପାଇଁ ଅଫିସ ବାଧ୍ୟ କରି ପାରିବ ନାହିଁ । ବାଧ୍ୟ କରିବା ପାଇଁ ତାର ଅଧିକାର ମଧ୍ୟ ନାହିଁ । ଖୁବ୍ ବଡ଼ ପାଟିରେ ଜଣାଇଲେ ହାକିମ ଶ୍ରୀ ପ୍ରାଣନାଥ ବାବୁ ।

ସୁକାନ୍ତ ଶିଥିଳ ହୋଇ ପଡ଼ିଲା ।

ହାକିମ ରାଗିଛନ୍ତି ।

କାହିଁକି ?

ସୁକାନ୍ତ ଥିଲା ହାକିମଙ୍କର ସବୁ । ସୁକାନ୍ତର କଲମ ଚାଲିଛି ହାକିମଙ୍କର ହୁକୁମ । ଅଥଚ......

ସୁକାନ୍ତର ମନ ବଡ଼ ଅସ୍ଥିର ହୋଇ ଉଠିଲା । କାମ କରିବାକୁ ଆଗ୍ରହ ହେଲା ନାହିଁ । ଫାଙ୍କା ଫାଙ୍କାରେ ସେ ଦିନଟା କଟିଗଲା ।

ଦାସୁ ରୁ ଜାନୀ ଆସି ବୁଝିଲା, "ବାବୁ, ମୋ ଋଣ ଦରଖାସ୍ତ କ'ଣ ହେଲା ! ଟଙ୍କା କେବେ ପାଇବି ?

ନା,

କାହିଁକି ବାବୁ । ମୋର ଦୋଷ ?

ତୁ ବହୁତ ମଦ ଖାଉ ।

କାହିଁକି, ଆମ ଗାଁ ନାହାକ ପୁଅ କ'ଣ କମ୍ ମଦ ଖାଏ ? ମଦ ଖାଇ ପଣ୍ଡ ସେ ମଣିଷ ମାରୁଛି । ଅଥଚ ସେ ପାଇଲା ଋଣ, ଆଉ ମୋର ବେଳକୁ... । ହେଉ ନ ଦିଅ ହେ । ତୁମ ଋଣକୁ କିଏ ଏତେ ଚାହିଁ ବସିଛି ଯେ ଏତେ ଖୋସାମୋଦ । ଦାସୁରୁ ଜାନୀ ଫେରିଗଲା ରାଗରେ ଗରଗର ହୋଇ ।

ସୁକାନ୍ତ ମନେ ମନେ ଭୀଷଣ ପ୍ରମାଦ ଗଣିଲା । ଦଉଁ ଦେବତାଙ୍କୁ ବଡ଼ ଅକୁଳ ଓ ବିକଳରେ ଡାକ୍ତ ବର୍ତ୍ତମାନର ଯୁଗ ଯାହା ହେଲାଣି, ଜନସାଧାରଣ ସ୍ତିରିବା ମାନେ ବିଶେଷତଃ ଗୃହକର୍ତ୍ତାଙ୍କର ଭାରି ବିପଦ ।

ନାନା କଥା ଭାବି ସୁକାନ୍ତର ଗୁଡ଼ ଭିତରଟା ହାଣଖିଆ ସାପ ପରି ଛଟପଟ ହେଲା ବଡ ଅକୁଳ ଓ ବିକଳରେ ।

ଭାବିଲା ଏଇ ସମସ୍ତ ପରିବର୍ତ୍ତନର ମୂଳରେ କେବଳ ବନ୍ୟା ।

ହୁଁ, ରତ୍ନା—ତାର ଭାବି ସ୍ତ୍ରୀ ।

ରତ୍ନା ଶିକ୍ଷିତା । ରତ୍ନା ଆଧୁନିକା । ରତ୍ନା ମନ କଣ' ଏତେ ଶ୍ଳେଷ୍ଠ ହୋଇପାରେ ?

ରତ୍ନା ଖୁବ୍ ବଡ଼ ଲୋକର ଝିଅ । ବାପା ତାର ଦୁଇ ଖଣ୍ଡ ଗାଁର ମାଲିକ । ସେହି ବିଶାଳ ସମ୍ପତ୍ତିର ଏକମାତ୍ର ଉତ୍ତରାଧିକାରିଣୀ ଏହି ରତ୍ନା । ରତ୍ନାର ଏତେ ଶ୍ଳେଷ୍ଠ ମନୋବୃତ୍ତି ହୋଇ ନ ପାରେ । ରତ୍ନା ଜାଣେ ପରକୁ ଆଦର କରି । ବେଶ୍ ସମ୍ମାନ ଦେଇ ଶିଖିଛି । ଅଥଚ ହାକିମାଣୀ.....

ରତ୍ନା କ'ଣ ବଡ଼ ଲୋକର ଆତ୍ମ ଗର୍ବ ଦେଖାଏ । ଆଉ ସେହି ଆତ୍ମଗର୍ବରେ ଶ୍ରୀମତୀ ଭାନୁମତୀ ଅପମାନିତା ? ଆଉ ସେହି ଅପମାନର ପ୍ରତିଶୋଧ ସ୍ୱରୂପ ହାକିମଙ୍କର କଡ଼ା ହୁକୁମ୍ ?

ରତ୍ନାର କୈଫିୟତ ଲୋଡ଼ିଲା ସୁକାନ୍ତ ।

ରତ୍ନା କୈଫିୟତ ଥିଲା ଅତ୍ୟନ୍ତ କଡ଼ା । "ତୁମେ ଠିକା କେଇଟାକୁ ମୁଣ୍ଡ ବିକିଛ ବୋଲି କ'ଣ ତୁମର ବାପା-ବୋଉ, ଅଜା, ଆଈ, ଭାଇ-ବନ୍ଧୁ ସମସ୍ତେ ତାଙ୍କ ହୁକୁମ୍‌କୁ ମାନିବେ ? ତୁମେ ମୁଣ୍ଡ ନୁଆଁଅ ବୋଲି କ'ଣ ତୁମର ଜାତି, କୁଳ-କୁଟୁମ୍ବ ସମସ୍ତେ ମୁଣ୍ଡ ନୁଆଇଁ ଆଜ୍ଞା ହଜୁର କହିବେ ? ବିଶେଷତଃ ହାକିମାଣୀ, ତାଙ୍କର ବା କୋଉ ଅଧିକାର ଥିଲା ଯେ ଆମ ଦୁହିଁଙ୍କ ବନ୍ଧୁତ୍ୱ, ସ୍ନେହ ଓ ସମ୍ପର୍କ ଉପରେ ହାକିମଗିରି ଦେଖାଇବେ ? ମୁଁ ବା କାହିଁକି ତାଙ୍କର ହୁକୁମ ମାନିବି ? ସେ ମୋର କିଏ ?

ରତ୍ନାର ଯୁକ୍ତି ଅବଶ୍ୟ ଅସଙ୍ଗତ ନୁହେଁ । ତଥାପି କୁମ୍ଭୀରରେ ଘର କରି ରହିବାକୁ ହେଲେ ସାହିର ବୁଲା କୁକୁରକୁ ମଧ୍ୟ ଭୟ କରିବାକୁ ହେବ ।

ବଡ଼ ନରମ ଆଉ ଦରଦ କଣ୍ଠରେ, ଠିକ ଛୁଆଙ୍କୁ ବୁଝାଇଲା ପରି ବୁଝାଇ କହିଲା ସୁକାନ୍ତ, "ତୁମର ଯୁକ୍ତିକୁ ମୁଁ ସ୍ୱୀକାର କରୁଛି

ହେଲେ, ଗୃହକର୍ତ୍ତ୍ରୀ ଉପରେ ଭରସା ରଖି ଯେତେବେଳେ······

ଗୃହକର୍ତ୍ତ୍ରୀ ଗଲେ ଆମର ଘର ଅଛି । ବିଶାଳ ସମ୍ପତ୍ତି । ଏକ ମାତ୍ର ଉତ୍ତରାଧିକାରିଣୀ ମୁଁ । ଆମର ଅଭାବ କଣ ?

ରତ୍ନାର ଏହି ଅହଂକାରରେ ବଡ଼ ଅପମାନିତ ବୋଧକଲା ସୁକାନ୍ତ । ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗରେ ବଜ୍ରାଘାତ ଅନୁଭବ କଲା । ବଡ଼ ଲୋକର ଝିଅ ବୋଲି ରତ୍ନାର ବଡ଼ ଗର୍ବ । ବଡ଼ ଅହଂକାର ।

ଗ୍ଲେଟ ମିଛି ମିଛି ତାଷ୍ଟ ।

ରୁପା ଥାଳିଆ ପରି ଜହ୍ନ ।

ତାରତମ୍ୟ ଅନେକ । ସେ ଦୁହିଁଙ୍କର ମେଳ ଅସମ୍ଭବ । ଯଦି ହୁଏ, ଅମାବାସ୍ୟାର ଘନ ଅନ୍ଧକାର ଭିତରେ ଦୁହେଁ ଅନୁତାପ କରିବାକୁ ହେବ । ତଥାପି ଆଶା······ଆଶାର ଶକ୍ତି ଅନେକ ।

ଆଶା ମଣିଷର ମନରେ ଅସୀମ ସାହସ ଦେଇ ବାଟ ଚଲାଏ । ବାଡ଼ି ଖଣ୍ଡିକରେ ସମସ୍ତ ଶରୀରର ବୋଝକୁ ଲଦି ଦେଇ ମଣିଷ ବାଟ ଚାଲେ । ବାଡ଼ି ଯୋଉଠି ପଡ଼େ, ମଣିଷର ପାଦ ସେଇଠି ଲାଗେ । ବାଡ଼ିକୁ କିନ୍ତୁ ବାଧେ ନା ଖାଲ—ଢ଼ିପ, କଣ୍ଟା—ଖୁଅଁର କୌଣସି ଜଳଣି । ପାଦକୁ ବାଧେ । କଣ୍ଟା ଗଳି ଯାଇ ରକ୍ତ ବହେ । ଘା' ହୁଏ । ବାଟ ଚାଲି ପାରେନା । ଥକା ମାରି ବସି ପଡ଼େ । ତଥାପି ବାଡ଼ିର ସାହା ତାର ଲୋଡ଼ା । ନଚେତ୍ ସେ ନାଚାର ।

ଶାନ୍ତିର ସଫା ଗୃହ ତଳେ ଚିନ୍ତାମଗ୍ନ ଶିଳ୍ପୀକୁ ଦେଖା ଦେଲା ଛନ୍ଦା—ଛବିଗ୍ରୁ ମନ୍ଦିର ପୋଖରୀ କୂଳେ ।

ସଚ୍ଚିଦାନନ୍ଦ ବଡ଼ ବିସ୍ମିତ ହୋଇ ଉଠିଲା । ସେ ଦିନେ ହେଲେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥିଲା—ଛନ୍ଦାକୁ ହଠାତ୍

ଏପରି ଗୋଟାଏ ବେଶରେ ସେ ଦେଖିବାକୁ ପାଇବ ବୋଲି । ତାର ସମସ୍ତ ଶରୀର ପ୍ରାୟ ମୁକୁଳା । ଚନ୍ଦ୍ରର ଜ୍ୟୋତ୍ସ୍ନାତଳେ ତା ଫୁଲିଲା ଫୁଲିଲା ଅଙ୍ଗ-ପ୍ରତ୍ୟଙ୍ଗରେ ଯୌବନର ଅଭ୍ର ବଡ଼ ଲୋଭନୀୟ ରୂପରେ ଝଲକି ଉଠିଲା । ସଚ୍ଚିର ଇଚ୍ଛା ଥିଲା—ଠିକ୍ ଏଇ ରୂପ, ଏଇ ଭଙ୍ଗୀ । ମନ କଥା ଛନ୍ଦା ଜାଣିଲା କେମିତି ?

ଗୁଣୁ ଗୁଣୁ କଣ୍ଠରେ ଗୀତ ଗାଇ ଗାଇ ସ୍ନାନ କରୁଥିଲା ଛନ୍ଦା । ତା ଗୀତର ପ୍ରତି ଛନ୍ଦେ ଛନ୍ଦେ ଫୁଟି ଉଠୁଥିଲା—ମତ୍ତ ଯୌବନର ଏକ ଅମ୍ଳ ନିବେଦନ । ଗୀତର ସୁର ଥିଲା ଅତ୍ୟନ୍ତ କରୁଣ । ପଥର ମଧ୍ୟ ପାଣି ହୋଇ ସେ ଗୀତର ତାଳ ସହ ତାଳ ମିଶାଇ ଝରିଯିବ । ....

ସଚ୍ଚିର ଅନ୍ତର ଭିତରଟା ସେହି ରୂପ-ରସ-ଗନ୍ଧରେ ଉନ୍ମତ୍ତ ହୋଇ ଉଠିଲା । ବନ୍ଧ ଉପରକୁ ଚଢ଼ି ଆସି ହାତ ବଢ଼ାଇ ଡାକିଲା, 'ଛନ୍ଦା !'

ଛନ୍ଦା ଏକ ଅଭିନୟ ଭଙ୍ଗୀରେ ଫେରି ଚାହିଁ ସାଦର ସମ୍ବୋଧନର ଉତ୍ତର ଦେଲା—'ହୁଁ'

ସଚ୍ଚିର କଣ୍ଠରୁ ଭାଷା ସ୍ଫୁରିଲା ନାହିଁ । କ୍ରମକ୍ରମେ ଶୁଖି ଶୁଖି ଆସିଲା । କେ ଜାଣି କାହିଁକି ତା ଛାତି ଭିତରଟା ଏକ ଅଜଣା ଆତଙ୍କରେ ଶୀତେଇ ଉଠିଲା । ତାର ମନ କିନ୍ତୁ ତାକୁ ଇଙ୍ଗିତ ଦେଉଥିଲା—ପୋଖରୀ ପାଣିରେ ଲମ୍ଫ ଦେବାକୁ । ମାଛ ପରି ପାଣି ଭିତରେ ପହଁରିବାକୁ ।

ଛନ୍ଦା ଲାଜ ଓ ସରମର ଅଭିନୟ ଦେଖାଇ ମୁହଁଟିକୁ ଫେରାଇ ନେଲା । ଫେରାଇ ନେଲା ବେଳେ କିନ୍ତୁ ତାର ବଙ୍କ ଚାହାଣୀ ସଚ୍ଚିର ହୃଦୟକୁ ଦୋହଲାଇ ଦେଲା ।

ସଞ୍ଜିର ମନ ବଡ଼ ତୃଷିତ ହୋଇ ଉଠିଲା । ଅଞ୍ଜଳିରେ ତାର ସମସ୍ତ କାମ୍ୟ କୌଣସି ଏକ ମାୟାରେ ମନ୍ତ୍ରମୁଗ୍ଧ ହୋଇ ପୋଖରୀର ନୀଳ ପାଣିରେ ଲମ୍ଫ ଦେଲା । ଗୁଡ଼ାଏ ଲହରୀ ଖେଳି ଖେଳି କୂଳରେ ମିଳେଇ ଗଲା ।

ଛନ୍ଦା ବଡ଼ ପାଟିରେ ଚିତ୍କାର କରି ଖୁବ୍ ଜୋରରେ ପେଲି ଦେଲା ସଞ୍ଜିର ପତଳା ତନୁକୁ । ସଞ୍ଜି ହୁଡ଼ରି କାଦୁଅଙ୍କ ଉପରେ ଲଥ୍‌କିନା ପିଚ୍ଛି ତହାଇଗଲା । ତା ଦେହରୁ ଗୋଟାକ ଯାକ କାଦ ପଙ୍କରେ ବୋଳି ହୋଇଗଲା । ବେଙ୍ଗଟାଏ ଫକ୍ କିନା ତା ମୁହଁ ଉପର ଦେଇ ଡେଇଁ ପଡ଼ିଲା ପାଣି ଭିତରକୁ । ଛନ୍ଦାକୁ ହସ ମାଡ଼ିଲା । ହସି ଉଠିଲା ଖୁବ୍ ବଡ଼ ପାଟିରେ ଖିଲ ଖିଲ ହୋଇ ।

ସଞ୍ଜି ନିଜକୁ ଅପମାନିତ ମନେକରି ଅତ୍ୟନ୍ତ ଲଜ୍ଜିତ ହୋଇ ପଡ଼ିଲା ।

ଛନ୍ଦା ମରକା ହସରେ ସଞ୍ଜିର ମନକୁ ସାନ୍ତ୍ୱନା ଦେଇ ହାତ ଠାରି ଦେଖାଇ ଦେଲା ଆକାଶର ଜହ୍ନକୁ ।

ଶରତର ସ୍ୱଚ୍ଛ ଆକାଶ ଉପରେ ରୁପା ଥାଳିଆ ପରି ଜହ୍ନ ଭାସି ଯାଉଥିଲା ଦୂରକୁ—ବଡ଼ ହରଷ ଆଉ ସରସ ମନରେ । କିନ୍ତୁ......

ଏଡ଼େ ସୁନ୍ଦର ଜହ୍ନ ମୁହଁରେ ସେଇଟାଏ କଳଙ୍କ ।

ବୋକାଙ୍କ ପରି ବଲ ବଲ ଅନାଇ ରହିଲା ସଞ୍ଜି..........

ସିନ୍ଦୁରା ଫାଟିଲା ।

ଉଜାଗରରେ ଶିଳ୍ପୀର ସାରା ରାତି ଚାଲି ଅଙ୍କନରେ ବିତିଗଲା । ଛନ୍ଦା ନିଦରୁ ଉଠି ଅସଜା, ବାସି ଲୁଗାରେ ପ୍ରବେଶ କଲା ଶିଳ୍ପୀର କକ୍ଷ ଭିତରକୁ । ଶିଳ୍ପୀ ଚୌକି ଉପରେ ଆଉଜା ପଡ଼ି, ସେମିତି କାଦ-ପଙ୍କ ବୋଳା ଭଙ୍ଗିରେ ଡେଇଁ ଭଳିଛି ।

ସମ୍ମୁଖରେ ସଦ୍ୟ ଅଙ୍କିତ ଏକ ଉଲଗ୍ନ ନାରୀ ମୂର୍ତ୍ତି । ଠିକ୍ ଛନ୍ଦାର ରୂପ । ସେଇ ଯୋଖଣ୍ଡ । ସେହି ଆକାର । ସେଇ କହ୍ନ ଆଉ ଫୁଲର ଭଙ୍ଗିମା ।

ଭାରି ଚମତ୍କାର ଦେଖା ଯାଉଥିଲା ଛବି ଖଣ୍ଡିକ । କିନ୍ତୁ ଛନ୍ଦାର ମନକୁ ପାଇଲା ନାହିଁ । କହିଲା, "ଭୁଲ ହୋଇଗଲା ଶିଳ୍ପୀ ।"

ଶିଳ୍ପୀ ଚମକି ପଡ଼ି ଫେରି ଆସିଲା ବାସ୍ତବ ଜଗତକୁ, ଛନ୍ଦା ଶିଳ୍ପୀର ମତାମତ ବା ଆଦେଶକୁ ଅପେକ୍ଷା ନ କରି ହଠାତ୍ ତୁଳୀ ଖଣ୍ଡିକ ଉଠାଇ ଛବିର ମୁହଁ ଉପରେ ଟାଣି ଦେଲା ଗୋଟାଏ କଳା ରଙ୍ଗର ଦାଗ ।

ବଡ଼ ମର୍ମାହତ ହୋଇ ଚିତ୍କାର କଲା ଶିଳ୍ପୀ, "ଏଁ, ଏ ତୁମେ କ'ଣ କଲ ଛନ୍ଦା ?"

ଛନ୍ଦା ହସି ଦେଇ ଚାଲିଗଲା ଘର ଭିତରକୁ ।

ରବିକୁ ଭାରି ବାଧିଲା । ତା ଜୀବନର ସମସ୍ତ ସଂଚିତ ଆଶା ଏକାଠି ହୋଇ ରୂପ ପାଇଥିଲା ସେଇ ଛବି ଖଣ୍ଡିକରେ । ସେ ଖଣ୍ଡିକ ଆଙ୍କି ସେ ଭୁଲି ଯାଇଥିଲା ତାର ସମସ୍ତ ଦୈନ୍ୟ ଓ ଅନାଟନ ମୟ ଅତୀତ । ଅତୀତକୁ ପଛରେ ଫୋପାଡ଼ି ଦେଇ ସେ ପାଉଥିଲା ସେ ଛବି ଖଣ୍ଡିକରେ ଏକ ଅପୂର୍ବ ଆନନ୍ଦ ଓ ଆତ୍ମ ତୃପ୍ତି । ସତରେ ଏତେ ସୁନ୍ଦର ଛବିଟାକୁ ଏପରି ବିକୃତ କରି ଦେବାପାଇଁ ଛନ୍ଦାର ହାତ ଉଠିଲା କେମିତି ? ସେ ଛବିର ସୃଷ୍ଟି ମୂଳେ ଥିଲା ଛନ୍ଦାର ଉତ୍ସାହ ଆଉ ପ୍ରେରଣା । ଅଥଚ ତାରି ହାତରେ...

ରବିକୁ ଭାରି ଦୁଃଖ ଲାଗିଲା । ତା ଜୀବନ ଭିତରେ ସେ ଗୁଡ଼ାଏ ଛବି ଆଙ୍କି ପାରିଛି; ଅଥଚ କୌଣସି ଗୋଟାଏ ଛବି ପ୍ରତି

ତାର ମମତା ଆସି ନ ଥିଲା । କିନ୍ତୁ ରୂପସୀ ଛନ୍ଦାର ସେହି କଳଙ୍କ ଛବି ପ୍ରତି ତାର ପ୍ରଗାଢ଼ ସ୍ନେହ ଆସି ଯାଇଥିଲା । ତା ଅନ୍ତର ଭିତରର ଅତୃପ୍ତି ଆତ୍ମାକୁ ସେ ଦେଇ ପାରୁଥିଲା ସାନ୍ତ୍ୱନା ।

ସଞ୍ଜିର ଅନ୍ଧ ଦାଣ୍ଡଟି ଛଳ ଛଳ ହୋଇ ଆସିଲା ।

ଛନ୍ଦାର ରୂପ-ରସ-ଗନ୍ଧ ତାକୁ ଅନ୍ଧ କରି ଟାଣି ଆଣିଥିଲା ଏଇ ବିଷାକ୍ତ ବାୟୁ ମଣ୍ଡଳ ଭିତରକୁ । ବିଷ ପବନରେ ହନ୍ତ-ସନ୍ତ ହୋଇ ମଧ୍ୟ ଛନ୍ଦାର ରୂପକୁ ସେ ସମ୍ମାନ ଦେଉଥିଲା । ରୂପର ପୂଜାରୀ ସେ ; କିନ୍ତୁ ଗୁଣର ନୁହେଁ । ସେଇଥିପାଇଁ ସେ ସ୍ନେହ କରି ବସିଲା ଛନ୍ଦାକୁ । ଅତି ସ୍ନେହ କରି ବସିଲା ବୋଲି ଦୁନିଆର ସମସ୍ତ କିଛି ଲାଞ୍ଛନା, ଘୃଣା ଓ ଅପବାଦକୁ ସେ ସୁନାପୁଅଟି ପରି ମୁଣ୍ଡ ନୁଆଁଇ ବରଦାସ୍ତ କରି ପାରୁଥିଲା । ତା'ର ନୈତିକ ପତନକୁ ମଧ୍ୟ ସେ ଭ୍ରୂକ୍ଷେପ ନ କରି, ହସି ହସି ତା'ର ଭଣ୍ଡତା ସ୍ୱୀକାର କରି ତାର ଅତି ଆପଣାର ପରି ସେ ଧରି ବୁଲିଲା । ତାର ସହାଗ ବୋଲା ଡାକରେ ନିଜକୁ ସେ ବଡ଼ ଗର୍ବ ଅନୁଭବ କରୁଥିଲା , ଅଥଚ ଛନ୍ଦା ......

ଆଖିର ଲୁହ ମୁହଁ ଉପରକୁ ଲମ୍ବି ପଡ଼ିଲା ।

ରତ୍ନାର ଗର୍ବ ଓ ଅଭିମାନରେ ବଡ଼ ବିବ୍ରତ ହୋଇ ପଡ଼ିଲା ସୁକାନ୍ତ । ଯେତେ ବୁଝାଇ କହିଲେ ମଧ୍ୟ ରତ୍ନା ମାନିଲା ନାହିଁ ।

ପୂର୍ବ ପରି ରତ୍ନାର ଦେଖା ସାକ୍ଷାତ ବି ଏକ ପ୍ରକାର ବନ୍ଦ ହୋଇଗଲା । ବିଶେଷତଃ ବଡ଼ଲୋକୀର ଅମୂଗର୍ବ ଅପୂର୍ଣ୍ଣ ରଙ୍ଗିନ ଅଭିଳାଷରେ ରତ୍ନା ଅଟଳ ଜିଦ୍ କରି ବସିଲା- କଲ୍ୟାଣୀ ଗୃହକୁ ଛାଡ଼ ଦେବା ପାଇଁ ।

ରତ୍ନାର ସେହି ଅହଂକାର ସୁକାନ୍ତକୁ ଭାରି ବାଧିଲା । ସେତିକି ବେଳେ କ୍ଷଣିକ ପାଇଁ ତା ଆଖି ସାମନାରେ ବାୟୋସ୍କୋପ ପରି ଖେଳିଗଲା ଗୋଟି ଗୋଟି ହୋଇ ତାହାର ଅତୀତ ଇତିହାସର ଛିନ୍ନ ପୃଷ୍ଠା କେତୋଟି । ଭାରି ଶାନ୍ତ ଓ ସୁନ୍ଦର ଝିଅଟିଏ ଛନ୍ଦା । କିନ୍ତୁ...

ସୁକାନ୍ତର ଆଖିରୁ ନାକ ତଳକୁ ଗଡ଼ି ପଡ଼ିଲା ଦୁଇ ବିନ୍ଦୁ ଲୁହ । ବେଦନା ଆତୁର ପ୍ରାଣକୁ ସାମାନ୍ୟ ସାନ୍ତ୍ୱନା ଓ ଶାନ୍ତି ଦେବା ଉଦ୍ଦେଶ୍ୟରେ ସୁକାନ୍ତ ଲେଖି ବସିଲା ଛୁଟି, କିନ୍ତୁ ମଞ୍ଜୁର ହେଲା ନାହିଁ । ତାର ସମସ୍ତ ଅନୁରୋଧକୁ ବଡ଼ ନିର୍ମମ ଓ କ୍ରୂର ଭାବରେ ଏଡ଼ି ଦେଲେ ଅଫିସର । ବଡ଼ ହତାଶ, ନିରାଶ ଓ ବ୍ୟଥିତ ହୋଇ ସୁକାନ୍ତ ତାର ନିଜ ଦାମିଆ ଆସନ ଉପରେ ବସି ଓଲଟାଇଲା ଫାଇଲ; କିନ୍ତୁ କଲମ ଗୃଷ୍ଟ ଧରିବାକୁ ତାର ଆଗ୍ରହ ହେଲା ନାହିଁ । ଗଣ୍ଡା ଗଣ୍ଡା ଚିଠି ଆସି ତା ଟେବୁଲ୍ ଉପରେ ଜମି ଗଲା । ବଢ଼ି ଉଠିଲା ବାକିଆ କାମ । ବଡ଼ ମର୍ମାହତ ହୋଇ ପଡ଼ି ଚାକିରି ପ୍ରତି ବିରକ୍ତି ଅନୁଭବ କଲା । ନା ଆଉ ପାରି ହେବ ନାହିଁ, କିନ୍ତୁ...

ଚାକିରି ଛଡ଼ା ଦୁନିଆରେ ଧରି କରି ରହିବାର ଅନ୍ୟ ରାହା ନାହିଁ । ଚାକିରି ପାଇଁ ତାର ଜନ୍ମ । ଚାକିରିହିଁ ତାର ଜୀବନ । ଅତଏବ ସେ ଚାକିରି ଛାଡ଼ି ପାରିବ ନାହିଁ ।

ସୁକାନ୍ତର ମୁଣ୍ଡ ଭିତରଟା ଝାଁ ଝାଁ ହୋଇ ଉଠିଲା । ରତ୍ନା ସାଙ୍ଗ ଚମ ଚମ ଭଲ କଥା କେଇ ପଦ ତାକୁ ବଡ଼ ଅସ୍ଥିର କରି ପକାଇଲା ।

ଚାକିରି ଗଲେ ଆମ ଜମିଦାରୀ ଅଛି । ବିଶାଳ ସମ୍ପତ୍ତି ।

ସୁକାନ୍ତକୁ ଭାରି ହସ ମାଡ଼ିଲା । ହୋ ହୋ ହୋଇ ହସି ଉଠିଲା ଠିକ୍ ପାଗଳଙ୍କ ପରି ।

ହେଡ୍ ଅସିଷ୍ଟାଣ୍ଟଙ୍କ ତାଗିଦରେ ହତଭମ୍ବ ହେଲା ସୁକାନ୍ତ । ସତେ ତ, ଏଟା ଅଫିସ୍ । ଅଫିସ୍ ଭିତରେ ବାନ୍ଧ ପାଗଳଙ୍କ ପରି ହସିବା ଅଭିନ ବରୁଛି ।

ସୁକାନ୍ତ କାମରେ ମନ ଦେଲା । ନକଲ ଲେଖି ବସିଲା, କିନ୍ତୁ ମନକୁ ତାର ପାଇଲା ନାହିଁ । ଚିରି ଦେଲା । ପୁଣି ଥରେ ଲେଖିଲା । ନା, ହେଲା ନାହିଁ, ଚିରି ହେଲା କାଗଜ ଖଣ୍ଡିକ । ପୁଣି ଲେଖା ଆରମ୍ଭ କଲା । ତଥାପି ମନକୁ ପାଇଲା ନାହିଁ । ଫର୍ କିନା ଚିରି ଦେଲା । ଚିରି ହୋଇ ଗଦାଏ କାଗଜ ଟେବୁଲ ତଳେ ଜମିଗଲା । ହେଡ୍ ଅସିଷ୍ଟାଣ୍ଟ ଅତ୍ୟନ୍ତ ବିରକ୍ତ ହୋଇ କଡ଼ା କଣ୍ଠରେ କହିଲେ, "ଏ ସବୁ କ'ଣ ହେଉଛି ସୁକାନ୍ତ ?

ବଡ଼ ନମ୍ର ଓ ଦରଦ କଣ୍ଠରେ ଉତ୍ତର ଦେଲା ସୁକାନ୍ତ, "କିଛି ଭଲ ଲାଗୁ ନାହିଁ ଆଜ୍ଞା !

"ତାହାହେଲେ ଛୁଟି ନେଇ ଘରକୁ ଚାଲିଯାଅ । କିନ୍ତୁ ଏପରି ଭାବେ ଅଫିସ ଜିନିଷକୁ ଖରାପ କରନାହିଁ ।"

ସୁକାନ୍ତ ଧଡ଼୍ କିନା ନିଜ ଆସନରୁ ଉଠିପଡ଼ି ବଡ଼ ବିନୟ କଣ୍ଠରେ କହିଲା, "ଯାଉଛି ଆଜ୍ଞା ।" ଜଲ୍‌କା ଗତିରେ ଚାଲିଗଲା ସୁକାନ୍ତ । ତାର ବ୍ୟବହାରରେ ବଡ଼ ବିସ୍ମିତ ହୋଇ ଉଠିଲେ ହେଡ୍ ଅସିଷ୍ଟାଣ୍ଟ ମହାପାତ୍ର ବାବୁ । ଭାବିଲେ—ଭାରି କାମିକା ଟୋକା ସୁକାନ୍ତ । ଅଫିସ୍‌ର ସମସ୍ତ ଚାପାକୁ ସିଏ ଦିନ ଏକା ଏକା ଝାଟି ସମ୍ଭାଳି ନେଉଥିଲା । ସୁନ୍ଦର ଲେଖା ତାର ! ଅଥଚ ଆଜି···

ସୁକାନ୍ତ ପ୍ରତି ମହାପାତ୍ର ବାବୁ କିଞ୍ଚିତ ଦରଦୀ ହୋଇ ଉଠିଲେ ।

× × ×

ସୁକାନ୍ତ ନିଜର ଛୋଟ ଭଡ଼ାଘରକୁ ମୁଣ୍ଡତଳ ଯାକିହୋଇ ଗଡ଼ିଥିଲା ଖଟ ଉପରେ । ଶତ ଭାବନାର ଟାଣଓଟାରେ ତା ମୁଣ୍ଡ

ଭିତରଟା ବୈଶାଖର ଖଇ ପୁଟା ଖପରା ଭଳି ଜଳିଲା । ଯେତେ ଚେଷ୍ଟା କଲେ ମଧ୍ୟ ଆଖିକୁ ନିଦ ହେଲା ନାହିଁ । ଖାଲି ଭାବିଲା-ଭାବିଲା ହାକିମାଣୀଙ୍କ କଥା, ହାକିମଙ୍କ ବ୍ୟବହାର, ଚନ୍ଦ୍ରାର ଅହଙ୍କାର ଆଉ ଛନ୍ଦାର ଅତୀତ ।

ସଂଧ୍ୟା ନଇଁ ଯାଉଥିଲା ଦୂର ପାହାଡ଼ର ପଛପଟେ । ନୀଳ ଆକାଶର ଶୁଭ୍ରତାକୁ ଉପହାସ କଲା ପରି ଅମାବାସ୍ୟାର ଉଗ୍ରତା ନେଇ ଧୀରେ ଧୀରେ ଘନେଇ ଆସୁଥିଲା ଅନ୍ଧାର ରଜନୀ । ନିରାଶ ହତାଶ ଓ ମର୍ମାହତ ହୋଇ ଅପଲକ ଆଖିରେ ଅନାଇଁ ରହିଲା ସୁକାନ୍ତ—ମୁଣ୍ଡ ଉପରର ଦଦରା ଛାତକୁ । ଛାତର ନଡ଼ା ଗୁଡ଼ାକ ଶୁଖି ଶୁଖି କାଠି ହୋଇ ଗଲାଣି । ମେଞ୍ଚାଏ ପବନରେ ପୁଳାଏ ନଡ଼ା ଭାଙ୍ଗି—ମୋଡ଼ି ହୋଇ ଉଡ଼ି ଯାଇଛି । ତାକୁ ଆଉ କେହି ରୋକି ପାରେ ନା କିମ୍ବା ଉଠିଗଲା ନଡ଼ାକୁ ଫେରାଇ ଆଣିବାର ଆବଶ୍ୟକତା ମଧ୍ୟ କେହି ଉପଲବ୍ଧି କରେନା । ଏହାହିଁ ସୃଷ୍ଟିର ଶ୍ରେଷ୍ଠ ରହସ୍ୟ ।

ମୁହାଁଲା ସମନ ନେଇ ତପସ୍ୱୀ ଶିଖର ଉଦ-ଉଦିଆ ଝଷ୍ଠାରେ ଟାଳ-ନାଳ ହୋଇ ପହଞ୍ଚିଲା ସୁକାନ୍ତର ଘରେ । ଦରଜା ଉପରେ କରାଘାତ କରି ଡାକିଲା ବଡ ଆର୍ଦ୍ର କଣ୍ଠରେ, "ବାବୁ ! ବାବୁ !"

ସୁକାନ୍ତ ନିଜ ଖଟିଆ ଉପରେ ଶୋଇ ରହି ପଚାରିଲା, "କି'ଏ କରେ ?

ଶିଖର କିଛି କହି ପାରିଲା ନାହିଁ ।

ସୁକାନ୍ତ ଉଠି ଆସି ଦରଜା ଖୋଲିଲା ।

ଶିଖର ପୂର୍ବପରି ସେମିତ ନିର୍ବାକ୍ ହୋଇ ଅନାଇଁ ରହିଲା । ଆଖିରୁ ତାର ଝରି ପଡ଼ିଲା ଲୁହର ଧାର । ଥରିଲା ଥରିଲା ହାତରେ ବଢ଼ାଇ ଦେଲା ସମନ ଖଣ୍ଡିକ ।

ସମନ ଖଣ୍ଡିକ ପାଇ ସୁକାନ୍ତ ଅତ୍ୟନ୍ତ ଆତଙ୍କିତ ହୋଇ ଉଠିଲା । ନିଜର ସବୁ ଶକ୍ତି ହଜି ଗଲା ପରି ସେ ଅନୁଭବ କଲା ।

ଦାସୁରୁ ଜାନୀ ସୁକାନ୍ତ ବିରୁଦ୍ଧରେ ନାଲିଶ କରିଛି । ଆସନ୍ତା ପହିଲାରେ ଉକ୍ତ ନାଲିଶର ବିଚାର ହେବ ଏସ୍. ଡି. ଏମ୍‌ଙ୍କ ଅଦାଲତରେ । ଅଭିଯୋଗର ଦଫା ଥିଲା ଅତ୍ୟନ୍ତ ଭଡ଼ା ।

ସୁକାନ୍ତର ମୁଣ୍ଡ ଭିତରଟା ଭାଁ ଭାଁ ହୋଇ ଉଠିଲା । ଚାରି ଦିଗରୁ ଅନ୍ଧାର ମାଡ଼ି ଆସି ତା ମୁଣ୍ଡ ଉପରେ ବଜ୍ରାଘାତର ବାଧା ଦେଲା । ଦାସୁରୁ ଜାନୀ ତାକୁ ମୁଦାଲା କରି ଠିଆ କରାଇବ କାଠ-ଗଡ଼ା ଭିତରେ । କାହିଁକି ?

ତାର ଅପରାଧ ?

ବିଗତ ଦିନରକାହାଣୀ ତାର ମନ ଭିତରେ ସଂଜୀବନୀ ପାଇଲା,- "ହେଉ, ନ ଦିଅନ୍ତୁ । ତୁମ ଋଣକୁ କିଏ ଏତେ ଗୁହାରି କରିଛି ଯେ, ଏତେ ଖୋସାମତି ।

ଏଥିରେ ସୁକାନ୍ତର ଦୋଷ ?

ସେତ ଆଉ ଋଣ ମଞ୍ଜୁର କରନ୍ତା ନାହିଁ । ତଥାପି ଦାସୁରୁ ସପକ୍ଷରେ ସେ ହାକିମଙ୍କ ସହ ଲଢ଼େଇ କରିଛି । ଯଥାମତ ଓକିଲାତି କରିଛି । ହେଲେ···

ମଦୁଆ ବୋଲି କହିଥିବାରୁ ଦାସୁରୁ ନିଜକୁ ଅପମାନିତ ମନେ କରି ଏହି ପ୍ରତିଶୋଧ ନେଇ ବସିଲା । ପିଲା ଦିନରୁ ସେ ଦାସୁରୁ ଜାନୀକୁ ଦେଖି ଆସିଛି । ମଦୁଆ ହେଲେ ମଧ୍ୟ ସେ ଭାରି ସରଳ, କପଟ ହୀନ ପ୍ରକୃତିର ଲୋକ । ସେ ନିଜ ଆଖିରେ ଦେଖିଛି ତା ବାପ

ସେପଟେ ତେଙ୍କେନାଲ ଜଙ୍ଗଲ ବିଭାଗର ଅଧୀନରେ ରେଞ୍ଜର କାମ କରୁଥିଲେ, ଦାସୁଙ୍କୁ କୁହାକୁ ଚପଲ ଉଠାଇ ମାଡ଼ ଦେଉଥିଲେ । ମାଡ଼ ଖାଇ ଖାଇ ପିଠିଟା ଫୁଲି ଫୁଲି ଫାଟି ପଡ଼ୁଥିଲା । ଦେହରେ ଦାଗ ଦଶ-ଦିନ ପର୍ଯ୍ୟନ୍ତ ରହି ଯାଉଥିଲା । ହେଲେ ସେ କୌଣସି ଦିନ ମୁହଁ ଖୋଲି କଥା ପଦେ କହିବାକୁ ସାହସ ପାଇ ନଥିଲା । ଅଥଚ ଆଜି……

ଯୁଗ ବଦଳିଛି ।
ସାମନ୍ତବାଦର ରାଜୁତି ଲୋପ ପାଇଛି ।
ମଣିଷର ଭୟ ଭ୍ରାନ୍ତି ମରି ଯାଇଛି ।
ସେ ଆଜି ସ୍ୱାଧୀନ ।
ଗଣତାନ୍ତ୍ରିକ ଶାସନ ।
ମଣିଷ ମଣିଷକୁ ଶାସନ କରି ପାରିବ ନାହିଁ ।

ପାହାଡ଼ ତଳିଆ ଗାଁରେ ଦାସୁରୁ ଜାମାର ଘର : ଦିନରେ ମଧ୍ୟ ସେ ଗାଁ ଦାଣ୍ଡରେ ସୂର୍ଯ୍ୟର ଛାଇ ପଡ଼େ ନାହିଁ । ଗୃହ ଦିଗରେ ଉଚ୍ଚ ପର୍ବତମାଳା ତଳେ ସରୁ ଝରଣା । ଝରଣା କୂଳକୁ ଲାଗି ଦାସୁରୁ ଜାମାର ଗାଁ କୈଲାସପୁର । କୈଲାସପୁର ଗାଁ ମୁଣ୍ଡରେ ଦିନରେ ମଧ୍ୟ ବାଘ ରଡ଼ଛାଡ଼ିବାର ଶୁଣାଯାଏ । ଆଜି ସେ ଗାଁ ଦାଣ୍ଡ ଉପର ଦେଇ ଲମ୍ବି ଯାଇଛି ଜୁଡୁମାର ବିଜୁଳି ତାର । ଜଙ୍ଗଲ ସଫା ହୋଇ ଯାଇଛି । ବିଜୁଳି ଆଲୁଅରେ ଗାଁ କୋଠାକ ଯାକ ଆଲୋକିତ ହୋଇ ଉଠିଛି । ଏପରିକି ସ୍ୱିଚ ମଧ୍ୟ ଦିନପରି ଲାଗେ ।

ଦାସୁରୁ ଅଦାଲତ ପିଣ୍ଡାରେ ଠିଆ ହେବାକୁ ସାହସ ପାଇଛି । ଓକିଲ—ମକ୍କେଲଙ୍କ ସହ ଗୁଁ ଗୁଁ ମିଶିବାର ରାଜୁତି ଶିଖିଛି । ଘରର ଶାଗ ପଖାଳକୁ ପାଶୋରି ଦେଇ ହୋଟେଲର ଭାଙ୍ଗିକ

ାଂସରେ ମଜ୍ଜି ଯାଉଛି । ମୁକ୍ତି କରିବାର ତାଗିଦ ବଢ଼ି ଯାଉଛି । ଅଣ୍ଟ ଦ୍ୱାର ଖୋଲି ଯାଉଛି । ବିଜୁଳି ଆଲୁଅରେ ଘାସ ଦୁନିଆ ତାକୁ ଷ୍ଟ ଦେଖା ଯାଉଛି ।

ସୁକାନ୍ତକୁ ଭାରି ହସ ମାଡ଼ିଲା । ସତରେ ଜଣେ ମଣିଷର କ୍ଷୁଦ୍ରମ ାୟୁ ପ୍ରକୃତିକୁ ଉପହାସ କରି ପାରେ ? ?

ପାଞ୍ଚ ଶହ ଟଙ୍କାର ଭେଟି ଛନ୍ଦାର ପାଦତଳେ ଓଜାଡ଼ି ଦେଇ ଶିଳ୍ପୀ ସଚ୍ଚିଦାନନ୍ଦ ନିଜର ଗୋପନ ବେଦନାକୁ ଗୋଟି ଗୋଟି କରି ବିଶ୍ଳେଷଣ କରିଗଲା । ବିଶ୍ଳେଷଣର ପ୍ରତ୍ୟେକ ଶବ୍ଦ ଛନ୍ଦାର ଅନ୍ତରା-ତ୍ମାକୁ ଅତ୍ୟନ୍ତ ଆତଙ୍କିତ କରିଦେଲା । ସଚ୍ଚି ଛନ୍ଦାର ଅତୀତ ଅଧ୍ୟାୟର ପୁନରାବୃତ୍ତି କରି କହିଲା, "ତୁମେ ପରା କହିଥିଲ, ସୌନ୍ଦର୍ଯ୍ୟର ଉପଭୋଗ ପାଇଁ ସମସ୍ତଙ୍କର ସ୍ୱାତନ୍ତ୍ର୍ୟ ରହିଛି । ହେଲେ, ପାଉଣା ହେଲା ଅସଲ ।" ବର୍ତ୍ତମାନ ମୁଁ ତୁମର ପାଉଣା ଗଣି କରି ଦେଉଛି, ଛନ୍ଦା ମୋତେ ଆଉ ହତାଶ କର ନାହିଁ । ଭାଷାର ପ୍ରକାଶ ଭଙ୍ଗି ଥିଲା ଅତ୍ୟନ୍ତ କରୁଣ ଓ ଲୋଭଲ ପୂର୍ଣ୍ଣ । ସଚ୍ଚିର ଏପରି ପ୍ରକୃତିର ଛନ୍ଦା ଅତ୍ୟନ୍ତ ଅସହାୟ ବୋଧ କଲା । ସେ କଳ୍ପନା ମଧ୍ୟ କରି ପାରି ନଥିଲା–ସଚ୍ଚି ଏପରି ଏକ ଯୁକ୍ତି ବାଢ଼ି ବସିବ ବୋଲି । ତାର ସମସ୍ତ ଅତୀତ ନିୟମକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ଆଜି ସଚ୍ଚି ପ୍ରସ୍ତୁତ ହୋଇ ଆସିଛି । ଛନ୍ଦା କ୍ଷଣିକ ପାଇଁ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଲା ।

ଅତି ନମ୍ର ଓ ଦରଦ ଭରା କଣ୍ଠରେ କ୍ଷଣିକର ନୀରବତାକୁ ଭଙ୍ଗ କରି ସଚ୍ଚି କହିଲା, "ତୁମ ମନରେ କିଛି ବ୍ୟତିକ୍ରମ ଘଟି ନାହିଁ ତ ?

ବଡ଼ ଅସହାୟ କଣ୍ଠରେ ଉତ୍ତର ଦେଲା ଛନ୍ଦା, "ନା !"

ତେବେ...... ।

ଛନ୍ଦା କିଛି ଜବାବ ଦେଇ ପାରିଲା ନାହିଁ । ତା ଅଙ୍ଗ-ପ୍ରତ୍ୟଙ୍ଗର ପ୍ରତ୍ୟେକ ଅଂଶରେ ସେ ଅନୁଭବ କଲା ନାଗ ଦଂଶନର ପ୍ରବଳ ଜ୍ୱାଳା । ଆଜି ଛନ୍ଦା ହାରି ଯାଇଛି । ତା ପଣ ଭାଙ୍ଗି ପଡ଼ୁଛି । ତା ସଂକଳ୍ପ ଲୁଣ୍ଠିତ ହୋଇ ଯାଉଛି । ବଡ଼ ଅସହାୟ ଓ ନିରୁପାୟ ବୋଧ କଲା ଛନ୍ଦା ।

ସଙ୍ଗି ଛନ୍ଦାର ମୌନତାରେ କିଛିଟା ଚିନ୍ତିତ ହୋଇ ପଡ଼ିଲା ।

ଛନ୍ଦା ଲକ୍ଷ୍ୟ କଲା, କୌଣସି ଉପାୟରେ ମଧ୍ୟ ସଙ୍ଗି ତା ନିଜ ସଂକଳ୍ପରୁ ବିଚ୍ୟୁତ ହେବାକୁ ପ୍ରସ୍ତୁତ ନୁହେଁ ।

ସଙ୍ଗି ପୁଣି ଥରେ କକ୍ଷଟିର ନୀରବତାକୁ ଭଙ୍ଗ କରି କହିଲା, "ନୀରବ ରହିଲ ଯେ ? ଗୀତ ଓ ନୃତ୍ୟର ଆୟୋଜନ ହେଉ ।"

ଛନ୍ଦା ଅନେକ ଥର ତା କଣ୍ଠସ୍ୱର ବୀଣାର ତାର ଉପରେ ରୂପ ଦେଇ ତା ଅନ୍ତରର ଶିଳ୍ପୀକୁ ସେ ଶୁଣାଇଥିଲା । ଅଥଚ ଆଜି...

ଆଜିର ଗୀତ ଓ ଅତୀତର ସଂଗୀତ ଭିତରେ ରହିଛି ହିମାଳୟ ପରି ବିରାଟ ପାର୍ଥକ୍ୟ । ଆଜି ସେ ଗୀତ ଗାଇବ-ନିଜର ସଂଗୀତ କଳାର ପରିଚୟ ଦେବା ପାଇଁ ନୁହେଁ, ବ୍ୟବସାୟ ଉଦ୍ଦେଶ୍ୟରେ । ଆଜିର ଗୀତରେ ସଂଗୀତ ଶାସ୍ତ୍ରର ପାଣ୍ଡିତ୍ୟ ଫୁଟାଇବାର ଆବଶ୍ୟକତା ନାହିଁ, ଆବଶ୍ୟକତା ରହିଛି କେବଳ ଯୁବକ ପ୍ରାଣରେ ଉନ୍ମାଦ ଭରି ଦେବା ଭଳି ନିଶା । ଆଜିର ନୃତ୍ୟରେ ମଧ୍ୟ ଓଡ଼ିଶୀ, ମଣିପୁରୀ କିମ୍ବା କର୍ଣ୍ଣାଟିକ୍ ନୃତ୍ୟର ମୁଦ୍ରା ଦେଖାଇବାର କୌଣସି ପ୍ରୟୋଜନ ନାହିଁ, ପ୍ରୟୋଜନ ରହିଛି କେବଳ ପାଦର ଘୁଙ୍ଗୁରକୁ ରୁମ୍-ଝୁମ୍ ବଜାଇ, ହଲି-ହଲି, ଢଳି-ଢଳି ଉନ୍ମତ୍ତ ପୁରୁଷକୁ ନିଜ ଲାଗି ଉପରକୁ ଟାଣି ଆଣିବାର ଭଙ୍ଗି ।

ବୀଣାର ସରୁ ତାର ଉପରେ ଅଙ୍ଗୁଳି ଖେଳାଇ ଗୀତ ଗାଇଲା ଛନ୍ଦା । ଛନ୍ଦାର କଣ୍ଠ ସ୍ୱରରେ ଆତ୍ମହରା ଓ ଉନ୍ମାଦ ହୋଇ ଉଠିଲା ଶିଳ୍ପୀ ସଚ୍ଚିଦାନନ୍ଦ । ଅନେକ ଥର ଛନ୍ଦାର କଣ୍ଠ ସ୍ୱର ସେ ଶୁଣିବାକୁ ପାଇଛନ୍ତି, ହେଲେ ଆଜିର କଣ୍ଠ ସ୍ୱରରେ ସେ ହଜିଲା ରତ୍ନକୁ ଫେରି ପାଇଲା ପରି ଅନୁଭବ କଲା । ବୀଣାର ସରୁ ସରୁ ତନ୍ତ୍ରୀ ଉପରେ ସେହି ସରୁ ସରୁ ମୁଦି ପିନ୍ଧା ଓ ନଖ ରଙ୍ଗ ବୋଳା ଅଙ୍ଗୁଳି ଗୁଡ଼ାକ ଝଙ୍କାର ତୋଳୁଥିଲା । ହେଲେ ଆଜିର ଝଙ୍କାରରେ କିଛି ଗୋଟାଏ ନୂତନତ୍ୱ ଓ ବିଶେଷତ୍ୱ ଥିଲା ପରି ହୃଦବୋଧ ହେଉଥିଲା । ବାସ୍ତବିକ୍ ବଡ଼ ଚମତ୍କାର ଥିଲା ଗୀତର ସୁର ।

କୌଣସି ଗୋଟାଏ ଭାବନାରେ ଛନ୍ଦାର ଖେଳନ୍ତ ଅଙ୍ଗୁଳି ଗୁଡ଼ାକ ହଠାତ୍ ଅଟକି ପଡ଼ିଲା । ସଚ୍ଚି ସେହି ଆକସ୍ମିକ ମୌନତାରେ ବିସ୍ମିତ, ବ୍ୟଥିତ ଓ ହତାଶ ହୋଇ ବଡ଼ କରୁଣ କଣ୍ଠରେ ପ୍ରଶ୍ନ କଲା, "ଅଟକି ଗଲ ଯେ ।"

ଛନ୍ଦାର ଅଧର ଉପରେ ଉଚ୍ଛୁଳି ଉଠିଲା ସରୁ ହସର ଜୁଆର ।

କପାର କୌଣସି ରହସ୍ୟ ବୁଝି ନ ପାରି ଖାଲି ବୋକାଙ୍କ ପରି ଅନାଇ ରହିଲା ସଚ୍ଚି ।

ଛନ୍ଦା ଦରହାସ ବଦନରେ କହିଲା, "ଗୀତଟା ଭଲ ହୋଇଛି ନା ?

ହୁଁ

ଏତେ ସୁନ୍ଦର ଗୀତକୁ ତୁମ ପରି କୁଶଳୀ ଶିଳ୍ପୀ ତୁଳୀରେ ରୂପ ନ ଦେବା କ'ଣ ଅନ୍ୟାୟ ହୋଇନା ?

ତୁଳୀର ରଙ୍ଗରେ ଗୀତର ରୂପ ।

ହୁଁ, ତୁମଠାରୁ ମୁଁ ସେହି ପାଉଣା ଚାହେଁ ।

ଅର୍ଥାତ୍ ।

ଛନ୍ଦା ବଡ଼ ପାଗଳଙ୍କ ପରି ହସି ହସି ଉପର ମହଲାକୁ ଉଠି ଚାଲିଗଲା ।

ସେଠି ଅତ୍ୟନ୍ତ ହତାଶିଆ ମନରେ ନିଜକୁ ବଡ଼ ଅପମାନିତ ମନେକରି ବୋକାଙ୍କ ପରି ଖାଲି ବଲ ବଲ ଅନାଇ ରହିଲା—ଛନ୍ଦାର ନିସ୍ତ୍ରାନ୍ତ ପଥକୁ । ସେତକ ବେଳେ ବାହାରେ ଅନନ୍ତ ଆକାଶ ଉପରେ କଳା, ଧଳା ବଉଦକୁ ଅତିକ୍ରମ କରି ହସି-କୁଦ ଭାସି ଯାଉଥିଲା ରୁପା ଥାଳିଆ ପରି ଜହ ଦୂରରୁ—ବହୁତ ଦୂରକୁ ।

ଗଲା ଦିନର ଘଟଣା ଗୁଡ଼ାକ ଗୋଟି ଗୋଟି ହୋଇ ଛନ୍ଦାର ମନେ ପଡ଼ିଗଲା । ଭାବିଲା, ଆଜିର ଏହି ସଭ୍ୟ ଓ ଶିକ୍ଷିତ ଜଗତରେ ନାରୀ ନିଜର ସ୍ୱାତନ୍ତ୍ର୍ୟକୁ ବଜାୟ ରଖିବା ଉଦ୍ଦେଶ୍ୟ ନେଇ ପର ପୁରୁଷକୁ ସ୍ନେହ କରିବାର ଅର୍ଥ କଣ ଖାଲି ପ୍ରେମ ? ଛନ୍ଦାର ଅନ୍ତର ଭିତରଟା ଘୃଣାରେ ଭରି ଉଠିଲା । ଶିଳ୍ପୀ ପ୍ରତି ତାର ଯେତେ ସ୍ନେହ, ଶ୍ରଦ୍ଧା, ସମ୍ମାନ ଭକ୍ତି ଥିଲା—ସେ ସମସ୍ତ ଆପେ ଆପେ ଲୋପ ପାଇବାକୁ ବସିଲା । ତା' ଘରେ ଶିଳ୍ପୀର ପ୍ରବେଶ ଅଧିକାରକୁ ରଦ୍ କରି ଦେବା ଅଭିଳାଷ ନେଇ ଲେଖି ବସିଲା ଖଣ୍ଡେ ଚିଠି ।

ଲେଖିଲା, "ସ୍ନେହର ଶିଳ୍ପୀ !

କଲମ ଅଟକି ଗଲା କୌଣସି ଏକ ଭାବନାରେ । ଭାବିଲା—ସମ୍ବୋଧନଟା ଠିକ୍ ହୋଇ ନାହିଁ । ଚିରି ଦେଲା କାଗଜ ଖଣ୍ଡିକ

ପୁଣି ଭାବଲା—କ'ଣ ବୋଲି ସେ ସମ୍ବୋଧନ କରିବ ? ଦୀର୍ଘ ଭାବନା ପରେ ସିଏ ଭାଇ ବୋଲି ସମ୍ବୋଧନ କରିବାକୁ ଠିକ କଲା । କିନ୍ତୁ......

ଭାଇ ! ଛନ୍ଦାର ଅନ୍ତରାତ୍ମା ଚମକି ଉଠିଲା । ଦୀର୍ଘ ଅତୀତ ଇତିହାସର ଛିନ୍ନ ପୃଷ୍ଠାର ବକ୍ଷଯୁବନ୍ଧୁ ତା କର୍ଣ୍ଣ ଗହ୍ୱରରେ ପ୍ରତି-ଧ୍ୱନିତ ହେବାକୁ ଲାଗିଲା—ପ୍ରେମର ପ୍ରଥମ ସମ୍ବୋଧନ ଭାଇ ! ଓଡ଼ିଆ ସାହିତ୍ୟର ଆଧୁନିକ ପରିଚ୍ଛେଦର ସମାଲୋଚନା କରୁ କରୁ ସୁକାନ୍ତ କହିଥିଲା—ପ୍ରେମର ପ୍ରଥମ ସମ୍ବୋଧନ ଭାଇ !

ଛନ୍ଦା ତା ଜୀବନର ପହିଲି ବସନ୍ତର ମୃଦୁ-ମନ୍ଦ-ଗନ୍ଧ ମଳୟରେ ଆତ୍ମହରା ଓ ଉନ୍ମାଦ ହୋଇ ସୁକାନ୍ତକୁ ପ୍ରଥମ କରି ଜୀବନର ସମସ୍ତ ସବାଗର ସହ ସମ୍ବୋଧନ କରିଥିଲା, "ସୁକଭାଇ !" କିନ୍ତୁ......

ଅତୀତ ଅତୀତରେ ହଜି ଯାଇଛି; ରହି ଯାଇଛି କେବଳ ଗୋଟାଏ ଦାଗ ।

ଛନ୍ଦାର ଆଖି ଦିଓଟି ଆର୍ଦ୍ର ହୋଇ ଆସିଲା । ଠିକ୍ ସେତିକି ବେଳେ ବଡ଼ ହରଷ ଆଉ ସରସ ମନରେ ପୁକ୍ଷିସର ଭେଟ ନେଇ ପ୍ରବେଶ କଲେ ବ୍ରଜ ବାବୁ ।

ବ୍ରଜ ବାବୁଙ୍କୁ ସ୍ୱାଗତ ଜଣାଇ ଛନ୍ଦା ନିଜ ଲୁହ ସୁଅକୁ ରୁନ୍ଧି ନେବାର ପ୍ରୟାସ କଲା , କିନ୍ତୁ ଶେଷ ହେଲା ନାହିଁ ।

ବ୍ରଜ ବାବୁ ଛନ୍ଦା ଆଖିରେ ଲୁହ ଦେଖି ବଡ଼ ବ୍ୟଥା ଭରା କଣ୍ଠରେ କହିଲେ, "ଛନ୍ଦା ! ତୁମେ କାନ୍ଦୁଛ ! କ'ଣ ମୋର ଅବର୍ଭାବ ତୁମର ପସନ୍ଦ ହେଉନା ?

ଛନ୍ଦା ହସିବାକୁ ଚେଷ୍ଟା କଲା ।

ତୁମର କ'ଣ ହୋଇଛି ଛନ୍ଦା !

ଛନ୍ଦା କାହିଁକି ପ୍ରକୃତସ୍ଥ ହୋଇ ଉତ୍ତର ଦେଲା, "ଏ", ତୁ'. ବାପାଙ୍କ କଥା ମନେ ପଡ଼ିଗଲା ।

ଅତୀତକୁ ଝୁରି ହେଲେ କେବେ ସେ ଫେରେ ନାହିଁ ଛନ୍ଦା ଫେରେ ନାହିଁ ?

ନା—

ଛନ୍ଦାର ଅନ୍ତର ଭିତରଟା ବଡ଼ ଅହଙ୍କ ହୋଇ ଉଠିଲା । ଭାବିଲା, ସତରେ ଅତୀତ କ'ଣ କେବେ ଫେରେ ନାହିଁ ? ତାହା ହେଲେ ତାର ଏହି ଅଭିଯାନ କାହା ପାଇଁ ? କାହିଁକି ସେ ଆଜି ନିଜକୁ ଏପରି ଭାବେ ଦୁନିଆ ଲୋକଙ୍କୁ ପରିଚୟ ଦେଲା ? ଏମିତି ଆକାଶ ପାତାଳ କେତେ କଣ କ୍ଷଣିକ ଭିତରେ ଭାବିଗଲା । ଛନ୍ଦାର ନୀରବତାରେ ସାମାନ୍ୟ ନିଷ୍ପଭ ହୋଇ, ବଡ଼ ଦରଦ ଭରା କଣ୍ଠରେ ବ୍ରଜବାବୁ କହିଲେ "ସତରେ ତୁମର କ'ଣ ହୋଇଛି ଛନ୍ଦା ? ଏ ଆକସ୍ମିକ ପରିବର୍ତ୍ତନର କାରଣ ?"

କାରଣ ତ ଅନେକ । ହେଲେ...... ଅଚ୍ଛା ଥାଉ ।

ଏମିତି ନିଷ୍ପଭ ହୁଅନ୍ତୁ ନାହିଁ ବ୍ରଜବାବୁ ! ବସନ୍ତୁ । ମୁଁ ନିଜକୁ ଟିକିଏ ସଜାଇ ନେଇ ଆସେ । ଛନ୍ଦା ନିଜର କର୍ତ୍ତବ୍ୟ ପ୍ରତି କେବେ ଅବହେଳା କରେ ନା ।

ସେ ସାଜ ସଜାର ପ୍ରୟୋଜନ ମୋର, ଲୋଡ଼ା ନାହିଁ ଛନ୍ଦା ଏତେ ସୁନ୍ଦର ରୂପ ଓ ଯୌବନକୁ ସ୍ନୋ—ପାଉଡ଼ରରେ ସଜାଇ ହୋଇ ପ୍ରକୃତ ରୂପଶ୍ରୀର ଉପହାସ କରନାହିଁ । ତୁମେ ମୋ ଚୌକିର ହାତ ଉପରେ ବସ । ତୁମକୁ ମୁଁ ଗୋଟାଏ ଶୁଭ ସମ୍ବାଦ ଶୁଣାଇବ ।

ଶୁଭ ସଂବାଦ ? ମୋର ? କଣ ଏସେମ୍ବ୍ଲି ସଭାରେ ନିଶା ନିବାରଣୀ ପ୍ରସ୍ତାବ ବାଠ ଖାଇଗଲା ?

ସେ କଥା ନୁହେଁରେ ବାପ୍ଧାଣୀ । ହେଲେ ନିଶା ନିବାରଣୀ କରି ବସିଲେ ମୋର ଯେ ବିଶେଷ କିଛି ଲାଭ ହେବ

ସେ ଅଶଙ୍କା ମୋର ନାହିଁ । ସରକାର ସରକାରୀ ଭୃତି ଉଠାଇ ପାରିବେ, ହେଲେ ଘର ଭୃତିକୁ ଉଠାଇ ହେବ ନାହିଁ । ମୁଁ କହୁଥିଲି କଣ କି—ତୁମର ପରମ ଶତ୍ରୁ ସୁକାନ୍ତ ବର୍ତ୍ତମାନ ଜେଲ୍‌ରେ ।

ଜେଲରେ ! ଚମକି ପଡ଼ିଲା ଛନ୍ଦା ।

ତୁମେ ଏମିତ ଚମକି ଉଠିଲ ଯେ ? କଣ, ସୁକାନ୍ତ ପ୍ରତି ତୁମର ମମତା ଏ ଯାଏ ତୁଟି ନାହିଁ ? ବୁଝିଲ ଛନ୍ଦା, ମୁଁ ଯଦି ବ୍ରଜ ନ ହୋଇ ଚନ୍ଦ୍ରଶେଖରର ଝିଅ ହୋଇ ଥାଆନ୍ତି ତାହାହେଲେ ସୁକାନ୍ତକୁ ଗୁଳି କରି ମାରିଦିଅନ୍ତି । ସତରେ ତୁମର କଣ ନ କଲା ସେ ? ତୁମର ସେଇ ଅତୀତର କରୁଣ ଇତିହାସ ମନେ ପଡ଼ିଗଲେ ମୋ ଶୀରା ପ୍ରଶିରାର ରକ୍ତ ବିନ୍ଦୁ ଗୁଡ଼ାକ ଏପରି ଭାବରେ ତାତି ଉଠେ ଯେ, ସୁକାନ୍ତକୁ ଚିରି ଚିରି କରି କାମୁଡ଼ି ଖାଇ ଯିବାକୁ ଇଚ୍ଛା ହୁଏ ।

ତଥାପି ସେ ଯେ ଖସି ଯାଇଛି-ତା ନୁହେଁ, ଗୋଟାଏ ମିଥ୍ୟା ମକଦ୍ଦମାରେ ଦୋଷୀ ବୋଲି ପ୍ରମାଣିତ କରାଇ ଦୀର୍ଘ ଦୁଇ ବର୍ଷର ସଜାବାସର ଆଦେଶ କରାଇ ଦେଲି । ଆଜ, କ'ଣ ଖାଲି ଏତିକି ଭାବିଛ ? ରତ୍ନା ସହ ତା'ର ବିବାହ ପ୍ରସ୍ତାବକୁ ମଧ୍ୟ ଭାଙ୍ଗି ଦେଇଛି । ନିକଟ ଭବିଷ୍ୟତରେ ରତ୍ନା ହେବ ଜମିଦାର ଶ୍ରୀ ଅନୁପ କୁମାର ଦାସ ଚୌଧୁରୀଙ୍କ ସ୍ତ୍ରୀ । ବୁଝିନ ଛନ୍ଦା, ଏତେ ବଡ଼ ଘରର ଝିଅ ହୋଇ ଗୋଟାଏ ବଜାରୀ-ଛତରା କାଙ୍ଗାଳୀ ଟୋକାର ସ୍ତ୍ରୀ ହୋଇ ରହିବାକୁ ଭଲ ବା ପାଆନ୍ତା କିପରି ? ହେଲେ ଛନ୍ଦା, ଏ ସବୁର ମୂଳେ ମୁଁ । କାହିଁକି ଜାଣ ? କେବଳ ତୁମରି ପାଇଁ । ତା ନ ହେଲେ ଜାଣି ଜାଣି ଏତେ ବଡ଼ ଅନ୍ୟାୟ ବ୍ରଜ ବାବୁ କଦାପି କରନ୍ତା ନାହିଁ ।

ବ୍ରଜ ବାବୁଙ୍କର କୃତିତ୍ୱ ପୂର୍ଣ୍ଣ ଭାଷଣଟି ଶେଷ ହେଲା ବେଳକୁ ଛନ୍ଦାର ହୋସ୍ ପ୍ରାୟ ହଜି ଯାଇଥିଲା ।

ବ୍ରଜ ବାବୁ ଛନ୍ଦାର ମନ କଥା ବୁଝି ପାରି କହିଲେ, ଏତେ

ଗୁଡ଼ାଏ ବଦ୍‌ନାମ ପରେ ମଧ୍ୟ ସୁକାନ୍ତ ପ୍ରତି ତୁମର ମୋହ ତୁଟି ନାହିଁ ?

ଛନ୍ଦା ପ୍ରଶ୍ନର କୌଣସି ଜବାବ ନ ଦେଇ ଚୌକି ଉପରୁ ଉଠି ପଡ଼ି ଭିତରକୁ ଚାଲିଗଲା । ବ୍ରଜ ବାବୁ ଅନୁଗମନ କରି ଧୀର ଓ ନମ୍ର କଣ୍ଠରେ ପଛରୁ ଡାକିଲେ, "ଛନ୍ଦା !"

ଛନ୍ଦା ଉତ୍ତର ଦେଲା ଫେରି ଯିବାକୁ ।

ଛନ୍ଦାର ବ୍ୟବହାରରେ ବ୍ରଜ ବାବୁ ଅତ୍ୟନ୍ତ ମର୍ମାହତ ହୋଇ ବଡ଼ କରୁଣ ବୋଲା କଣ୍ଠରେ ନେହୁରା ହେଲେ, ଏମିତି ନିରାଶିଆ କଥା ମୋତେ କହ ନାହିଁ ଛନ୍ଦା । ବଡ଼ ଆଶା ଓ ସ୍ୱପ୍ନ ନେଇ ଅଭିସାରିର ଅତିଥି ହୋଇ ତୁମ ଦ୍ୱାରକୁ ଆସିଛି ।

ବ୍ରଜ ବାବୁ ! ବଡ଼ ପାଟିରେ ଚିତ୍କାର କଲା ଛନ୍ଦା ।

ବ୍ରଜ ବାବୁ ଚମକି ପଡ଼ିଲେ ।

ଛନ୍ଦା ଭିତର ପଟୁ ଦରଜା ବନ୍ଦ କରି ଦେଇ ନିଜର ପଲଙ୍କ ଉପରେ ମୁହଁ ମାଡ଼ି ହୋଇ ବଡ଼ କାତର ବୋଲା କଣ୍ଠରେ ଛୋଟ ଛୁଆଙ୍କ ପରି କହିଁ କହିଁ କାନ୍ଦି ଉଠିଲା ।

ଅତି ନିରାଶ ମନରେ ଆସିବା ରାସ୍ତାରେ ଫେରି ଗଲେ ବ୍ରଜ ବାବୁ । ସେତିକି ବେଳେ ମୁଣ୍ଡ ଉପରର ମେଦୁଆ ରାତିର ଚଡ଼ଚଡ଼ି ଘଡ଼ଘଡ଼ିରେ ଅତି ଆତଙ୍କିତ ହୋଇ ପଡ଼ିଥିଲା ମାଟିର ସବୁଜ ଧରଣୀ ।

ଛନ୍ଦାର ଯେ ହୃଦୟ ଅତି ହତାହତ ହୋଇ ଥାଏ ତାହା ଗତ ଦୁଇ ଦିନ ତଳର ଘଟଣାରୁ ବେଶ୍ ହୃଦୟଙ୍ଗମ କରି ପାରିଲା ଝିଲ୍ଲୀ ସଚ୍ଚିଦାନନ୍ଦ । ଠୋକର ଖେଟି ଦେଇ ମଧ୍ୟ ତା ଦ୍ୱାରକୁ ହତାଶ ଓ

[illegible]ଗ ହୋଇ ଫେର ଆସିବ ବୋଲି ସେ ସ୍ୱପ୍ନରେ ସୁଦ୍ଧା କଳ୍ପନା
[illegible] ପାରି ନ ଥିଲି, ବେଶ୍ୟା ଧନ-ଦୌଲତ୍ ପାଇଁ ଅତି ମୁକ୍ତ ମନରେ
[illegible] ହସି ନିଜର ସମସ୍ତ ମାନ-ମହତ୍ତ୍ୱ, ଇଜ୍ଜତ, ଲଜ୍ଜାକୁ ହତ୍ୟାକାରୀ
[illegible]ଗ୍ରୀତ୍ୱକୁ ସମର୍ପଣ କରେ । ଅଥଚ ଛନ୍ଦା···

ଛନ୍ଦା ତେବେ କ'ଣ ? ତା ଆଖିରେ ସେ ଯାହା ଦେଖିଛି—
[illegible] ସବୁ କ'ଣ ଖାଲି ସ୍ୱପ୍ନ । ମଣିଷ ଜେଇଁ ରହି ମଧ୍ୟ ସ୍ୱପ୍ନ ଦେଖି
[illegible]ରେ ? ଗୋଟାଏ ସମ୍ଭ୍ରାନ୍ତ ପରିବାରର କନ୍ୟା ଛନ୍ଦା, ତଥାପି
[illegible] ନାଚେ, ଗୀତ ଗାଏ, ଆଉ ରୂପର ବିଜ୍ଞାପନ କରି ବସେ ।
[illegible]ତେବେ ଛନ୍ଦା ଶିଳ୍ପୀକୁ ଫେରାଇ ଦେଲା କାହିଁକି ? କ'ଣ ରୂପଟା
[illegible]ଦେଖିବାକୁ ସେତେ ଭଲ ନୁହେଁ ବୋଲି ? ରୂପ ବ୍ୟବସାୟୀ
[illegible]ମାନଙ୍କର ଏପରି ରୂପ-ଅରୂପର ବିଚାର ନ ଥାଏ । ସେ ବିଚାର
[illegible]ସେମାନଙ୍କର ଥାଉ ବା ନ ଥାଉ ଛନ୍ଦା କିନ୍ତୁ ଶିଳ୍ପୀକୁ ଖୁବ୍ ଭଲପାଏ,
[illegible] ଆଦର କରେ । ଏପରିକି ତା ସାମନାରେ ମୁକୁଳା ଦେହରେ
[illegible] ନୃତ୍ୟ କରିବାକୁ ସେ କୁଣ୍ଠା କିମ୍ବା ଲଜ୍ଜା ବୋଧ କରି ନ ଥିଲା ।
[illegible]ବଡ଼ ବଡ଼ ସ୍ନେହ ଓ ସରାଗକୁ ଗୋଟାଏ ଅସମ୍ଭବ ସର୍ତ୍ତରେ ଜଳାଞ୍ଜଳି
[illegible] ଦେଲା । ସତରେ ଛନ୍ଦାର ସର୍ତ୍ତ କ'ଣ ସମ୍ଭବ ? କୌଣସି
[illegible]ଲେ, କୌଣସି ଶିଳ୍ପୀ କ'ଣ ଗୀତର ସୁରକୁ ତୁଳୀର ରଙ୍ଗରେ
[illegible] ଦେଇ ପାରିଛି ! ଏପରି ଏକ ଅସମ୍ଭବ ସର୍ତ୍ତ ବାଡ଼ି ବସିବାର
[illegible]ଦେଶ୍ୟ କ'ଣ ? ସେ ତ ଆଉ ଅନ୍ୟାନ୍ୟ ଗ୍ରାହକଙ୍କ ପରି ତା ଚରିତ୍ରର
[illegible]ଳା ଦାଗକୁ ଆହୁରି ଟିକିଏ ଲମ୍ବାଇ ଦେବା ପାଇଁ ଯାଇ ନ ଥିଲା,
[illegible]ଥିଲି ଛନ୍ଦାକୁ ତା ଜୀବନର ଚିରସଙ୍ଗିନୀ କରି ନେବାକୁ । ସମାଜ
[illegible] ମୁହଁ ଉପରେ ଯେଉଁ କଳଙ୍କର କାଳିମା ବୋଳି ଦେଇଛି, ସେ
[illegible]କୁ ନିଜ ହାତରେ ପୋଛି ସଫା କରି ଦେବାକୁ । ଅଥଚ ଛନ୍ଦାକୁ
[illegible]ଣ ଘର ସଂସାର ଭଲ ଲାଗେ ନା ? ସ୍ୱାମୀର ସୁଖ ଦୁଃଖର ଅଂଶୀଦାର
[illegible]ଇ କଣ୍ଟା ଖୁଣ୍ଟ ଓ ପକ୍କା ରାସ୍ତା ଉପରେ ଆଗେଇ ଯିବାକୁ ତା'ର

ମନ କଣ ମାନେନା ?

ଛନ୍ଦା ଶିଖିଲା । ଗୃହକର୍ତ୍ତ୍ରୀ କଲେ ଠଙ୍କା ଶହେରୁ କମ୍ ପାଇବ ନାହିଁ । ଗୃହ ଧର୍ମ ପ୍ରତି ମନ ବଳିଲେ ବରର ଅଭାବ ମଧ୍ ଦେଖାଯିବ ନାହିଁ । ତେବେ ସେ ଏପରି ରାସ୍ତା ଧରିନେଲା କାହିଁକି ଏମିତି କେତେ କ'ଣ ମସ୍ତବଡ଼ ପାଗଳଙ୍କ ପରି ଭାବିଗଲା ଶିଳ୍ପୀ ତା ଭାବନାର ତରୀ କିନ୍ତୁ କୌଣସି କୂଳ—କିନାରା ନ ପାଇ ମଝି ନଈରେ ଠେଲା ପେଲା ହୋଇ ଭାସି ଯାଉଥିଲା ଦୂରରୁ— ବହୁତ ଦୂରକୁ ।

ଛନ୍ଦାର ସଂକଳ୍ପ ସଂପୂର୍ଣ୍ଣ ହେଲା । କିନ୍ତୁ ତା ମନ ଭିତରେ ରହିଗଲା ପ୍ରବଳ ଅନୁଶୋଚନାର ଉତ୍କଟ ଦାଉ । ତାର ସମସ୍ତ ମାନ-ମହତ୍ତ୍ୱକୁ ଜଳାଞ୍ଜଳି ଦେଇ ଅକୁଣ୍ଠିତ ଚିତ୍ତରେ ଆଦରି ନେଲା ନର୍ତ୍ତକୀ ପେଶାକୁ ଗୋଟିଏ ପଣରେ । କିନ୍ତୁ ତା ଅନୁଶୋଚନାର ଅବସାନ ହେଲା ନାହିଁ । ବାସ୍ତବିକ ଅତ୍ୟନ୍ତ ମର୍ମାହତ ହୋଇ ଉଠିଲା ରଜ ବାବୁଙ୍କ ମୁହଁରୁ ସୁକାନ୍ତର ଇତିହାସ ଶୁଣି । ଅବଶ୍ୟ ସୁକାନ୍ତର ସେ କେହି ନୁହେଁ । ହେଲେ ତା ନିଜର ପତ୍ନୀକୁ ବଜାୟ ରଖିବା ପାଇଁ ସେ ସୁକାନ୍ତକୁ ଭୁଲି ପାରି ନାହିଁ । ସେ ଚାହୁଁଥିଲା ସୁକାନ୍ତ ପରି ଗୋଟିଏ ଆଧୁନିକ, ଶିକ୍ଷିତ ଓ ସଭ୍ୟ ଯୁବକର ଆଖିରେ ସମାଜ ଯେଉଁ ଅନ୍ଧ ପୁଟୁଳି ଜୋର କରି ବାନ୍ଧି ଦେଇଛନ୍ତି, ତାକୁହିଁ ସେ ଖୋଲି ଦେଇ ଜୀବନ, ଧନ ଓ ମନର ପ୍ରକୃତ ରୂପ କ'ଣ ତାହା ଦେଖାଇ ଦେବ । ସ୍ନେହ ଓ ପ୍ରେମର ମୂଲ୍ୟ କେତେ— ତାହା ଜଣାଇ ଦେବ ।

ଛନ୍ଦାର ଅତୀତ ତା ଆଖି ସାମନାରେ ଜୀବନ୍ତ ହୋଇ ଉଠିଲା

ଙ୍କା ସ୍କୁଲରେ ନାଁ ଲେଖାଇଥିଲେ । ପିଲା ଦିନରୁ ଦିହେଁ କେଦାର
ଗୌରୀ ପରି ହସି-କୁଦି ଖେଳି ବୁଲୁଥିଲେ ଗାଁ ବାହାରର ବାଉଁଶ
ଘାଇତଲେ । ଦିହାଙ୍କର ନିସ୍ତବ୍ଧତା ଭିତରେ ସେହି
ାଉଁଶ ଗଛର ଝଡ଼ା ପତ୍ରର ଶେଯ ଉପରେ ସେମାନଙ୍କର ଅମ୍ଳା
ତାଳୁଥିଲା ସୁନାର ମିନାର । ସେ ସୁଖର ଦିନ ଆଜି ଆଉ ନାହିଁ ।
ହିଛି କେବଳ ଅନ୍ତର ଭିତରେ ଗୋଟାଏ ଅଲିଭା ଦାଗ ।

ଛନ୍ଦାର ଆଖି ଦିଓଟି ଛଳ ଛଳ ହୋଇ ଆସିଲା । ସତରେ
ସେ ସୁକାନ୍ତକୁ କେତେ ଭଲ ପାଉଥିଲା । ହେଲେ ସୁକାନ୍ତ ସାମାନ୍ୟ
ଯୌତୁକ ଟଙ୍କା ପାଇଁ ବେଦୀ ଉପରୁ ବାହୁଡ଼ି ଗଲା । ତଥାପି ଛନ୍ଦା
ତାକୁ ନିଷ୍ଠୁର ମନେ କରି ନ ଥିଲା । ତାର ବିଶ୍ୱାସ ଥିଲା ସେ
କାନ୍ତକୁ ଫେରି ପାଇବ ବୋଲି । ହେଲେ ସୁକାନ୍ତ ଆଉ ଫେରିଲା
ନାହିଁ । ତା ଆଖିରେ ଟଙ୍କା ହେଲା ବଡ଼ । ତଥାପି ଛନ୍ଦା ଅତୀତର
ସ୍ନେହ ସ୍ମୃତିକୁ ଭୁଲି ପାରେ ନା । ବେଳେ ବେଳେ ସୁକାନ୍ତ ପ୍ରତି
ତାର ଭାରି ଲୋଭ ହୁଏ । ବାସ୍ତବିକ ଏଇ ନୀତିକୁ କୌଣସି ଶକ୍ତି
ଲୋପ କରି ନାହିଁ କି କରି ମଧ୍ୟ ପାରିବ ନାହିଁ । ବିଜ୍ଞାନ ଆଗେଇ
ଚାଲିଛି । କୃତ୍ରିମ ଚନ୍ଦ୍ର ମୁଣ୍ଡ ଉପରେ ଘୁରି ପାରୁଛି । ମଙ୍ଗଳ ଗ୍ରହରେ
ଘର ତୋଳିବାକୁ ମଣିଷ କଦମ୍ କଦମ୍ ବଢ଼ି ଚାଲିଛି । ଦିନ ଆସିବ
ଆମେ ନ ହେଲେ ମଧ୍ୟ ଆମ ଭାବୀ ବଂଶଧର ମାନେ ଦେଖି ପାରିବେ
ମଙ୍ଗଳ ଗ୍ରହରେ ଆମ ଭାଇ-ଭଉଣୀଙ୍କ ଘର । ହେଲେ ମନର ନୀତି,
ସ୍ନେହ ଓ ଶକ୍ତିକୁ ଅତିକ୍ରମ କଲା ପରି କୌଣସି ଜିନିଷର ଆବିଷ୍କାର
ହୋଇ ପାରିବ ନାହିଁ । ଯଦି ଆବିଷ୍କାରର ପ୍ରୟାସ କରାଯାଏ,
ସେ ସବୁ ବୈଜ୍ଞାନିକର ନିର୍ବୋଧତା ବୋଲି କହିଲେ ମଧ୍ୟ ଅତ୍ୟୁକ୍ତି
ହେବ ନାହିଁ ।

ମନ ସହ ଲୋଭର ସଂଯୋଗ ଅତ୍ୟୁକ୍ତି ।

ଜୀବନର କୌଣସି ଏକ ଅଶୁଭ ଗ୍ରହର ପ୍ରଭାବରେ ଛନ୍ଦା

ନିଜର ମା, ବାପାଙ୍କୁ ହରାଇ ମଧ୍ୟ ଏତେ କାତର ହୋଇ ନ ଥିଲା କିନ୍ତୁ ବ୍ରଜ ବାବୁଙ୍କ ମୁହଁରୁ ସୁକାନ୍ତର ଦୁଃସମ୍ବାଦ ଶୁଣି ପାଣେ ଅତ୍ୟନ୍ତ ମର୍ମାହତ ହୋଇ ପଡ଼ିଲା । ସୁକାନ୍ତକୁ ଫେରି ପାଇବାର ଆଶେ ଅବଶ୍ୟ ତାର ବର୍ତ୍ତମାନ ପାଇ ନାହିଁ । ତଥାପି ତାର ଏ ଦୁର୍ଯୋଗ ଛନ୍ଦାକୁ ଭାରି ବାଧିଲା । ଆଖିରୁ ତାର ସମ ବେଦନାର ଅଶ୍ରୁ ବିନ୍ଦୁ ଝରି ପଡ଼ିଲା । ସୁକାନ୍ତର ଏତେ ବଡ଼ ଦୁର୍ଯୋଗରେ ସାହା ହେବ ପାଇ ଛନ୍ଦାର ମନ ଆପେ ଆପେ ଉତ୍କଣ୍ଠିତ ହୋଇ ଉଠିଲା କିନ୍ତୁ..........

ଓକିଲ ଶ୍ରୀ କୃପାସିନ୍ଧୁ ସାହୁ କହୁଥିଲେ, "ପ୍ରଧାନ ବିଚାର ପତିଙ୍କ ବିଚାର ଉପରେ ଅପିଲର ଅନ୍ୟ କିଛି ରାହା ନାହିଁ । ସେଇଟା ନ୍ୟାୟ ହେଉ ବା ଅନ୍ୟାୟ ହେଉ ସ୍ୱୀକାର କରିବାକୁ ବାଧ୍ୟ । ଯଦି ଧନର ବଳ ଥାଏ ତାହା ନହେଲେ ସୁପ୍ରୀମ୍ ଅଦାଲତର ଆଶ୍ରୟ ନେଇ ହେବ । ହେଲେ ଏମିତିକା ଗୋଟିଏ କେସ୍‌ର ବିଚାର ପାଇଁ ସୁପ୍ରୀମ୍ କୋର୍ଟର ଆଶ୍ରୟ ନେବା ପ୍ରସ୍ତାବକୁ, ସତ୍ୟ ଅଦାଲତ ଅଗ୍ରାହ୍ୟ କରି ଦେଇ ପାରନ୍ତି । ସେ ପ୍ରୟାସ କରି ଯେ ବିଶେଷ କିଛି ଲାଭ ହେବ ସେ ଆଶା ମଧ୍ୟ ମୋର ନାହିଁ । ବରଂ ମାସ ଚବିଶଟାର ସଜାବାସ ସହି ନେବା ସର୍ବଶ୍ରେୟ ।

ଓକିଲଙ୍କର ପରାମର୍ଶରେ ବଡ଼ ମର୍ମାହତ ଓ ଅସହାୟ ଅନୁଭବ କଲା ଛନ୍ଦା ।

ବାହାଘରର ଉତ୍ସବଟିକୁ ସର୍ବାଙ୍ଗ ସୁନ୍ଦର କରିବା ଅଭିଳାଷ ନେଇ ନୃତ୍ୟ ଓ ଗୀତର ଆୟୋଜନ ପାଇଁ ଜମିଦାର ଶ୍ରୀ ଅନୁପ କୁମାର ଦାସ ଚୌଧୁରୀ ଚିଠି ଖଣ୍ଡିକରେ ଛନ୍ଦାକୁ ଅନୁରୋଧ

ଜଣାଇ ଥିଲେ । ସେ ପତ୍ର ଖଣ୍ଡିକ କଞ୍ଚା ଘା'କୁ ଚୂନ ଲେପନ ପରି ଅନୁଭବ କଲା ଛନ୍ଦା । ସିଏ ତ ଆଦରର ସୁକାନ୍ତ ଭାଇକୁ ମସ୍ତବଡ଼ ଧକ୍କା ଦେଇ ତାର ସରଳ ଜୀବନକୁ ବିପନ୍ନ କରି ପାରେନି ତ ହାରି ବିବାହ ଉତ୍ସବକୁ ସରଗରମ କରିବାପାଇଁ ସେ ନୃତ୍ୟ କରିବ ? ଛନ୍ଦାର ଅନ୍ତର ଭିତରଟା ପ୍ରତିହିଂସାର ଅଠଲ ପଣରେ ମାତି ଉଠିଲା । ସୁକାନ୍ତ ଭାଇର ଜୀବନକୁ ରତ୍ନା ଯେପରି ଅକୁଣ୍ଠିତ ଚିତ୍ତରେ ବିପନ୍ନ କରିବାକୁ ତଲେ ହେଲେ ପଛେଇ ପାରିଲା ନାହିଁ, ତା'ର ଜୀବନର ସର୍ବନାଶହିଁ ପ୍ରକୃତ ବନ୍ଧୁ ବା ବାନ୍ଧବୀର କାର୍ଯ୍ୟ । ହଁ, ରତ୍ନାର ଜୀବନକୁ ସେ ଅଲ୍‌ବତ୍ ବିପନ୍ନ କରିଦେବ । ତା ସୁକାନ୍ତ ଭାଇ ପ୍ରତି ସେ ଯେଉଁ ନିର୍ମମ ଅନ୍ୟାୟ କରି ବସିଛି—ତାର ଦାରୁଣ ପ୍ରତିଶୋଧ ସେ ନେବ । ଏହି ପଣକୁ ମନରେ ଗଣ୍ଠିଧନ କରି ଚିଠିର ଜବାବ ଲେଖି ବସିଲା ଛନ୍ଦା ।

ପ୍ରିୟ ମହାଶୟ ;

ନମସ୍କାର !

କୌଣସି ସୂତ୍ରରେ ଆପଣଙ୍କ ସହ ମୋର ପରିଚୟ ହୋଇ ନ ଥିଲେ ସୁଦ୍ଧା ହଠାତ୍ ମୋ ପରି ଗୋଟିଏ ଲୋକକୁ ଆପଣ ସାଦର ନିମନ୍ତ୍ରଣ ଜଣାଇ ଥିବାରୁ ଆପଣଙ୍କୁ ଧନ୍ୟବାଦ ନ ଦେଇ ରହିପାରୁ ନାହିଁ । ଆପଣଙ୍କ ପରି ବିଜ୍ଞ ପୁରୁଷ ମାନଙ୍କ ଠାରେ ମୋ ପରି ଗୋଟିଏ ସାଧାରଣ ସ୍ତ୍ରୀର ମୂଲ୍ୟ ଥାଇପାରେ—ସେ ବିଶ୍ୱାସ ମୋର ମୋଟେ ନ ଥିଲା । ବାସ୍ତବିକ ଆପଣଙ୍କର ଦୟା ପାଇଁ ମୁଁ ବିଶେଷ କୃତଜ୍ଞ । ଆପଣଙ୍କ ବିବାହ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ମୁଁ ଆପ୍ରାଣ ଚେଷ୍ଟା କରିବି । ତେବେ ମୋର ଗୋଟାଏ ଅନୁରୋଧ, ସୁବିଧା ଓ ସୁଯୋଗ ଦେଖି କିଛି ସମୟ ପାଇଁ ମୋ ଘରକୁ ଆସି ପାରିଲେ ଖୁବ୍ ଉପକୃତ ହେବି । ଆପଣ ହୁଏତ ମୋର ଏହି ନିମନ୍ତ୍ରଣକୁ ଉପହାସ କରି ପାରନ୍ତି । ମୁଁ କିନ୍ତୁ ଧର୍ମକୁ

ସାକ୍ଷୀ ରଖି କହୁଛି, ଆଜ୍ଞା, ବ୍ୟବସାୟ କାଇଦାରେ ଏ ନିମନ୍ତ୍ରଣ କରି ବସିନି । ମାନୁଛି ଲୋକ ଚକ୍ଷୁରେ ମୋ ସ୍ଥାନ ଅତି ତଳେ । ମୋ ଘରକୁ ଆପଣଙ୍କ ପରି ସମ୍ଭ୍ରାନ୍ତ ଯୁବକମାନେ ଆସିବାକୁ ଘୃଣା ବୋଧ କରନ୍ତି । ତଥାପି ମୁଁ ଜଣେ ନର୍ତ୍ତକୀ, ଗାୟିକା, କଳାର ପୂଜାରଣୀ । ନର୍ତ୍ତକୀ ଏବଂ ଗାୟିକାଙ୍କ ଅତିଥି ହେବା ପାଇଁ ବୋଧହୁଏ ଆପଣ କୁଣ୍ଠାବୋଧ କରିବେ ନାହିଁ । ମୁଁ ଜାଣେ, ଆପଣ ଜଣେ କଳାପ୍ରେମୀ ସାହିତ୍ୟ ରସିକ । ତା ନ ହେଲେ ଖଣ୍ଡିଏ କନାର ଶିଏ ପଟ ପାଇଁ ଅକୁଣ୍ଠିତ ଚିତ୍ତରେ ଅତି ମୁକ୍ତ ହସ୍ତରେ ପାଞ୍ଚ ଶହ ଟଙ୍କା ଗଣି ପାରି ନଥାନ୍ତେ । ବାସ୍ତବିକ ଆପଣଙ୍କ ପରି ଗୋଟାଏ ଗୋଟାଏ କଳାପ୍ରେମୀ ଓ ସାହିତ୍ୟ ରସିକ ନ ଥିଲେ ଆମ ଦେଶର କଳାକାର ଓ ସାହିତ୍ୟିକମାନେ ଅତି ମର୍ମାହତ ହୋଇ ପଡ଼ନ୍ତେ ।

ବିଶେଷ କିଛି ସାକ୍ଷାତରେ । ଆପଣଙ୍କ ଆସିବା ପଥକୁ ଅନାଇଁ ରହିଲି । ଇତି ।

ଛନ୍ଦା

ଚିଠି ଖଣ୍ଡିକ ପଠାଇ ଦେଇ ଛନ୍ଦା ଭାବି ବସିଲା ଅନେକ କିଛି । ଅନୁପବାବୁ ଆସିବେ କି ନାହିଁ ? ଆସିଲେ ସର୍ବ ପ୍ରଥମେ କଣ ବୋଲି ସମ୍ବୋଧନ କରିବ ? କେଉଁ ରୀତିରେ ଅତିଥି ସତ୍କାର କରିବ ?

× × × ×

ଚିଠି ଖଣ୍ଡିକ ପାଠ କରି ବଡ଼ ବିସ୍ମିତ ହୋଇ ଉଠିଲେ ଅନୁପ ବାବୁ । ପତ୍ରର ପ୍ରତ୍ୟେକ ପଂକ୍ତିରେ ତାଙ୍କ ବୋକା ମନ ଅତ୍ୟନ୍ତ ଆକୃଷ୍ଟ ହୋଇ ଉଠିଲା । ବାସ୍ତବିକ ଛନ୍ଦାର ରୂପ ଓ ଯୌବନ ଅତି ଲୋଭନୀୟ । ଭାବି ପତ୍ନୀ ରତ୍ନାଠାରୁ ସେ ଶତ ଗୁଣରେ ସୁନ୍ଦରୀ । ହେଲେ.........

ଛନ୍ଦା ଗୋଟାଏ ନର୍ତ୍ତକୀ । ନର୍ତ୍ତକୀର ଦ୍ୱାରସ୍ଥ ହେବା ବଡ଼ ବଦ୍‌ନାମ ଓ ଅପଗୌରବର ବିଷୟ । କିନ୍ତୁ.........

ଛନ୍ଦା ଜଣେ କୁଶଳୀ ଗାୟିକା । ସଙ୍ଗୀତ ବିଦ୍ୟାରେ ସେ ଶ୍ରେଷ୍ଠ ସ୍ଥାନ ଲାଭ କରିପାରିଛି । ପ୍ରତି ସପ୍ତାହରେ ତା କଣ୍ଠ ସଙ୍ଗୀତ ଆକାଶବାଣୀ ଯୋଗେ ପ୍ରଚାରିତ ହୁଏ । ଶ୍ରୋତାମାନେ ବଡ଼ ମୁଗ୍ଧ ହୋଇ ପଡ଼ନ୍ତି ତା କଣ୍ଠର ଲାଳିତ୍ୟରେ । ବିଭିନ୍ନ ପ୍ରଦେଶର ସଙ୍ଗୀତ ପ୍ରେମୀମାନେ ମଧ୍ୟ ତା କଣ୍ଠ ସଙ୍ଗୀତର ପ୍ରଚାର ପାଇଁ ଘନ ଘନ ଚିଠିପତ୍ର ପଠାନ୍ତି—'ବିଭିନ୍ନ ଭାରତୀ' ଏବଂ ସିଂହଳ ବେତାର କେନ୍ଦ୍ରମାନଙ୍କରୁ ଗୋଟାଏ ଓଡ଼ିଆ ଝିଅର କଣ୍ଠ ସଙ୍ଗୀତରେ ସାରା ଦେଶ ଆକୃଷ୍ଟ ହେବା ଓଡ଼ିଶା ପକ୍ଷେ କମ୍ ଗୌରବର ବିଷୟ ନୁହେଁ । ହେଲେ······

ସାଧାରଣଙ୍କ ଚକ୍ଷୁରେ ସେ କୁଳଟା !

ତଥାପି ସେ ଜଣେ ସୁଗାୟିକା ।

କଥାରେ କହନ୍ତି, "ଗାଁ କନିଆଁ ସିଙ୍ଘାଣୀ ନାକୀ ।" ସେଇଥି ପାଇଁ ଏ ଦେଶର ଅର୍ଥାତ୍ ଓଡ଼ିଶାର ଭଦ୍ର ସମାଜରେ ତା ପ୍ରତିଭାର ପୂଜା ଦେଖାଯାଏ ନାହିଁ । ଓଡ଼ିଆ ପତ୍ର-ପତ୍ରିକାମାନଙ୍କରେ ତାର ପ୍ରଶଂସା ପ୍ରକାଶ ପାଏ ନାହିଁ । ସମ୍ଭ୍ରାନ୍ତ ସଙ୍ଗୀତ ସଭା ମଣ୍ଡପ ଉପରେ ଛନ୍ଦାର ଆବଶ୍ୟକତା କେହି ଉପଲବ୍ଧି କରନ୍ତି ନାହିଁ । ତା ଚରିତ୍ରର ପତନକୁ ନେଇ ସଙ୍ଗୀତ ସମାଲୋଚକମାନେ ତା ପ୍ରତିଭାକୁ ଉପହାସ କରି ଉଡ଼ାଇ ଦିଅନ୍ତି । ପ୍ରିୟାପ୍ରିୟ ତୋଷଣକୁ ବେଶ୍ ସୁଯୋଗ ଦେଉଛନ୍ତି । ତଥାପି ସେ ଜଣେ ଓଡ଼ିଶାର ଶ୍ରେଷ୍ଠ ଗାୟିକା, ଏଇ କଥାକୁ କେହି କିନ୍ତୁ ଅସ୍ୱୀକାର କରି ପାରିବେ ନାହିଁ ।

ଚରିତ୍ର ଆଉ ପ୍ରତିଭା—ଅଲଗା ଜିନିଷ । ଚରିତ୍ରର ପତନରେ ପ୍ରତିଭାର ପତନ ହୁଏନା । ପ୍ରତିଭାକୁ କୌଣସି ଶକ୍ତି କଣ୍ଢେଇ ଦେଲେ ଲୋପ କରି ନାହିଁ କି କରି ମଧ୍ୟ ପାରିବ ନାହିଁ । ଚରିତ୍ରର ଦୁର୍ବଳତାକୁ ନେଇ ପ୍ରତିଭାକୁ ଉପହାସ କରିବା ମଣିଷର ଅଜ୍ଞତା ମାତ୍ର । ଏପରି ଅନେକ ତର୍କ ବିତର୍କ ପରେ ଛନ୍ଦାର ନାମସ୍ୱରଣକୁ

ରକ୍ଷା କରିବା ପାଇଁ ଅନୁପବାବୁ ଅଗ୍ରହ ପ୍ରକାଶ କଲେ ।

ଧନେ ସଞ୍ଜୁଆ ହଥିରେ ଅନୁପବାବୁ ଆଧୁନିକ ଚକମକିଆ ବେଶରେ ସଜାଇ ହୋଇ ଭଡ଼ା ମଟର ଯୋଗେ ଛନ୍ଦା ଦ୍ୱାର ମୁହଁ ରାସ୍ତାଉପରେ ଆସି ପହଞ୍ଚିଲେ । ଗାଡ଼ିର ହର୍ଣ୍ଣ ଶୁଣିପାରି ଛନ୍ଦା ଉପର ମହଲାରୁ ତଳକୁ ଓହ୍ଲାଇ ଆସିଲା ପାଟ୍ଟେଷ୍ଟି ନେବାକୁ, ଅତି ସରସ ଓ ହରସ ମନରେ ଭଦ୍ରତାର ମାତ୍ରାକୁ ପକ୍ଷ ବଜାଏ ରଖି । ଛନ୍ଦାର ବ୍ୟବହାରରେ ଅତ୍ୟନ୍ତ ପ୍ରୀତ ହୋଇ ଅନୁପ ବାବୁ କର ମର୍ଦ୍ଦନ କଲେ । ଗୋଟାଏ ନୃତ୍ୟ ଭଙ୍ଗୀରେ ଛନ୍ଦା ଅତିଥିକୁ ପ ଟ୍ଟେଷ୍ଟି ନେଲା । ଅନୁପବାବୁ ଆତ୍ମପ୍ରସାଦ ଲାଭକରି କହିଲେ, "ତମ ଗୃହରେ ମଧ୍ୟ ନୃତ୍ୟର ମୁଦ୍ରା ? ଚମତ୍କାର !"

ଛନ୍ଦା ସାମାନ୍ୟ ହସି ଦେଇ ଉପର ମହଲାକୁ ଯିବାପାଇଁ ଇଙ୍ଗିତ ଆହ୍ୱାନ ଜଣାଇଲା । ଅନୁପବାବୁ ଛନ୍ଦାର ମନ କଥା ବୁଝି ପାରି କହିଲେ, "ଏ ଘରଟାତ ଚମତ୍କାର ଭାବେ ସଜା ହୋଇଛି !" ଏଇଠି ବସିଲେ କ୍ଷତି କ'ଣ ?

ଛନ୍ଦା ଆତ୍ମ ପ୍ରସାଦ ଲାଭ କରି କହିଲା—

ଉପରେ କଳାର ପୂଜାରିଣୀ ଛନ୍ଦାର ଘର । ଉପରକୁ ଆସନ୍ତୁ

ଅନୁପବାବୁ କଥାର ରହସ୍ୟ କିଛି ବୁଝି ନ ପାରି ବୋକାଙ୍କ ପରି ବଲ ବଲ ଅନାଇଁ ରହିଲେ । ଛନ୍ଦା ଅନୁପବାବୁଙ୍କ ହାତକୁ ନିଜ ହାତରେ ଭିଡ଼ି ଧରି ଉପରକୁ ଉଠାଇ ନେଲା । ଛନ୍ଦାର କର ସ୍ପର୍ଶରେ ଅନୁପବାବୁ ମନ୍ତ୍ରମୁଗ୍ଧ ହୋଇ ଅନୁଗମନ କଲେ । ଉପର ମହଲାର ସାଜସଜ୍ଜାରେ ସେ ଅତ୍ୟନ୍ତ ବିସ୍ମିତ ହୋଇ ପଡ଼ିଲେ । କକ୍ଷଟିର ସାଜସଜ୍ଜା ଅତ୍ୟନ୍ତ ଦୀନ । ଏପରିକି ବସିବାକୁ ଖଣ୍ଡିଏ ଚୌକି ସୁଦ୍ଧା ନାହିଁ । ଛୁଡ଼ା ସପଟିଏ ତଳେ ପଡ଼ିଛି । ଟିକିଏ ଦୂରରେ ନିତାନ୍ତ ଅଯତ୍ନ ଭାବେ ପଡ଼ି ରହିଛି

ବହୁଦିନର ଖଣ୍ଡିଏ ପୁରୁଣା ହାରମୋନିୟମ୍ । ଏଡ଼େ ବଡ଼ଟେ ସଫେଦ ଚୂନ କାନ୍ଥକୁ ଉପହାସ କଲା ପରି କାନ୍ଥ ଦେହରେ ଟଙ୍ଗା ହୋଇଛି ଖଣ୍ଡିଏ ଭଙ୍ଗା ଶ୍ରୀକୃଷ୍ଣଙ୍କ ଚିତ୍ରପଟ ।

ଛନ୍ଦା ଅନୁପବାବୁଙ୍କର ମନ କଥା ବୁଝିପାରି କହିଲା, ଆପଣ ବୋଧହୁଏ ଏ ସାଜ ସଜାରେ ଅତ୍ୟନ୍ତ ବିସ୍ମିତ ? ହେଲେ, ଓଡ଼ିଆ କଳାକାରଙ୍କ ଘରେ ଏହାଠୁଁ ବଳି ଦାମିକା ସାଜ ସଜ୍ଜା ଦେଖିବା ବିରଳ !

ଛନ୍ଦା ଯୁକ୍ତିରେ ସାମାନ୍ୟ ପ୍ରକୃତିସ୍ଥ ହୋଇ ଅନୁପବାବୁ ମନେ ମନେ ଭାବିଲେ—ସତେ ତ, ଓଡ଼ିଆ କଳାକାରଙ୍କ ଦଶା ଅତ୍ୟନ୍ତ ଶୋଚନୀୟ ।

କ'ଣ ଭାବୁଛନ୍ତି ଅନୁପବାବୁ ?

ଭାବୁଥିଲି······ଅନୁପବାବୁଙ୍କ କଣ୍ଠରେ ଭାଷା ସ୍ଫୁରିଲା ନାହିଁ, ଅପଲକ ଆଖିରେ ଖାଲି ଲକ୍ଷ୍ୟ କଲେ ଛନ୍ଦାର ରୂପ ମାଧୁରୀ । ଗୋଲ୍ ଗୋଲ୍ ଗାଲ । ଗୋରା ତକ ତକ ମୁହଁ । ଫୁଲିଲା ଦେହ । କୁନ୍ଦ ଦେଲା ପରି ଆଖି । ନାଲି ଟହ ଟହ ଅଧର । କୁଂଚୁ କୁଂଚିଆ କେଶ ଗୁଚ୍ଛ······

"ଆପଣ ଏମିତି ଅନାଇଁ ରହିଲେ ଯେ ? କ'ଣ ମୋ ପୋଷାକରେ···ହୁଁ, ସତେ ତ, କଳାକାରର ଫଟା ଲୁଗା ଛଡ଼ା ଟେସର ଲୁଗା ପିନ୍ଧିବାର ସମ୍ବଳ ନ ଥାଏ । ହେଲେ, ମୁଁ ଜଣେ ନର୍ତ୍ତକୀ, ସେ କଥା କାହିଁକି ଭୁଲି ଯାଉଛନ୍ତି ? ତା' ବୋଲି ଆପଣ ମନେ କରନ୍ତୁ ନାହିଁ ଯେ, ମୁଁ କୁଣ୍ଠିତ ମନବୃତ୍ତି ନେଇ ଆପଣଙ୍କୁ ନିମନ୍ତ୍ରଣ କରିଛି । ଆପଣ ଆସିଛନ୍ତି ଜଣେ କଳାର ପୂଜାରିଣୀର ଘରକୁ, ଗାୟିକାର ଘରକୁ । ହୁଁ, ଗୀତ ଶୁଣିବେ ? କେଉଁ ଗୀତଟା ଗାଇବି କହିଲେ ? କଣ ଚମ୍ପୁ ?

ଅନୁପବାବୁ ପ୍ରଶ୍ନର କୌଣସି ଜବାବ ନ ଦେଇ ବଡ଼ ତୃଷିତ

ନୟନରେ ଖାଲି ଅନାଇଁ ରହିଲେ ଛନ୍ଦାର ମୁଖଶ୍ରୀକୁ । ପାଉଡ଼ର ବୋଳା ଗୋରା ଚକ୍ ଚକ୍ ମୁହଁ ଉପରେ ତାର ସରୁ ହସର ଲହରୀ ଖେଳି ଯାଉଥିଲା ।

ଛନ୍ଦା ଅନୁପବାବୁଙ୍କ ବ୍ୟବହାରର ରହସ୍ୟ ବୁଝିପାରି ବଡ଼ ଆତ୍ମ ପ୍ରସାଦ ଓ ଗର୍ବ ଅନୁଭବ କଲା ।

ଅନୁପବାବୁ ଛନ୍ଦାର ଅତି ନିକଟକୁ ଲାଗି ଆସି ବଡ ଦରଦ ଭରା କଣ୍ଠରେ କହିଲେ—"କଣ ଖାଲି ଗୀତ ଶୁଣାଇବାକୁ ନିମନ୍ତ୍ରଣ କରୁଛ ?"

ଛନ୍ଦା ହସ ହସ ମୁହଁରେ ଉତ୍ତର ଦେଲା, "ନାଚ ମଧ୍ୟ ।"

ଖାଲି ସେତିକି ।

ତା ଛଡ଼ା ଗୋଟାଏ ନର୍ତ୍ତକୀ ଓ ଗାୟିକାଠାରୁ ତ ଅନ୍ୟ କିଛି ଆଶା କରାଯାଏ ନାହିଁ ।

ଯଦି କରି ବସେ ?

ଅନୁପବାବୁ ! ଖୁବ୍ ବଡ଼ ପାଟିରେ ଚିତ୍କାର କଲା ଛନ୍ଦା । ଅବଶ୍ୟ ସେହି ଚିତ୍କାରର ଭିତରଟା ଥିଲା ଅତ୍ୟନ୍ତ ରହସ୍ୟ ମୟ ।

ଅନୁପବାବୁ ଛନ୍ଦାର ଚିତ୍କାରରେ ସାମାନ୍ୟ ଦବିଯାଇ ଟିକିଏ ପଛକୁ ହଟି ଆସିଲେ । ଛନ୍ଦାଠାରୁ ଏପରି ବ୍ୟବହାରର ଆଶା ସେ କରିପାରି ନ ଥିଲେ ।

ହେଲେ ସମସ୍ତେ ଛନ୍ଦାକୁ ଅତିକୁତ୍ସିତଭାବେ ଚାହାଣି କରନ୍ତି । ଅନୁପ ବାବୁ ଯେ ଛନ୍ଦାର ବ୍ୟବହାରରେ ତାର ନାମ-ଗନ୍ଧ ସୁଦ୍ଧା ପାଉ ନାହାନ୍ତି । ତେବେ, ଦୁନିଆର ମନ୍ତବ୍ୟ କଣ ଭୁଲ ?

ଛନ୍ଦା ଅନୁପବାବୁଙ୍କର ନୀରବ ଭାବନାକୁ ଭଙ୍ଗ କରି ନିଜର ଭଦ୍ରତାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ଅତି ନମ୍ର କଣ୍ଠରେ କହିଲା, "ମୋ ବ୍ୟବହାରରେ ବୋଧହୁଏ ଆପଣ ଦୁଃଖିତ ।

କ୍ଷମା କରିବେ ।"

ଅନୁପବାବୁ ନୀରବ ।

ଗୋଟାଏ ନର୍ତ୍ତକୀ ଓ ଗାୟିକା ହିସାବରେ ଆପଣଙ୍କୁ ନିମନ୍ତ୍ରଣ କରିଥିଲି ନା ?

ବଡ଼ ଅସହାୟ କଣ୍ଠରେ ଅନୁପବାବୁ ଉତ୍ତର ଦେଲେ, ହଁ ।

ଗୋଟାଏ ନର୍ତ୍ତକୀ ପ୍ରତି କି ପ୍ରକାର ବ୍ୟବହାର କରାଯାଏ ତାହା ବୋଧ ହୁଏ ଆପଣଙ୍କର ଅଜ୍ଞାତ ନୁହେଁ ?

ମାନୁଛି; ହେଲେ...... ।

ମୁଁ ମଧ୍ୟ ସ୍ୱୀକାର କରୁଛି ଅନୁପବାବୁ, ମୁଁ ଜଣେ ନର୍ତ୍ତକୀ, ହେଲେ ମଧ୍ୟ ମୋର ହୃଦୟ ଅଛି, ଏଇ କଥାକୁ ବୋଧହୁଏ ଅସ୍ୱୀକାର କରିବେ ନାହିଁ ।

ନା ।

ସେ ହୃଦୟ ଯେ ଗୋଟାଏ ନାରୀର ହୃଦୟ, ଏଇ କଥାକୁ ମଧ୍ୟ ମାନିବେ ନିଶ୍ଚୟ ।

ହଁ, ।

ସେଇ ନାରୀତ୍ୱକୁ ନେଇ ଅଡ଼େଇ ଦିନିଆ ଖେଳ ଖେଳିବା କଣ ଆପଣଙ୍କପରି ସମ୍ଭ୍ରାନ୍ତ ଯୁବକ ମାନଙ୍କ ପକ୍ଷେ ଉଚିତ ?

ତା ଅବଶ୍ୟ ନୁହେଁ, ତେବେ...... ।

ହଁ, ମୁଁ ଜଣେ ସାମାନ୍ୟ ନାରୀ । ସ୍ୱାଧୀନ ଭାବେ ଚଳୁଛି । ସ୍ୱାଧୀନା ବୋଲି ସେ ଅଡ଼େଇ ଦିନିଆ ଖେଳ ପାଇଁ କୁଣ୍ଠା-ବୋଧ କରେ ନାହିଁ । ତେବେ, ସେହି ଅଡ଼େଇ ଦିନିଆ ଖେଳର ମଧ୍ୟ ନିଶ୍ଚୟ କିଛି ଗୋଟାଏ ନୀତି ଓ ନିୟମ ଥାଏ—ଏ କଥାକୁ ବୋଧ ହୁଏ ଅସ୍ୱୀକାର କରିବେ ନାହିଁ ?

ନା

ସବୁ ଦିନର ଖେଳ ପାଇଁ ବେଦ-ମନ୍ତ୍ରକୁ ସାକ୍ଷୀ ରଖାଯାଏ ।

ଶଙ୍ଖ-ସନ୍ଦୁର ବାଡଜ । ତା ନ ହେଲେ ସେମାନେ ସମାଜର ସମ୍ଭ୍ରାନ୍ତ ସ୍ୱାମୀ—ସ୍ତ୍ରୀ ହୋଇ ପାରନ୍ତି ନାହିଁ । ଠିକ୍ ସେମିତି ଏ ଅତେଇ ଦନଆ ଖେଳର ମଧ୍ୟ ଗୋଟାଏ ନୀତି, ନିୟମ ଓ ନିଷ୍ଠା ରହିଛି ଅନୁପବାବୁ ।

କଣ ସେ ନୀତି ।

ଅପଣ କଣି ପାରବେ ?

ମୋତେ ବିଶ୍ୱାସ କର ।

ତେବେ ଶୁଣନ୍ତୁ । ଆମର ସର୍ବ ପ୍ରଥମ ଓ ପ୍ରଧାନ ନୀତି ହେଉଛି ସୁରା ପାନ ।

ଛନ୍ଦା ! ଚମକି ଉଠିଲେ ଅନୁପବାବୁ ।

ଛନ୍ଦା ହସ ହସ ମୁହଁରେ ଉତ୍ତର ଦେଲା, "ଏଇଥି ପାଇଁ ମୁଁ ବାରଣ କରୁଥିଲି ଅନୁପବାବୁ । ମଡେଲ ବଣ୍ୟ କରିବାକୁ ହେଲେ ସୁରା ପାନ ପରି ବହୁତ କିଛି ଅନୀତି କରିବାକୁ ପଡ଼ିବ । ତା ନ ହେଲେ ସମାଜର ନିଷ୍ଠୁରତାକୁ ବରଦାସ୍ତ କରି ହେବ ନାହିଁ । ତାର ରୁଦ୍ର ପ୍ରତିହିଂସାରେ ହନ୍ତସନ୍ତ ହୋଇ ଆକଣ୍ଠ ବିଷ ପାନ କରିବାକୁ ମନ ଓ ପ୍ରାଣ ଉଚ୍ଛନ୍ନ ହୋଇ ଉଠିବ । ସେତିକି ବେଳେ ଦେଖିବେ, ଦୁନିଆରେ ଆହା କହିବାକୁ ମଧ୍ୟ କେହି ନ ଥିବେ ।

ଅନୁପ ବାବୁ କଥାର ଗୁଢ଼ ତତ୍ତ୍ୱ କିଛି ବୁଝି ନ ପାରି ଖାଲି ବୋକାଙ୍କ ପରି ବଲ୍ ବଲ୍ ଅନାଇଁ ରହିଲେ ।

ଛନ୍ଦା ଅନୁପ ବାବୁଙ୍କ ବ୍ୟବହାରରେ କୌତୁହଳ ଅନୁଭବ କରି ହସି ଉଠିଲା ଖିଲ୍ ଖିଲ୍ ହୋଇ । ଅସରନ୍ତି ହସ, ମନ ଦୋହଲା ହସ, ଚିତ୍ତହର୍ତ୍ତା ହସ । ସେ ହସର ପ୍ରତି ଲହରୀରେ ମାଛ ପରି ଖେଳି ଖେଳି ପହଁରିବାକୁ ଅନୁପ ବାବୁଙ୍କର ଯୁବକ ପ୍ରାଣ ଉନ୍ମାଦ ହୋଇ ଉଠିଲା । ସେ ଅଉ ନିଜକୁ ସଂଯତ କରି ନ ପାରି ନିଜ ବାହୁ-ବନ୍ଧନ ଭିତରେ ବାନ୍ଧି ରଖିବା ପାଇଁ ଆଗେଇଲେ, ଛନ୍ଦା

ପାଖକୁ । ଛନ୍ଦା କିନ୍ତୁ କୌଶଳର ସହ ସେ ବାହୁ ବନ୍ଧନ ଭିତରୁ ନିଜକୁ ମୁକୁଳାଇ ନେଇ ଚାଲିଗଲା ତଳ ମହଲର ସଜ୍ଜିତ ପଲଙ୍କ ଉପରକୁ—ନୟନର ଠାରରେ, ହସ ହସ ମୁହଁରେ, ଆଉ ଗୃହା-ଣୀରେ ଅନୁପବାବୁଙ୍କର ପ୍ରସ୍ତାବକୁ ସମର୍ଥନ କରି । ଅନୁପବାବୁ ଛନ୍ଦାର ଅନୁଗମନ କରି ଲଥ୍ କିନା ଆଉଜା ପଡ଼ିଲେ ସଜ୍ଜିତ ପଲଙ୍କର ନରମ ତୁଳାଶେଯ ଉପରେ । ଦିହେଁ ଦୁହିଁଙ୍କ ଉନ୍ମାଦ ମନକୁ ସଂଯତ କରି ନ ପାରି ଗାଢ଼ ଆଲିଙ୍ଗନରେ ହସର ଲହରୀ ଛୁଟାଇ ଦେଲେ ଆଉ ବଡ଼ ହରଷେ ସରସ ମନରେ ।

ଦୀର୍ଘ ଦଶ ଦିନର ତର୍କ-ବିତର୍କ ପରେ ଏସେମ୍ବ୍ଲି ସଭାରେ ନିଶା ନିବାରଣ ପ୍ରସ୍ତାବଟି ସର୍ବ ସମ୍ମତ କ୍ରମେ କରତାଳିର ଧ୍ୱନି ସହ ଗୃହୀତ ହୋଇଗଲା । ବ୍ରଜ ବାବୁଙ୍କର ଭେକ ବୁଡ଼ି ଗଲା । ମୁଣ୍ଡ ଉପରେ ବଜ୍ରାଘାତ ଅନୁଭବ କଲେ । ଢୋଉ ବ୍ୟବସାୟକୁ ଆଧାର କରି ଏହି ବଡ଼ ଲୋକର ଆଡ଼ାକୁ ଅଷ୍ଟୁଣ୍ଡି ଚର୍ଣ୍ଣି ଦିନ ଗୁଡ଼ାକ ମଉଜ, ମଜଲିସ୍ ଓ ଆରାମରେ କଟି ଯିବ—ତାର କୌଣସି ସ୍ପୃହା ନ ପାଇ ବଡ଼ ମର୍ମାହତ ହୋଇ ପଡ଼ିଲେ । ଅବଶ୍ୟ କରି ଜାଣିଲେ କଣ୍ଟ୍ରାକ୍ଟରୀ ବ୍ୟବସାୟ ମନ୍ଦ ନୁହେଁ । ବସ୍ତାଏ ସିମେଣ୍ଟରେ କୋଡ଼ିଏ ବସ୍ତା ବାଲି ମିଶାଇ ପାରିଲେ ବେଶ୍ ଦୁଇ ପଇସା ରୋଜଗାର ହୋଇ ପାରିବ, ହେଲେ ମଦ ବ୍ୟବସାୟ ପରି କଣ୍ଟ୍ରାକ୍ଟରୀ ବ୍ୟବସାୟ ସେତେ ସହଜ ନୁହେଁ । କାଠ ପାଇଁ ଫରେଷ୍ଟ ବାବୁଙ୍କୁ ଧରି, ପଥର ପାଇଁ ଖାସମାହାଲକୁ ଖୋସାମତ କରି, କୁଲି ଯୋଗାଡ଼ କରି, ମିସ୍ତ୍ରୀ ଡାକି,

କାମର ଭଲ ମନ୍ଦ ପାଇ ଓଭରସିଅରଙ୍କୁ ଅନୁରୋଧ କର ଇତ୍ୟାଦି ଇତ୍ୟାଦି ଅନେକ ହେଙ୍ଗାମ । ବଡ଼ ବିବ୍ରତ, ବ୍ୟଥିତ ଓ ହତାଶ ହୋଇ ଏମିତି କେତେ କଣ ଆକାଶ ପାତାଳ ଭାବୁଥିଲେ ବ୍ରଜ ବାବୁ । ବ୍ରଜ ବାବୁଙ୍କର ଭାବନାରେ ବାଧା ଦେଇ ପଶି ଆସିଲେ ଠିକାଦାର ଶ୍ରୀ ମହେନ୍ଦ୍ର ସିଂ, ବ୍ରଜ ବାବୁଙ୍କ ବେଦନା ଭରା ପ୍ରାଣରେ କିଛିତ ସାନ୍ତ୍ୱନା ଦେବା ଉଦ୍ଦେଶ୍ୟ ନେଇ ।

ବ୍ରଜ ବାବୁ ବସିବାକୁ ଇଙ୍ଗିତ ଦେଇ ବଡ଼ ବ୍ୟଥିତ କଣ୍ଠରେ କହିଲେ, 'କଥାଟା ବଡ଼ ସାଂଘାତିକ ହୋଇଗଲା ସର୍ଦ୍ଦାରଜୀ । ହଠାତ୍ ଏମିତି ଗୋଟାଏ ଅଘଟନ ହୋଇଯିବ ବୋଲି ମୋର ମୋଟେ ଧାରଣା ନ ଥିଲା ।"

ମହେନ୍ଦ୍ର ସିଂ ସମବେଦନା ଭରା କଣ୍ଠରେ କହିଲେ, "ଏ ସବୁ କେତେକ ପରଶ୍ରୀକାତରିଆ ସଭ୍ୟଙ୍କ ଚକ୍ରାନ୍ତ ମାତ୍ର । ବଡ଼ ବଡ଼ ପ୍ରଦେଶ ମାନଙ୍କରେ ନିଶା ନିବାରଣ ହୋଇ ପାରନି, ଅଥଚ ଓଡ଼ିଶା ପରି ଗୋଟାଏ ଆଦିବାସୀ ବହୁଳ ଅବହେଳିତ ପ୍ରଦେଶରେ ହୋଇଗଲା । ଏ ସବୁ ଆମର ଦୋଷରୁ ବ୍ରଜ ବାବୁ । ପରଶ୍ରୀକାତରିଆ ଲୋକଙ୍କୁ ଭୋଟ ଦେବାର ଫଳ ଏ ।

ଠିକ୍ କଥା ସର୍ଦ୍ଦାରଜୀ । କାଲି ପର ମୋର ମନେ ହେଉଛି, ଟି. କୁମାର ସ୍ୱାମୀ ଗୋଦାମର କିରାଣୀ ଥିଲା ସତ୍ୟନାରାୟଣ । ଆମର ପ୍ରଚେଷ୍ଟାରେ ସେ ହୋଇଗଲା ଜଣେ ଏମ. ଏଲ. ଏ । ସେ ଯାହା ହେଉ, ସତ୍ୟନାରାୟଣ ସ୍କୁଲ ପିଲା ମାଡ଼ଉଛି । ହେଲେ ଆମର ନିଧି—ହୀରା ମେହେନ୍ତରାଣୀର ବଡ଼ ପୁଅ ନିଧି, ସେ ଆଜି ଜଣେ ଏମ୍. ଏଲ୍. ଏ ।

ଛାଡ଼ନ୍ତୁ ବ୍ରଜ ବାବୁ, ସେ ପଛ କଥା ଭାବି କିଛି ଲାଭ ନାହିଁ । ବର୍ତ୍ତମାନ କିଛି ଗୋଟାଏ ବ୍ୟବସାୟର ଚିନ୍ତା କରାଯାଉ ।

ସେଇ କଥା ମୁଁ ମଧ୍ୟ ବର୍ତ୍ତମାନ ଭାବୁଥିଲି । ମୁଁ ଭାବୁଛି,

ଆପଣଙ୍କ ସହ ମିଶି କଣ୍ଟ୍ରାକ୍ଟର କରନ୍ତି । କଁଣ କହୁଛନ୍ତି ?

ସାମାନ୍ୟ ଚିନ୍ତିତ ହୋଇ ଉତ୍ତର ଦେଲେ ସର୍ଦ୍ଦାରଜୀ । ଅବଶ୍ୟ କରି ଥାଆନ୍ତେ କଣ୍ଟ୍ରାକ୍ଟରୀ ବ୍ୟବସାୟ ମନ୍ଦ ନୁହେ । ଆଉ ମଧ୍ୟ ଆପଣଙ୍କ ସହ ଅଂଶୀଦାର ହୋଇ ଇଚ୍ଛା କୌଣସି ବ୍ୟବସାୟ କରିବାର ପ୍ରବଳ ଇଚ୍ଛା ହୋଇ ଥିଲା । ହେଲେ....

ହେଲେ ଆଉ କଣ ?

ମୁଁ ଭାବୁଛି, ମାସ କେତୋଟା ପରେ ଆମ ଦେଶକୁ ଫେରିଯିବି ଆପଣଙ୍କ ଦେଶକୁ ! କଣ ପଞ୍ଜାବ ଫେରିଯିବେ ?

ନ ଫେରି ମୋର ଆଉ ଅନ୍ୟ ଉପାୟ ନାହିଁ ବ୍ରଜ ବାବୁ । ଯେତେ ହେଲେ ଓଡ଼ିଶା ଟା ପର ଦେଶ । ଏଇଠି ମଲେ, ଭାଇ ନା ବନ୍ଧୁ କିଏ ଅଛି ?

ବଡ଼ ନିରାଶ ହୋଇ ଉତ୍ତର ଦେଲେ ବ୍ରଜ ବାବୁ, "ଯିବେ ଯଦି ଯାଆନ୍ତୁ । ବହିଲା ସୁଅକୁ ତ ଆଉ ରୋକି ହେବ ନାହିଁ । ଯେତେ ହେଲେ ପଞ୍ଜାବ ଆପଣଙ୍କର ଜନ୍ମ ମାଟି । କଥାରେ କହନ୍ତି—ପରର ମାଛ ଭଜା ଘରର ଶାଗ ପଖାଳକୁ ସରି ନ ହେଁ । ଅତଏବ ଫେରିଯିବା ନିତାନ୍ତ ଉଚିତ । ତେବେ.....” ଚିନ୍ତିତ ହୋଇ ଉଠିଲେ ବ୍ରଜ ବାବୁ ।

ଚିନ୍ତା ପାଇଁ ବ୍ରଜ ବାବୁଙ୍କୁ ସାମାନ୍ୟ ସମୟ ଦେଇଲା ପରେ ସର୍ଦ୍ଦାରଜୀ ଟେବୁଲ୍ ଉପରେ ପଡ଼ି ଥିବା ପତ୍ରିକା ଖଣ୍ଡିକ ଉଠାଇ ଆଣିଲେ—ପାଠ କରିବା ଉଦ୍ଦେଶ୍ୟରେ । ଯଣିକରେ ଚିନ୍ତା ପରେ ପୁଣି ବ୍ରଜ ବାବୁ କହିବାକୁ ଆରମ୍ଭ କଲେ, "ଅଛି ସର୍ଦ୍ଦାରଜୀ..."

ସର୍ଦ୍ଦାରଜୀ ପତ୍ରିକା ଉପରୁ ମୁହଁ ଫେରାଇ ଆଣି ଜିଜ୍ଞାସୁ ନେତ୍ରରେ ବ୍ରଜ ବାବୁଙ୍କ ରେଖାଙ୍କିତ ଗମ୍ଭୀର ମୁଖ ମଣ୍ଡଳକୁ ଅନାଇ ରହିଲେ ।

ବ୍ରଜ ବାବୁ କହିଲେ, "ଆସନ୍ତା ନିର୍ବାଚନରେ ପ୍ରାର୍ଥୀ

ହେଲେ କେମିତି ହୁଅନ୍ତା ?"

ବ୍ରଜ ବାବୁଙ୍କ ପ୍ରସ୍ତାବକୁ ସର୍ଦ୍ଦାର ଜୀ ସାଦର ସମ୍ମତି ଜଣାଇଲେ, ହେଲେ ଅନ୍ତର ଭିତରଟା କିନ୍ତୁ ଅତ୍ୟନ୍ତ କୌତୁହଳରେ ଖିଲ୍ ଖିଲ୍ ହୋଇ ହସୁଥିଲା । ବାହାରକୁ କିନ୍ତୁ ଅତି ଆପଣାର ହେବା ପରି କହିବାକୁ ଆରମ୍ଭ କଲେ, "ଆସେମ୍ବ୍ଲିରେ ଆପଣଙ୍କ ପରି ବିଜ୍ଞ ଲୋକ-ମାନେ ରହିବା ନିତାନ୍ତ ଉଚିତ । ତା ନ ହେଲେ ଶାସନ କଳ ଅକାଳରେ ଭୁସୁଡ଼ି ପଡ଼ିବ । ଆଉ ମୋର ମଧ୍ୟ ଦୃଢ଼ ବିଶ୍ୱାସ ରହୁଛି, ଆପଣ ନିଶ୍ଚୟ ଉପଯୁକ୍ତ ହେବେ । ନିଧିଆଟା ଭୋଟ ପାଇଲା, ଅଥଚ ଆପଣ ପାଇବେ ନାହିଁ ? ଅନ୍ତତଃ ନିଶା ଖିଆଙ୍କୁ ହାତ କରି ପାରିଲେ ପ୍ରତିଦ୍ୱନ୍ଦୀର ଅମାନତ ମଧ୍ୟ ଉଡ଼ିଯିବ ।"

ସର୍ଦ୍ଦାର ଜୀ ମୁହଁରୁ ଭରସା ଭରା କଥା ପଦକ ଶୁଣି ସାମାନ୍ୟ ସାନ୍ତ୍ୱନା ଲାଭ କଲେ ବ୍ରଜ ବାବୁ ଏବଂ ଭୋଟ ପ୍ରଚାରର ସମସ୍ତ ଦାୟିତ୍ୱ ଗ୍ରହଣ କରିବାକୁ ଅନୁରୋଧ ଜଣାଇ କହିଲେ, "ଏ ଅଞ୍ଚଳରେ ସମସ୍ତ କୁଲି—ମଜୁରିଆ ଆପଣଙ୍କ ହାତରେ । ଆପଣ ଚାହିଁଲେ ସେମାନଙ୍କର ସମସ୍ତ ଭୋଟ ମୋ ବାକ୍ସରେ ଭରିଯିବ । ଏ ଟିକକ ସାହାଯ୍ୟ ମୋତେ ଦେଇ ଯାନ୍ତୁ । ତା ପରେ ଦେଖିବେ, କେବଳ ଏହି ଅଞ୍ଚଳରର କାହିଁ କି, ସମଗ୍ର ଓଡ଼ିଶାର ସମସ୍ତ ଠିକା କାମ ଆପଣଙ୍କ ନାରେ କରାଇ ଦେବ ।"

ବ୍ରଜ ବାବୁଙ୍କର ମନ୍ତବ୍ୟରେ ସର୍ଦ୍ଦାରଜୀ କୌତୁହଳ ଅନୁଭବ କରି ମନେ ମନେ ହସି ଉଠିଲେ ଏବଂ ବାହାରକୁ ବ୍ରଜ ବାବୁଙ୍କର ପ୍ରସ୍ତାବକୁ ସମର୍ଥନ ଜଣାଇବାକୁ ବାଧ୍ୟ ହେଲେ ।

ସର୍ଦ୍ଦାରଜୀଙ୍କର ଭରସା ଭରା ଜବାବ ପାଇଁ ବଡ଼ ଆତ୍ମ ପ୍ରସାଦ ଲାଭ କଲେ ବ୍ରଜ ବାବୁ ।

ସର୍ଦ୍ଦାରଜୀ ଉଠି ଠିଆ ହେଲେ ଯିବାକୁ ।

ବ୍ରଜ ବାବୁ ବଡ଼ ଅସ୍ମ ପ୍ରସାଦର ସହ କରମର୍ଦ୍ଦନ କରି କହିଲେ, ଆପଣହିଁ ମୋର ପ୍ରକୃତ ବନ୍ଧୁ । ମୋର ଏତେ ବଡ଼ ବିପଦରେ ଆପଣଙ୍କର ସାହାଯ୍ୟ ଓ ସହାନୁଭୂତି ପାଇଁ ମୁଁ ଅତ୍ୟନ୍ତ କୃତଜ୍ଞ ।

ହସ ହସ ମୁହଁରେ ଉତ୍ତର ଦେଲେ ସର୍ଦ୍ଦାରଜୀ ଏତ ଅତି ସାମାନ୍ୟ କଥା ବ୍ରଜ ବାବୁ । ହେଉ ମୁଁ ଆସୁଛି, ନମସ୍କାର ।

ପ୍ରତି ନମସ୍କାର ଜଣାଇଲେ ବ୍ରଜ ବାବୁ ।

ଦାନ୍ତର ଧୂଳି ଉଡ଼ାଇ ସର୍ଦ୍ଦାରଜୀ ଫେରିଗଲେ—ଜିପ୍ ଗାଡ଼ି ଯୋଗେ । ସିଂ ବାବୁଙ୍କର ପ୍ରସ୍ଥାନ ପରେ ପରେ ବ୍ରଜ ବାବୁ ମନକୁ ମନ ବଡ଼େ ହସି ଉଠିଲେ । ଭାବିଲେ, ଦିନ ଦୁଇଟାର କଥା । ଖଣ୍ଡେ ଫଟା ପାଇଜା ପିନ୍ଧି ସ୍ତା ପିଣ୍ଡା—ତା ପିଣ୍ଡା ହୋଇ ବୁଲୁଥିଲା ସିଂ । ଅଥଚ ଆଜି........। ଓଡ଼ିଶାରେ ରହି, ଘର—ବାଡ଼ି, ଗାଡ଼ି—ଘୋଡ଼ା କଲା ପରେ ଜନ୍ମ ମାଟିର ପ୍ରେମ ଗଦ ଗଦ ହୋଇ ବହି ପଡ଼ୁଛି । ଫଟା ଲୁଗାରେ ଯେତେବେଳେ ପଞ୍ଜାବ ଛାଡ଼ିଲା ସେତିକି ବେଳେ ଏ ପ୍ରେମ ଥିଲା କେଉଁଠି ? ରହରେ ବାପ—ଦାଢ଼ିଆ ପୁଅ, ତୋତେ ଆଚ୍ଛା କରି ଦେଖି ନେବି । ମିଳି-ମିଶି କିଛି ଗୋଟାଏ ବ୍ୟବସାୟ କରିବାକୁ କହିଲେ କହୁଛି କଟୋ ନା—ମୋ ଦେଶକୁ ମୁଁ ଫେରିଯିବି । ଏଇ କଥା ମୋ ମୁହଁ ଉପରେ କହିବାକୁ ତାର ସାହାସ ହୋଇ ପାରିଲା ? ଆଚ୍ଛା, ଦେଖି ନେବି ଯେ । ଖାଣ୍ଟି ମଦ ରଖିଛୁରେ ପୁଅ । ସେତିକି ବେଳେ ଚିହ୍ନିବୁ ଏ ବ୍ରଜ ବାବୁର କଷାମତି । ଆଗ ମୋ କାମଟା ହାସଲ ହୋଇ ଯାଉକି, ତ ପରେ ଦେଖିବୁ ତୋର ମୁଁ କ'ଣ କରୁଛି । ଠୋକାଠା ଜାଣି ଶୁଣି ସାପ ଲାଞ୍ଜରେ ହାତ

ମାରୁଛନ୍ତି । ଏମିତି ଭେଟରେ କଣି ମନକୁ ମନ ଭାବିଗଲେ ବୃଦ୍ଧ ବାବୁ ।

ଦାସୁବୁଢ଼ା ଜାମୀର ଦୁଇମାଣର ଜମି ଖଣ୍ଡିକ ଓକିଲଙ୍କ ପେଟରେ ହଜମ ହୋଇଗଲା । ମଇଧମା କରି ସେ ଉପଯୁକ୍ତ ହେଲା, ହେଲେ ଓକିଲ-ମୁକ୍ତିଆରମାନଙ୍କୁ ବୁଝାଇ ଦେଇଥିବା ପାଉଣା ଆଉ ଫେର ଧାଇ ପାରିଲା ନାହିଁ । ଯେଉଁ ଜମି ଖଣ୍ଡିକ ଉଠିଆ ଆଉ ଉର୍ବର କରି ଦେଲା ଫସଲ କାଟିବାର ଦୃଢ ସଂକଳ୍ପ କରି ବସିଥିଲା ସେ ସମସ୍ତ ପାଣି ଫୋଟକା ପରି ଫାଟିଗଲା । ବୁଢ଼ାର ଦମ୍ଭ ଭାଙ୍ଗି ଗଲା ଅହା କହିବାକୁ ମଧ୍ୟ ତାର ହେଇ ଆଉ କେହି ଦେଖା ଦେଲେ ନାହିଁ । ଯେଉଁ ଓକିଲ-ମୁକ୍ତିଆର ମାନେ ପ୍ରବଳ ଉତ୍ସାହ ଦେଇ ଲମ୍ବା ଲମ୍ବା କଥାମାନ ଗପୁଥିଲେ ସେମାନେ ମଧ୍ୟ ସାମାନ୍ୟ ସମବେଦନା ପ୍ରକାଶ କରିବାକୁ ଅବସର ପାଇଲେ ନାହିଁ । ବଡ଼ ମର୍ମାହତ ହୋଇ ମୁଣ୍ଡ ପିଟି ହେଲା ଦାସୁ ବୁଢ଼ା —ବଡ଼ ବିକଳରେ ।

ଦାସୁବୁଢ଼ାର ବୟସ ଅସି ହେଲାଣି ସତୁରି ପାଖା ପାଖି । ମଜୁରି ଖାଟି ପେଟ ପୋଷିବାର ତାକତ ତାର ମରି ଯାଇଛି । ସେ ଭାବିଥିଲା ଏ ବୁଢ଼ା ବୟସରେ ଜମି ଖଣ୍ଡିକ ଭାଗରେ ଲଗାଇ ଦେଇ ଶେଷ ଦିନ କେତେଟା ଆରାମରେ କଟାଇ ଦେବ । ତା'ର ପର ହସ ଖୁସିରେ ଆଖି ବୁଜି ଦେବ । ଦାସୁବୁଢ଼ାର ସମସ୍ତ କଳ୍ପନା କଳ୍ପନାରେହିଁ ରହିଗଲା । ତା ଅଜାଣତକୁ ବାହୁନି ହୋଇ ବୁଢ଼େ କାନ୍ଦିଲା ।

ଅନ୍ଧାର ଓ ଅମଡ଼ା ବାଟରେ ମଣିଷ ସାହା-ଭରସା ଲୋଡ଼େ । ବଡ଼ କାକୁତି-ମିନତି ହୋଇ ଭଗବାନଙ୍କୁ ଡାକେ । ବାର ବ୍ରତ, ପୁନିଅ-ପରବ ପାଳେ । ଅଟଳଙ୍କରେ କିନ୍ତୁ ଅଗ-ପଛ ଓ ପାପ

ପୁଣ୍ୟର ଅନ୍ଧଗୃହରେ ସେ ମାଡ଼ି ଗ୍ଲେ ବାଟ-ଅବାଟ ନ ମାନି ମତ୍ତ ଷଣ୍ଢ ପରି । ସେତିକି ବେଳେ ଦାଆଁ-ଦେବତାର କଥା ଆଉ ତାର ମୋଟେ ମନେ ପଡ଼େ ନା । ଏଯାହିଁ ଏ ସୃଷ୍ଟିର ଅନ୍ୟତମ ଶ୍ରେଷ୍ଠ ରହସ୍ୟ ।

ଦ ବେଳା ବୁଢ଼ାର ଲୋଡ଼ା ଦ ଟେଳା ଅଫିମ ଆଉ ସଞ୍ଜ-ବେଳେ ତାଲେ ମଦ । ଏତକ ନ ହେଲେ ତା ହୃଦଯନ୍ତ୍ର ସତେ ଯେପରି ଅଚଳ ଆଉ ପଙ୍ଗୁ । ତା ସାଙ୍ଗକୁ ଦ ଗ୍ରାସ ଶୁଖୁଆ ପୋଡ଼ା ବା ଭଜା କିମ୍ବା ମାଛ କି ମାଂସ ନ ହେଲେ ତା ପେଟର ପେଜ ପାଣି ହଜମ ହୁଏନା ।

ପ୍ରତିଦିନ ସେ ଦଶ-ପନ୍ଦର ମାଣ ମଦ ବିକି ପାରୁଥିଲି । ନିଜେ ମନ ପୂରାଇ ଖାଉଥିଲି, ଖୁଆଉ ଥିଲି, ବକୁଥିଲି । ଖୁବ୍ ହସ-ଖୁସିରେ ବୁଢ଼ାର ଦିନ ଗୁଡ଼ାକ ଗଡ଼ି ଯାଉଥିଲା । ହେଲେ, ବ୍ରଜ ବାବୁଙ୍କ କଥାରେ ମାତି ମଦ ରନ୍ଧା ବନ୍ଦ କଲି । ଆଉ ଯେଉଁମାନେ ରାନ୍ଧୁଥିଲେ ସେମାନଙ୍କୁ ଧରାଇ ଦେଲି । ଏ ସମସ୍ତ କାର୍ଯ୍ୟକରି ସେ ବହୁ ପ୍ରଶଂସା ମଧ୍ୟ ଲାଭ କରୁଥିଲା । ହେଲେ ଆଜି......

ଦାସୁରୁ ଜାଣିକୁ କେହି ଚିହ୍ନିଲେ ନାହିଁ । ଗାଁ ଭାଇଏ ଦୂର, ଦୁର୍, ମାର୍-ମାର୍ କରି ଏକଘରିଆ କଲେ । ଏପରି କି ନିଜର ଭେଣ୍ଡା ପୁଅ ପୁଣଆ ମଧ୍ୟ ନିଜର ବୁଢ଼ା ବାପାକୁ ତାର ପର କରି ଦେଲା ।

ଦାସରୁ ତା ଅତୀତକୁ ଆଉ ରୂପ ଦେଇ ପାରିଲା ନାହିଁ । ଖାଲି କାନ୍ଦି ମାଡ଼ିଲା ।

ବ୍ରଜ ବାବୁଙ୍କ କଥାରେ ମାତି ସେ ଆଜି ନିଜକୁ ସର୍ବହରା କରି ଦେଇଛି । ମିଛ ମକଦ୍ଦମା କରି ସୁକାନ୍ତକୁ ଜେଲ୍ ଦିଆଇଛି । ହେଲେ ସୁକାନ୍ତ...

ଦାସୁରୁ ଜାମାର ଅଣ୍ଟାଭ ରେଇଁ ଉଠିଲା । ଟିକିଏ ଟିକିଏ ଭୁଲରେ ସୁକାନ୍ତର ବାପା ଦାସୁରୁ ଜାମାର ଚିଠି ପଠାଇ ଦେଉଥିଲେ । ଅଥଚ ସୁକାନ୍ତ ତାଙ୍କର ପୁଅ ହୋଇ......। ସତରେ ସୁକାନ୍ତ କେଡ଼େ ଶାନ୍ତ ପିଲା । ଅଥଚ ତାକୁ ବିନା ଦୋଷରେ...

ଦାସୁରୁ ବୁଢ଼ାର ଆଖିରୁ ଝରି ଆସିଲା ଲୁହର ଧାର । ବ୍ରଜ ବାବୁ ପ୍ରତି ତାର ମନ ଜାନୁଆର ଠାରୁ ବଳି ବଡ଼ ହିଂସ୍ରୁକ ହୋଇ ଉଠିଲା । ଭାବିଲା ଗୋଟାଏ ବିଧାରେ ବ୍ରଜ ବାବୁଙ୍କର ନାକ ଫଟାଇ ଦେବ । ତାଙ୍କ ମୁଣ୍ଡକୁ ତଳେ କୁଟି କୁଟି ଛିନ୍‌-ଭିନ୍ କରି ଦେବ । ଏହି ପଣକୁ ଗଣ୍ଠି ଧନ କରି ଉଠି ଠିଆ ହେଲା ଦାସୁରୁ, କିନ୍ତୁ ବାଟ ଚାଲିବାର ତାକତ ତାର ହେଲା ନାହିଁ । ଦୁଇ ଦିନ ହେଲା ଅନ୍ନ ପାଣି ନ ଖାଇ ସେ ବଡ଼ ଦୁର୍ବଳ ହୋଇ ପଡ଼ିଛି । ତା ମୁଣ୍ଡ ଭିତରଟା ଭାଁ-ଭାଁ ହୋଇ ଯାଉଛି । ଜ୍ୱର-ଜ୍ୱର ବୋଧ କରୁଛି । ଅବଶ ଅନୁଭବ କରୁଛି । ବୁକୁ ଫଟା କାଶରେ ଅଣ୍ଟା ନଇଁ ପଡ଼ୁଛି ।

ବଡ଼ ହତାଶ ଓ ଅସହାୟ ହୋଇ ଦାସୁରୁ ଜାମା ଆଉଜି ପଡ଼ିଲା ଛିଣ୍ଡା ଦଉଡ଼ି ଖଟ ଉପରେ ।

ଶିଳ୍ପୀ ସଚ୍ଚିଦାନନ୍ଦ ନିଜର ଭଗ୍ନ ମନକୁ ସାମାନ୍ୟ ସାନ୍ତ୍ୱନା ଦେବା ଉଦ୍ଦେଶ୍ୟରେ ଦୀର୍ଘ ଦୁଇ ମାସ କାଳ ଘୁରି ବୁଲିଲା—କଟକ, କଲିକତା ମାନ୍ଦ୍ରାଜ, ବୋମ୍ବେ ପ୍ରଭୃତି ସହରମାନଙ୍କରେ, ହେଲେ କୌଣସି ସହରର ଜଳବାୟୁ ତା ମନକୁ ପରିବର୍ତ୍ତନ କରି ପାରିଲା ନାହିଁ । ଅତଏବ ସେ ପୁଣି ଫେରି ଆସିଲା ନିଜର ଗାଁ କୁ, ସେହି ପୁରୁଣା, ଭଙ୍ଗା, ଦଦରା ଛପର ଘର ଭିତରକୁ । ଦୀର୍ଘ ଦୁଇ ମାସର ଅନୁପସ୍ଥିତରେ ତା ଘର ଖଣ୍ଡିକ ଉଦ୍ଧ ହେବାକୁ ବସିଲାଣି । କାହାର

ପିଣ୍ଡାଟା ସାହୁ ବୁଲା କୁକୁର ଓ ପଘା ଛିଣ୍ଡା ଗାଈଙ୍କ ଉପଦ୍ରବରେ ଏକ ପ୍ରକାର ଖାତ ଗଦାରେ ପରିଣତ ହୋଇ ଯାଇଛି । ଉପରେ ଯେଉଁ ଦକ୍ଷିଣ ନଡ଼ା ଥିଲା ସେ ସବୁ ଚାଙ୍କୁଡ଼ମାନଙ୍କ ଦାଉରେ ଉଡ଼ିକରି ଖସି ଗଲାଣି । ଘର ଭିତରର ମୂଷା ଗାତ ଭିତରୁ ବାହାରିକି ଲମ୍ବି ପଡ଼ିଛି ସାପ କାତି । ଆଉ ଭଙ୍ଗା କାନ୍ଥ ଉପରେ ଘାସ ଉଠି ଗଲାଣି । ସଚ୍ଚିକୁ ଭାରି ବାଧିଲା । ତା ସାତ ପୁରୁଷର ଘର ଖଣ୍ଡିକ ଭୂଇଁ ହେବାକୁ ବସିଲାଣି, ଅଥଚ ସେ ତା ନିଜ ଘର ପାଇଁ କିଛି କରି ପାରିଲା ନାହିଁ । ରୂପାର ଚାଦ ପଟକୁ ଛବୀ କରି ସେ ହଜାର ହଜାର ଟଙ୍କା ରୋଜଗାର କରି ଉଡ଼ାଇ ଦେଇଛି, ହେଲେ ଘର ପାଇଁ ସେ ଅଧଲାଟାଏ ବି ଖର୍ଚ୍ଚ କରି ପାରିଲା ନାହିଁ । ନିଜର ଅବହେଳା ପ୍ରତି ନିଜେ ରାଗି ଯାଇ ନିଜ ହାତରେ ଠୋ ଠୋ ହୋଇ ପିଟି ହେଲା ଶିଳ୍ପୀ ସଚ୍ଚିଦାନନ୍ଦ । ଭଙ୍ଗା କାନ୍ଥ ଦେହରେ ମୁଣ୍ଡ କୁଟି ହୋଇ ଭଡ଼ ଭଡ଼ କାନ୍ଦ ଉଠିଲା ।

ଅଞ୍ଚଳର ପ୍ରତ୍ୟେକ ଗଳି-କନ୍ଦରେ ଭୋଟ ପ୍ରଚାର ଖୁବ୍ ସରଗରମ ହୋଇ ଉଠିଲା । ପ୍ରଚାର ଗାଡ଼ି ଗୁଡ଼ାକ ଅବିରାମ ଛୁଟି ଚାଲିଲା ଏଗାରୁ ସେ ଗାଁ, ସେ ଗାଁରୁ ଏ ଗାଁ । ଡାକବାଜି ଯନ୍ତ୍ର ଯୋଗେ ଦଳେ ଆସି ସହର ଓ ମଫସଲର ପ୍ରତି କନ୍ଦ-କନ୍ଦରେ କହିଗଲେ-ଭାଇମାନେ ! ବହୁ ବର୍ଷ ଧରି ଏ ଦଳ ଆପଣ ମାନଙ୍କର ସେବା କରି ଆସିଛି । ବହୁ ଲାଠି, ଗୁଳି ଓ ଫାଶୀକୁ ବରଦାସ୍ତ କରି ଅତ୍ୟନ୍ତ ନିଷ୍ଠାର ସହ ଶାନ୍ତି ଓ ଅହିଂସାର ମନ୍ତ୍ରକୁ ଅକ୍ଷରେ ଅକ୍ଷରେ ପାଳନ କରି ଗାନ୍ଧୀ ଶହ ବର୍ଷର ବନ୍ଧନକୁ ଖଣ୍ଡନ କରି, ବିଦେଶୀ ଶାସକର ଅନ୍ୟାୟ, ଅତ୍ୟାଚାର ଓ ବ୍ୟଭିଚାରକୁ ଲୋପ

କରି ଏ ଦେଶରେ ଜନସଂଷ୍ଟ୍ର ପ୍ରତିଷ୍ଠା କରି ପାରନ୍ତି । ସେହି ଜନ-ରାଷ୍ଟ୍ରର କଲ୍ୟାଣହିଁ ଆମ ଦଳର ପ୍ରଧାନ ଉଦ୍ଦେଶ୍ୟ ଓ ମହାନ୍ କର୍ତ୍ତବ୍ୟ । ଆମ ଦଳର ନୀତିଟିଓ ସ୍ପଷ୍ଟ ହେଉଛି—ମଣିଷ ମଣିଷ ପରି ରହୁ । ମଣିଷ ମଣିଷ ମଧ୍ୟରେ କୌଣସି ପ୍ରକାରର ଭେଦ ଭାବ ବା ଅହଂକାର ନ ରହୁ । ଜନ ମଙ୍ଗଳ ରାଷ୍ଟ୍ରର ଗଠନ ପାଇଁ ଆମ ଦଳହିଁ ଏକ ମାତ୍ର ଠାଣୁଆ ଓ ଉପଯୁକ୍ତ ଦଳ । ଅତଏବ ଏହି ଦଳର ଧଳା ରଙ୍ଗର ବାକ୍ସରେ ଭୋଟ ଦେଇ ମଙ୍ଗଳକାମୀ ଦଳକୁ ଜୟ ଯୁକ୍ତ କରି ନିଜର, ଜାତିର ଓ ଦେଶର କଲ୍ୟାଣ ସାଧନ କରନ୍ତୁ ।"

ଆଉ ଦଳେ ଆସି କହୁଥାନ୍ତି-ଭାଇମାନେ ! ଗଲା କେତେ ବର୍ଷର ଶାସନ କାଳରେ ଯେଉଁ ଅନ୍ୟାୟ, ଅତ୍ୟାଚାର ଓ ବ୍ୟଭିଚାର ଭିତରେ ଆପଣ ମାନେ ନିଷ୍ପେଷିତ, ସେଥିରୁ ଉଦ୍ଧାର ଦେଶରେ ଦୃଢ଼ ଗଣ ରାଷ୍ଟ୍ର ପ୍ରତିଷ୍ଠା କରି ନିଜର, ଜାତିର ଓ ଦେଶର କଲ୍ୟାଣ ପାଇଁ ଆମ ମଙ୍ଗଳ କାମୀ ଦଳର ସାଗୁଆ ରଙ୍ଗର ବାକ୍ସରେ ଭୋଟ ଦିଅନ୍ତୁ । ଆପଣମାନେ ବେଶ୍ ଅନୁଭବ କରି ପାରୁଥିବେ—ଗଲା କେତେ ବର୍ଷ ଭିତରେ ନାନା କିସମର ଟିକସ ଦେଇ ଦେଇ ବିଶେଷତଃ ଗରିବ ପ୍ରଜାବୃନ୍ଦ କିପରି ଢ଼ହଲ-ବିକଲ ହୋଇ ମରୁଛନ୍ତି । ଆଉ ମଧ୍ୟ ଆପଣମାନେ ଜାଣି ପାରୁଥିବେ, ସେହି ଅନ୍ୟାୟୀ ଧଳା ରଙ୍ଗର ବାକ୍ସବାଲାଙ୍କ ପାଇଁ ଗରିବ ଓ ମଧ୍ୟବିତ୍ତଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢୁଛି । ଜନତାର ଅଶାନ୍ତି ଦିନକୁ ଦିନ ବଢୁଛି । ଆଉ ମଧ୍ୟ ଶୁଣିଥିବେ, ଏହି ଓଡ଼ିଆଙ୍କ ମାଟିରେ ହୀରାକୁଦ, ରାଉରକେଲା, ଢ଼ୁଢ଼ୁମା ପରି ବଡ ବଡ଼ ଯୋଜନାମାନ କାର୍ଯ୍ୟକାରୀ ହୋଇ ଭୁଖା ଓଡ଼ିଆ ପୁଅ ସେ ଅଞ୍ଚଳରେ ପେଟ ପୋଷିବାର ସୁବିଧା ପାଉ ନାହିଁ । କାହିଁକି ? ସେଥିପାଇଁ ଦାୟୀ କିଏ ? ଏଥି ପାଇଁ କେବଳ ଶାସନ ବ୍ୟବସ୍ଥା

କରିବାକୁ ହେବ । ଆମ ଦଳକୁ ଆପଣମାନେ ଏହି ନିର୍ବାଚନରେ ଭୋଟ ଦେଇ ଜୟଯୁକ୍ତ କରାଇଲେ ଆମେ ଆପ୍ରାଣ ଚେଷ୍ଟା କରି ଏହାର ସମାଧାନ କରିବୁ । ଗରିବ ଖଟିଖିଆ ସାଥିମାନଙ୍କର ସେବା ପାଇଁ ଆମେ ଆମ ଜୀବନରେ ବ୍ରତ କରିଛୁ । ଏମିତି କେତେ କଣ ପରର ଛିଦ୍ର ବାଛି, ନିଜର ବଡ଼ପଣିଆ ଦେଖାଇ ଚାଲିଗଲେ ନାଗୁଆ ରଙ୍ଗର ବାକ୍ସ ବାଲା ।

ବ୍ରଜ ବାବୁଙ୍କ ପ୍ରଚାର ବିଭାଗ ଆସି ପ୍ରଚାର ଆରମ୍ଭ କଲା — "ଭାଇ ଓ ଭଉଣୀମାନେ, ଏ ଦେଶରେ ଯେତେ କିସମର ରାଜନୈତିକ ଦଳମାନଙ୍କୁ ଦେଖିପାରୁଛନ୍ତି, ସେମାନଙ୍କୁ ମୋଟେ ବିଶ୍ୱାସ କରନ୍ତୁ ନାହିଁ । ବିଶ୍ୱାସ କରି ଆପଣମାନଙ୍କର ସୁନାର ଭବିଷ୍ୟତକୁ ଚୂନା କରନ୍ତୁ ନାହିଁ । ସେ ସମସ୍ତ ଗୋଟାଏ ଗୋଟାଏ ବିଶ୍ୱାସ ଘାତକର ଦଳ, ଅନ୍ୟାୟୀର ଦଳ, ବ୍ୟଭିଚାରୀର ଦଳ, ସଇତାନର ଦଳ । ଗାଦି ଆଶାରେ ନାନା ରକମର ପ୍ରଲୋଭନ ମାନ ବର୍ତ୍ତିମାନ ଦେଖାଇ ଶେଷରେ ଆପଣଙ୍କ ଆଖିରେ ଧୂଳି ମାରି ଦେବେ, କାହାରିକୁ ବିଶ୍ୱାସ କରନ୍ତୁନାହିଁ । କେବଳ ପେଟପାଇଁ ଆଜି ସେମାନଙ୍କର ଏତେ ନେହୁରା, ମିଠା ମିଠା କଥା, ଲମ୍ବା ଲମ୍ବା ଯୁକ୍ତି । ଭୋଟ ପାଇ ଗାଦିରେ ବସିଲେ ଆଉ ଆପଣମାନଙ୍କୁ ସେ ଚିହ୍ନି ପାରିବେ ନାହିଁ । ମଲା ମୁଣ୍ଡିଆଙ୍କୁ ସେ ମଣିଷ ବୋଲି ଭାବି ମଧ୍ୟ ପାରିବେ ନାହିଁ । ସ୍ୱାର୍ଥପର ଓ ପରଶ୍ରୀ କାତର ଦଳଙ୍କୁ ଭୋଟ ଦେଇ ନିଜର ସର୍ବନାଶ କରନ୍ତୁ ନାହିଁ । ଆମ ବ୍ରଜ ବାବୁ କୌଣସି ବ୍ୟଭିଚାରୀ ଦଳର ସଭ୍ୟ ନୁହନ୍ତି । ଆଜିର ଏହି ଘଡ଼ି ସନ୍ଧି ବେଳେ ଜନ୍ମ ମାଟିର ଓ ମାର ସେବାହିଁ ତାଙ୍କର ଏକ ମାତ୍ର କର୍ତ୍ତବ୍ୟ ବୋଲି ଧରି ନେଇଛନ୍ତି । ତାଙ୍କୁ ଆପଣମାନେ ଆପଣମାନଙ୍କର ଭୋଟ ପ୍ରଦାନ କରନ୍ତୁ । ତା ପରେ ଦେଖିବେ, ଦେଶରେ ଅରାଜକତା, ଚୋରି; ମଡ଼କ, ମରୁଡ଼ି କିଛି

ରହିବ ନାହିଁ । ଦାନା—ଦାନାର ଟିକସ କଟି ଯିବ । ପୋଡ଼ୁ * ଚାଷର ସୁବିଧା ମିଳି ଯିବ । ପ୍ରତି ଗାଁରେ କୂଅ, ପୋଖରୀ; ସ୍କୁଲ୍ ପ୍ରଭୃତି ଖୋଲା ହେବ । ରାସ୍ତାଘାଟ ମରାମତି ହୋଇ ପକ୍କା ହୋଇ ଯିବ । ମଂଜୁଷା, ଟିକ୍କାଲି ଓଡ଼ିଶାକୁ ଫେରି ଆସିବ । ଗୋଦାବରୀ ପର୍ଯ୍ୟନ୍ତ ଆମର ସୀମା ବଢ଼ିଯିବ ଇତ୍ୟାଦି ଇତ୍ୟାଦି ।”

ଆଦିବାସୀ, ହରିଜନ ଓ ଶ୍ରମିକ ଅଞ୍ଚଳ ମାନଙ୍କରେ ନିଜେ ବ୍ରଜ ବାବୁ ପ୍ରଚାର ଆରମ୍ଭ କଲେ । ମଦ ଉଠାଇ, ମଦର ଆୟ ଡ଼ାଲି ଚାଉଳ ଉପରୁ ଟିକସ ଆକାରରେ ଆଦାୟ କରି କେତେ ଦମ୍ଭ ସମ୍ଭ ନ କଲା ଏ ସରକାର ! ମଦ ଥିଲେ ବା କ୍ଷତି କଣ ? ତୁମେ ସବୁ ସାରା ଦିନ ହାଡ଼ଭଙ୍ଗା ପରିଶ୍ରମ କରି ସଂଜ ବୁଡ଼େ ଫେରୁ-ଛ, ଅଣାର ମଦ ଖାଇ ନିଜର କ୍ଲାନ୍ତ ଦେହକୁ ଟିକିଏ ହାଲୁକା କରି ପାରୁଥିଲ ।

ଏମିତି ମଦୁଆମାନଙ୍କୁ ମଦର ଆଶା, ଜୁଆଡ଼ିଙ୍କୁ ଜୁଆ ଖେଳର ନିଶା ଦେଖାଇ ସେମାନଙ୍କର ଭୋଟ ହାସଲ କରିବାକୁ ଆପ୍ରାଣ ଚେଷ୍ଟା କଲେ ବ୍ରଜ ବାବୁ । ବ୍ରଜ ବାବୁଙ୍କର ଏ ପ୍ରକାର ପ୍ରଚାରରେ ଥୋକେ ମଦୁଆ ଓ ଗଣ୍ଡେ ଜୁଆଡ଼ି ପ୍ରବଳ ଉତ୍ସାହର ସହ ମାତି ଉଠି ବ୍ରଜ ବାବୁଙ୍କର ଜୟ ଜୟ କାରରେ ଆକାଶ ଫଟାଇ ଦେଲେ ।

ସପ୍ତାହକ ପରେ ଭୋଟ ଗ୍ରହଣ କରାଯିବ । ଭୋଟ ପ୍ରଚାରର ଲମ୍ବା ଲମ୍ବା ବକ୍ତୃତାରେ ଦେଶର ପ୍ରତ୍ୟେକ ଗଳି-କନ୍ଦି ପ୍ରତିଧ୍ୱନିତ

---

*ପୋଡ଼ୁ ଚାଷ ମାନେ ପାହାଡ଼ ଚାଷ । ବିଶେଷତଃ କୋରାପୁଟ ଜିଲ୍ଲାର ଆଦିବାସୀମାନେ ପାହାଡ଼ର ଗଛ-ପତ୍ର ଓ ପଥର ସଫା କରି ଏହି ଚାଷ କରନ୍ତି । ହରଡ଼ ଡ଼ାଲି ଏବଂ ଜହ୍ନା ପୋଡ଼ୁ ଚାଷର ପ୍ରଧାନ ଫସଲ ।

ହୋଇ ଉଠିଲା । ବାଦ୍ୟର ଫୁଙ୍କି ଦେଲା ଧୂଆଁ ଘର ପଇସା ଗୁଡ଼ାକ ପ୍ରଚୁରରେ ଉଡ଼ିଗଲା । ଛାପାଖାନା ବାଲା ପ୍ରଚୁର ପତ୍ର ଛାପି ଛାପି ଥକି ଗଲେଣି । ଗାଁ ଟାଉଟର, ମୁଖିଆ ଓ ସରପଞ୍ଚ ମାନଙ୍କର ଭାଗ୍ୟ ଖୋଲି ଗଲାଣି । ଖଣ୍ଡିଏ ଭୋଟ ପାଇଁ ଟଙ୍କା ମଧ୍ୟ ଗଣି ଦେବାକୁ ମଧ୍ୟ କୌଣସି କୌଣସି ପ୍ରାର୍ଥୀ କୁଣ୍ଠା ବୋଧ କରିଥିବା ଜଣାଗଲା ନାହିଁ । ଏତେ ବଡ଼ ଗରମ ଗରମ ପ୍ରଚୁରରେ ମଧ୍ୟ ଅନ୍ୟତମ ସ୍ୱାଧୀନ ପ୍ରାର୍ଥୀ ଶ୍ରୀମାନ୍ ଶିବ ପ୍ରସାଦ ମିଶ୍ର ଟିକେ ହେଲେ ବିଚଳିତ ନ ହୋଇ ଖୁବ୍ ଆନନ୍ଦରେ ଶୋଇ ରହିଲେ । ଶିବ ବାବୁଙ୍କର ନୀରବତା ବହୁ ସ୍ଥାନରେ ବଡ ଚାଞ୍ଚଲ୍ୟ ସୃଷ୍ଟି କରି ଦେଲା । ସମସ୍ତଙ୍କ ମୁହଁରୁ ଏକ ସ୍ୱରରେ ଶୁଣା ଗଲା-ଶିବ ବାବୁଙ୍କର ଅମାନତ ମଧ୍ୟ ଉଡ଼ିଯିବ । ଏ ସମସ୍ତ ସମାଲୋଚନା ଶୁଣି ମଧ୍ୟ ଶିବ ବାବୁ ନୀରବ । ଶିବ ବାବୁଙ୍କର ନୀରବତାରେ ତାଙ୍କର କେହି କେହି ହିତାକାଂକ୍ଷୀ ମାନେ ବଡ଼ ବିସ୍ମିତ ଓ ଦୁଃଖିତ ହୋଇ ଉଠନ୍ତି । ପ୍ରଚୁରର ଆୟୋଜନ ପାଇଁ ଶିବ ବାବୁଙ୍କୁ ଅନୁରୋଧ କରନ୍ତି । ଶିବ ବାବୁ ବନ୍ଧୁ ମାନଙ୍କର ଅନୁରୋଧରେ ସାମାନ୍ୟ ହସି ଦେଇ କହନ୍ତି, "ମୋ ପ୍ରତି ଯାହାର ଆସ୍ଥା ରହିଛି ତା'ର ଭୋଟ ମୁଁ ନିଶ୍ଚୟ ପାଇବି ! ଯାହାର ଆସ୍ଥା ନାହିଁ ସେମାନଙ୍କୁ ହାତୀ-ଘୋଡ଼ା ଦେବି ବୋଲି କହି ସେମାନଙ୍କର ଭୋଟ ନେବା ଭାରି ଅନ୍ୟାୟ ହେବ । ବିଜୟ ବାବୁଙ୍କ ପରି ନିଶା ନିବାରଣ ଆଇନକୁ ରଦ୍ଦ କରାଇ ଦେବାର ପ୍ରତିଶ୍ରୁତି ଦେଇ, ନିଶାଖୋରଙ୍କ ଭୋଟରେ ଗାଦିରେ ବସି ସେ କାମ ଯଦି କରି ନପାରେ-ତାହା ହେଲେ ଲୋକେ ମୋତେ କଣ କହିବେ ? ସେମାନଙ୍କୁ ମୁଁ ମୁହଁ ଦେଖାଇ ପାରିବିଟି ? ନାନା ରକମର ମିଥ୍ୟା ପ୍ରଲୋଭନ ମାନ ଦେଖାଇ ଗାଦିରେ ବସିବାକୁ ମୁଁ ପସନ୍ଦ କରେନା ।"

ଶିବ ବାବୁଙ୍କର ଯୁକ୍ତି ଅବଶ୍ୟ ଯଥାର୍ଥ । ହେଲେ ଗାଦିର

ଅଣ୍ଟା ଭାଙ୍ଗି ଭୋଟ ଲଢ଼େଇ କରିବାର ଅର୍ଥ ?

ଶିବ ବାବୁଙ୍କ ଯୁକ୍ତିର ପ୍ରତିବାଦ କରିବାକୁ ନ୍ୟାୟ ସଙ୍ଗତ ଯାହା ନ ପାଇ ଅସିବା ବାଟରେ ବନ୍ଧୁ ମାନେ ଫେରି ଯାନ୍ତି ।

ଭୋଟ ପ୍ରଚାର ଖୁବ୍ ଜୋରରେ ମାତି ଉଠିଲା ।

ବ୍ରଜ ବାବୁ ଭାବି ଠିକ କଲେ—ତାଙ୍କ ପ୍ରଚାର ବିଭାଗରେ ଦୁଇ ସୁନ୍ଦରୀ ଯୁବତୀ ଝିଅଙ୍କୁ ଅଗ୍ରଣୀ କରି ରଖିବେ । ଏପରି ଯଦି କରି ଯାଇପାରେ, ଅନ୍ତତଃ ଯୁବକ ପୁଅଙ୍କ ଭୋଟ ତାଙ୍କ ବାକ୍ସରେ ପଡ଼ିଯିବ । କଥାରେ କହନ୍ତି—ନାରୀର ଆବେଦନ କେବେ ବିଫଳ ହୁଏ ନା । ନାରୀ ନରକର ମାନବଙ୍କୁ ମୁକ୍ତି ଦେଇପାରେ । ସ୍ୱର୍ଗର ଦେବତାଙ୍କୁ ନର୍କ ଭିତରକୁ ଠେଲି ଦେଇପାରେ । ଏମିତି କେତେ କ'ଣ କଳ୍ପନା ମାନ କରି ଯାଉଥିଲେ ବ୍ରଜବାବୁ । ଏତିକିବେଳେ ହଠାତ୍ ଧାଣ୍ଡିରେ ଧୂଳି ଉଡ଼ାଇ ଉଡ଼ାଇ ଖଣ୍ଡିଏ ଜିପ୍‌ଗାଡ଼ି ବ୍ରଜବାବୁଙ୍କ ଦ୍ୱାର ମୁହଁରେ ବ୍ରେକ୍ କଷିଲା । ଗାଡ଼ି ଭିତରୁ ଓହ୍ଲାଇ ଆସିଲା ରତ୍ନା, ଅତି ସାଧା ସିଧ ଓ ନାମୁଲି ପୋଷାକରେ । ରତ୍ନାର ଏହି ଆକସ୍ମିକ ଆଗମନ ବିଶେଷତଃ ତାର ସାଧା ସିଧା ପୋଷାକ ବ୍ରଜ ବାବୁଙ୍କୁ ବଡ଼ ବିସ୍ମିତ କରିଦେଲା ।

ରତ୍ନା ଆପେ ଆପେ ଚୌକି ଖଣ୍ଡିକ ଅଧିକାର କରି ନେଇ ନେଇ କହିଲା, "ସତରେ ମୋ ଭାଗ୍ୟଟା ଏଡ଼ିକି ହୀନ ହେବ ବୋଲି ମୁଁ କଳ୍ପନା ସୁଦ୍ଧା କରି ପାରି ନ ଥିଲି ବ୍ରଜବାବୁ ।

କଥା କ'ଣ ରତ୍ନା ଦେବୀ ? ବଡ଼ ବିସ୍ମୟ ଭରା କଣ୍ଠରେ ପ୍ରଶ୍ନ କଲେ ବ୍ରଜବାବୁ ।

କାନ୍ଦ କାନ୍ଦ ହୋଇ ଉତ୍ତର ଦେଲା ରତ୍ନା, "ମୋର ସମସ୍ତ ସଂସାର ବର୍ତ୍ତମାନ ଭୁସୁଡ଼ି ଯିବା ଉପରେ ବ୍ରଜବାବୁ । ଏ କଥା ଆଗରୁ ଜାଣି ପାରିଥିଲେ ହୁଏତ......।" ରତ୍ନାର କଣ୍ଠ ଥରି ଉଠିଲା ।

ତୁମ ଅଭିଯୋଗଟା କ'ଣ ରତ୍ନାଦେବୀ ? କଥାଟା ଖୋଲି କରି କହନ୍ତୁ । ସମବେଦନା ଭରା କଣ୍ଠରେ କହିଲେ ବ୍ରଜ ବାବୁ ।

ବାସ୍ତବିକ ମୁଁ ବଡ଼ ବିପଦ ଗ୍ରସ୍ତ ବ୍ରଜବାବୁ । ମହଗଂରୁ ଆଗ କାନ୍ତାରରେ ପଡ଼ିଲେ ମଣିଷର ଯାହା ହୁଏ—ତାହାହିଁ ମୋର ହୋଇଛି ।

ମାନେ ?

ମୋ ସ୍ୱାମୀ ଜଣେ ପକ୍କା ନିଶା ଖୋର ।

କଥାଟା ବଜ୍ରାଘାତ ପରି ବୋଧ ହେଲା ବ୍ରଜବାବୁଙ୍କୁ । ରତ୍ନାର ଅଭିଯୋଗକୁ ସେ ବିଶ୍ୱାସ ମଧ କରି ପାରିଲେ ନାହିଁ । ପିଲା ଦିନରୁ ସେ ଅନୁପବାବୁଙ୍କୁ ଦେଖି ଆସିଛନ୍ତି । ଭାରି ଶାନ୍ତ, ସରଳ ଓ ବୁଦ୍ଧିମାନ୍ ପିଲାଟିଏ । ମଦୁଆଙ୍କୁ ଦେଖିଲେ ଅନୁପବାବୁ ଚପଲ ଉଠାଇ ମାଡ଼ ଦେଉଥିଲେ । ସରକାରଙ୍କ ସହ ଲଢ଼େଇ କରି କରି ଆଜି ଦେଶରେ ନିଶା ନିବାରଣ କରାଇ ପାରିଛନ୍ତି । ନିଜେ ଅନୁପ-ବାବୁ ଭାଟି ମୁହଁରେ ଧାରଣା ଦେଇ ମଦୁଆମାନଙ୍କୁ ବହୁ ପ୍ରକାର ବୁଝାଉଥିଲେ—ନିଶା ଦ୍ରବ୍ୟର ସେବନ ପରିତ୍ୟାଗ କରିବା ପାଇଁ । ଅଥଚ ଆଜି ଅନୁପବାବୁ ନିଜେ……

ରତ୍ନାର ଅଭିଯୋଗକୁ ଆଦୌ ବିଶ୍ୱାସ କରି ନ ପାରି ବ୍ରଜବାବୁ କହିଲେ, ଆଜିକାଲି ବଜାରରେ ମଦ ତ ବିକ୍ରୀ ହୁଏ ନା ରତ୍ନାଦେବୀ । ଅନୁପ ବାବୁ ପାଆନ୍ତି କପରି ?

ଛନ୍ଦା ଦିଏ ।

ଛନ୍ଦା ଚନ୍ଦ୍ରଶେଖରଙ୍କ ଝିଅ ଛନ୍ଦା ! ନର୍ତ୍ତକୀ ଛନ୍ଦା !

ଆପଣ ଥରେ ଦେଖି ଆସନ୍ତୁ ନା ବ୍ରଜବାବୁ, ତାପରେ ମୋ କଥାକୁ ବିଶ୍ୱାସ କରିବେ ।

ଷ୍ଟାମ୍ ଷ୍ଟାମ୍…ତୁମକୁ ଅବିଶ୍ୱାସ କରିବାର କୌଣସି କାରଣ ନାହିଁ ରତ୍ନା ଦେବୀ । ହେଲେ, ମଣିଷ ସବୁ କିଛି କରିପାରେ; କିନ୍ତୁ

ଗୋଟାଏ ନର୍ତ୍ତକୀର ଦ୍ୱାରସ୍ଥ ହେବା···ଅସମ୍ଭବ ! ଭଗବାନ ଯାହା ହେଉ ସେତିକ ବଦ୍ ବୁଦ୍ଧି ମୋତେ ଦେଇ ନାହାନ୍ତି !

ତାହାହେଲେ କ'ଣ ମୋତେ ନିରାଶ ହୋଇ ଫେରି ଯିବାକୁ ପଡ଼ିବ ! ବଡ଼ କରୁଣ ଭୋଳା କଣ୍ଠରେ କହିଲା ରତ୍ନା ।

ସିଗାରେଟଟାକୁ ନିଆଁ ଧରାଉ ଧରାଉ ବ୍ରଜ ବାବୁ କହିଲେ, ନା, ମୋଟେ ନୁହେଁ ରତ୍ନା ଦେବୀ । ଏ ପର୍ଯ୍ୟନ୍ତ ବ୍ରଜବାବୁ କାହାରିକୁ ନିରାଶ କରିନାହିଁ କିମ୍ବା କେହି ନିରାଶ ହୋଇ ମଧ୍ୟ ଫେରି ନାହାଁନ୍ତି । ବିଶେଷତଃ ଲକ୍ଷ୍ମୀପୁର ଜମିଦାରଙ୍କ ଏକମାତ୍ର ଅଲିଅଳ କନ୍ୟା ରତ୍ନା ଦେବୀ କେବେ ନିରାଶ ହୋଇ ଫେରିବେ ନାହିଁ । ତୁମେ ଧୈର୍ଯ୍ୟ ରଖ ରତ୍ନାଦେବୀ । ଏମିତ ଭାଙ୍ଗି ପଡ଼ ନାହିଁ । ବ୍ରଜବାବୁ ଜୀବନରେ ଥାଉ ଥାଉ ରତ୍ନା ଦେବୀଙ୍କୁ ଏପରି ଭାବରେ ଭାଙ୍ଗି ପଡ଼ିବାକୁ ଦେବେ ନାହିଁ । ହେଲେ ଏ ଛୋଟ କାମଟା ଶେଷ ନ ହେବା ଯାଏ କୌଣସି କାର୍ଯ୍ୟରେ ହାତ ଦେଇ ହେଉ ନାହିଁ । ଅଚ୍ଛା ରତ୍ନା ଦେବୀ, ଦିନ ଚାରି ଛଅଟା ସମ୍ଭାଳି ଯାଅନ୍ତ, ତାପରେ ଦେଖ ବ୍ରଜବାବୁର ହାତ ବାଜି ସବୁ ଆପେ ଆପେ ଠିକ୍ ହୋଇଯିବ । ...... କ'ଣ କହୁଛ !

ସାମାନ୍ୟ ଆଶା ଓ ଆଶ୍ୱାସନା ପାଇ ରତ୍ନା କହିଲା, "ଆପଣଙ୍କ ଦୟା ।"

ଏଥିରେ ଦୟା ଧର୍ମର କଥା ତ କିଛି ନାହିଁ ରତ୍ନାଦେବୀ । ହେଲେ......

ଅଚ୍ଛା ରତ୍ନା ଦେବୀ, ମୋତେ ସାମାନ୍ୟ ସାହାଯ୍ୟ କରି ପାରିବେ ?

ମୁଁ ।

ହଁ, ରତ୍ନା ଦେବୀ. ଅନ୍ତତଃ ଦିନ ଚାରିଟା ପାଇଁ ବିଶେଷତଃ ମାଇପୀ ମହଲରେ ମୋ ସପକ୍ଷରେ ଛୋଟ ପ୍ରଚାର କରି ପାରିଲେ ଖୁବ୍

ଉପଯୁକ୍ତ ମୁହୂର୍ତ୍ତ ।

ରତ୍ନା ନିଜର ଅନିଚ୍ଛା ସତ୍ତ୍ୱେ ମଧ୍ୟ ସ୍ୱାର୍ଥ ଦୃଷ୍ଟିରୁ ସ୍ୱୀକୃତି ପ୍ରଦାନ କରିବାକୁ ବାଧ୍ୟ ହେଲା ।

କଥାରେ କହନ୍ତି, "ଲଭ ଯେଉଁଠି, ବଣିକ ଭିଡ଼ ସେଇଠି" ।"

ରତ୍ନା ବା ସ୍ୱୀକୃତି ନ ଜଣାନ୍ତା କପରି ? ହଁ, ରତ୍ନା ପ୍ରଚାର କରିବ-ଗାଁ ଗାଁରେ-ପ୍ରତି ଘରେ ଘରେ । ଏତ ଆଉ କିଛି ଅନ୍ୟାୟ କାମ ନୁହେଁ । ରାଜନୈତିକ କାମ । ଏକପ୍ରକାର ଦେଶ ସେବା ବୋଲି କହିଲେ ମଧ୍ୟ କିଛି ଅତ୍ୟୁକ୍ତି ହେବନାହିଁ ।

ରତ୍ନାର ଆଖି ଆଗରେ ସୃଷ୍ଟି ହୋଇଗଲା ତା ଛାତ୍ର ଜୀବନର ରାଜନୈତିକ ବାୟୁମଣ୍ଡଳ । ସେ ଅନେକ ଥର କଟକ ଟାଉନ୍ ହଲର ସଭା ଭବନମାନଙ୍କରେ ଭାଷଣ ଦେଇଛି, ଥରେ-ଦୁଇଥର ଘେରାଉ ମଧ୍ୟ କରିଛି । ନାନା ଶୋଭାଯାତ୍ରା ମାନଙ୍କରେ ଅଗ୍ରଣୀ ହୋଇ ଆକାଶ ଫଟା, ରକ୍ତ ଅଉଟା ସ୍ଲୋଗାନ ମାନ ଦେଇଛି । କଲେଜ ଛାତ୍ରଙ୍କ ଧର୍ମଘଟ ସମୟରେ ରତ୍ନା ଅନ୍ୟତମ ଶ୍ରେଷ୍ଠ ନାରୀ କର୍ମୀ ହିସାବରେ ଲାଠି ଖାଇଛି, ଜେଲ ମଧ୍ୟ ଯାଇଛି । ଆଉ ଆଜିର ଏହି ସାମାନ୍ୟ ଭୋଟ ପ୍ରଚାର ସେ କରି ପାରିବ ନାହିଁ ? ନିଶ୍ଚୟ ପାରିବ । ଅନ୍ତତଃ ତା ନିଜ ସ୍ୱାର୍ଥ ଦୃଷ୍ଟିରୁ ସେ ଏହି ପ୍ରଚାର ଭାର ଗ୍ରହଣ କରିବାକୁ କୁଣ୍ଠାବୋଧ କରିବ ନାହିଁ । ନୂତନ ଉତ୍ତେଜନାରେ ରତ୍ନାର ଦେହ ଉତ୍ତେଜିତ ହୋଇ ଉଠିଲା । ରତ୍ନାର ସ୍ୱତନ୍ତ୍ରତାରେ ବଡ଼ ଆତ୍ମପ୍ରସାଦ, ଗର୍ବ ଓ ଗୌରବ ଅନୁଭବ କଲେ ରାଜ ବାବୁ । ଛାତିଟା ତାଙ୍କର କୁଣ୍ଡେ ମୋଟା ହୋଇଗଲା ।

TM 27.1.63



ବହୁ ଦିନର ଅକ୍ଳାନ୍ତ ପରିଶ୍ରମ ଓ ଉଦ୍ୟମ ପରେ ଶାନ୍ତା ସଚ୍ଚିଦାନନ୍ଦ ପକ୍କା କୋଠାଘର ଖଣ୍ଡିଏ ତା ସାତ ପୁରୁଷର ଭୂମି ଉପରେ ଠିଆ କରାଇ ପାରିଲା । ଗାଁର ବଳି ଅବଧାନେ ପାଞ୍ଜି ଦେଖି କହିଗଲେ, ଆସନ୍ତା କାଲି ଦିନ ଦଶ ଘଟିକା ସମୟରେ ଗୃହ ପ୍ରବେଶର ଯୋଗ ରହିଛି ।

ହଁ, ଆସନ୍ତା କାଲି ଦିନ ଦଶଟାରେ ଗୃହ ପ୍ରବେଶ ହେବ । ବଳି ଅବଧାନେ ଆସି କୋଠା ମଝିରେ ହୋମ ଜାଳିବେ । ମନ୍ତ୍ର ପାଠ କରିବେ । ଅଜଣା ପୁଲକରେ ଫୁଲି ଉଠିଲା ସଚିର ଛାତି । କିନ୍ତୁ......

ଏତେ ବଡ଼ କୋଠା ଘରଟାକୁ ଘରଣୀ ନ ଥିଲେ କ'ଣ ଦିଶିବ ? କିଏ ଏ ଘରକୁ ଆପଣାର କରି ସଜାଇବ ? କାହା ହାତର ସଞ୍ଜବତୀ ଏ ଘରେ ଜଳି ଉଠିବ ? କିଏ ଏ ଘରେ ପୂଜେଇ ପରବ ଓଷା ବ୍ରତ କରିବ ? କିଏ ?

କେହି ନାହିଁ ।

ସଚିର ଆଖି ଆର୍ଦ୍ର ହୋଇ ଆସିଲା ।

କଥାରେ କହନ୍ତି—"ଦେଉଳର ସୁନ୍ଦର ଦିଅ, ଘରର ସୁନ୍ଦରି-ଝିଅ ।"

ପୁଣି ଥରେ ବଳି ଅବଧାନେ ସାହିରୁ ଫେରି ଆସି ସଚିକୁ ଚେତାଇ ଦେଇଗଲେ, "କଣ ପୁଅ, ସବୁ ଯୋଗାଡ଼ ହେଲାଣି ? ଡାଲି, ଗୁଉଳ, ଦୁଧ, ନଡ଼ିଆ, ଚିନି, ଫୁଲ, ଆମ୍ବଡାଳ, ହଳଦି, ସିନ୍ଦୁର, ଚନ୍ଦନ, ଧୁପ, ଦୀପ ଘିଅ ପ୍ରଭୃତି ମଗାଇଲୁ ତ ? ଟିକିଏ ସହଳ ମଗାଇ ଆଣିବୁ ପୁଅ । କାଲି ଦିନ ଦଶଟା ପୂର୍ବରୁ ସମସ୍ତ ଆୟୋଜନ ଶେଷ ହୋଇଥିବା ଦରକାର । ହଁ, ବନ୍ଧୁ ବାନ୍ଧବଙ୍କୁ ନିମନ୍ତ୍ରଣ

କରିଛୁ ତ ? ଏଡ଼େ ବଡ଼ କାର୍ଯ୍ୟଟାଏ ହେବ, ଆଉ ବନ୍ଧୁ ବାନ୍ଧବ ଆସିବେ ନାହିଁ ? ଯା ବାପ ସମସ୍ତଙ୍କୁ ଡାକିଦେ । ହେଲେ ବାପ ସତି ! ସେ ହରି ମିଶ୍ର ଆଉ ଦାମ ରଥଙ୍କୁ ଡାକିବୁ ନାହିଁ ।

କାହିଁକି ମଉସା ?

ଆରେ ଯା, କଥାଟା ଗାଁ ସାରା ସ୍ପଷ୍ଟ ହେଲାଣି, ଅଥଚ ତୁ ଜାଣିନୁ ? ହଁ, ତୁ ତ ଗାଁରେ ନ ଥିଲୁ, ଶୁଣିବୁ ବା କେମିତି ? ଆରେ ହରି ମିଶ୍ରର ବିଧବା ଝିଅ ରତ୍ନାଙ୍କୁ ପରା ଦାମ ରଥ ବୋହୂ କରି ଘରକୁ ନେଇଛି । ଛି, ଛି, ଶେଷରେ ବ୍ରାହ୍ମଣ ଜାତିରେ ଏୟା ହେବାକୁ ମାଳିକାରେ ଲେଖାଥିଲା ।

ସତି ସାମାନ୍ୟ କୌତୁହଳ ଅନୁଭବ କରି କହିଲା, ହଁ, ଲେଖାଥିବ ନିଶ୍ଚୟ । ତା ନ ହେଲେ ସେ ବିବାହଟା ହୁଅନ୍ତା କିପରି ? ତେବେ ମଉସା, ଦାମ ରଥ ଓ ହରି ମିଶ୍ରଙ୍କୁ ଏକ ଘରିଆ କରିବା ଅପେକ୍ଷା ପ୍ରଥମେ ସେ ଲେଖାଟାକୁ ଓଲଟ ପାଲଟ କରି ପାରିଥିଲେ ତ ଖୁବ୍ ଭଲ ହୋଇଯାଆନ୍ତା ?

ବଡ଼ ନିସ୍ତେଜ କଣ୍ଠରେ ଉତ୍ତର ଦେଲେ ବଳି ଅବଧାନେ, ‘‘ସେ ତାଙ୍କତ କଣ ମଣିଷର ଅଛିରେ ପୁଅ ?

ଯଦି ବଧିଲପିଠା ବଡ଼ ହୁଏ ଆଉ ତାକୁ ଓଲଟ ପାଲଟ କରିବାର ଶକ୍ତି ନ ଥାଏ, ତେବେ ବିଧିର ଉଦ୍ଦେଶ୍ୟକୁ ଉପହାସ କରିବା କ'ଣ ଆମର ମୂର୍ଖତା ନୁହେଁ ମଉସା ?

ସତିର ଯୁକ୍ତିକୁ ଖଣ୍ଡନ କରି ନ ପାରି ବଡ଼ ଅଡୁଆ ବୋଧ କଲେ ବଳି ଅବଧାନେ । କଥାଟାକୁ ଭୁଲାଇ ନେବା ଉଦ୍ଦେଶ୍ୟରେ କହିଲେ, ହୁଁ ପୁଅ ! ଦେଖିଲୁ—କେତେଟା ବାଜିଲାଣି । ଚବଳ ଆସି ବୋଧହୁଏ ମୁଣ୍ଡ ଉପରେ ହେବଣି । ଏ ମେଘୁଆ ପାଗଟାରେ କ'ଣ ସମୟ ଜାଣି ହେଉଛି ବାପ । ହୋଉ ମୁଁ ଆସେ । ସବୁ ଆୟୋଜନ କରୁ ସହଳ ସହଳ ଶେଷ କରିଥିବୁ । ବଳି

ଅବଧାନେ ପାଞ୍ଜି ବଡ଼ାଟାକୁ କାଖ ତଳେ ଜାକି, ଠେଲାଏ ନାଶକୁ ନାକତର ଗୁଂଜି ଗୁଂଜି ଚାଲି ଗଲେ । ଅବଧାନଙ୍କ ଚାଲି ଓ ବ୍ୟବହାରରେ ବଡ଼ କୌତୁକ ଅନୁଭବ କରି ଖିଲି ଖିଲି ହୋଇ ହସି ଉଠିଲା ଶିଳ୍ପୀ ସଚ୍ଚିଦାନନ୍ଦ ।

ଦିନ ଅସି ଗୋଟାଏ ବାଜିବା ଉପରେ ।

ଖାଇବା ଉଦ୍ଦେଶ୍ୟରେ ହୋଟେଲ୍ ମୁହାଁ ହେଲା ସଚ୍ଚି । ଯିବା ବାଟରେ ପଡ଼ିଲା ଛନ୍ଦାର ଘର । କେଜାଣି କାହିଁକି ସେ ଘର ସାମ୍ନାରେ ସଚ୍ଚିର ପାଦ ଦିଓଟି ଆପେ ଆପେ ଅଟକି ଗଲା । ଭାବିଲା, ଛନ୍ଦାକୁ ମଧ୍ୟ ଗୃହ ପ୍ରବେଶ ଉତ୍ସବରେ ଯୋଗଦାନ କରିବାକୁ ଅନୁରୋଧ କରିବା କିନ୍ତୁ……

ଛନ୍ଦା ଜଣେ ନର୍ତ୍ତକୀ । ନର୍ତ୍ତକୀକୁ ଦେଖିଲେ ଲୋକେ ନାକ ଟେକନ୍ତି । ଘୃଣା କରନ୍ତି । ଲୋକ ଚକ୍ଷୁରେ ଅତି ଘୃଣ୍ୟ ସେ ଜାତି । ତାର ଉପସ୍ଥିତିରେ ଅନ୍ୟାନ୍ୟ ବନ୍ଧୁ ମାନେ ହୁଏତ ନିମନ୍ତ୍ରଣକୁ ଅପମାନ କରି ଅସିବା ରାସ୍ତାରେ ଫେରି ଯିବେ । ଛନ୍ଦା ପାଇଁ କଣ ସଚ୍ଚି ତାର ସମସ୍ତ ଭାଇ-ବନ୍ଧୁ, ସାଙ୍ଗ-ସାଥୀଙ୍କୁ ଜାଣି ଶୁଣି ହରାଇ ଦେବ ?

ସଚ୍ଚିର ବିବେକଟା ଦ୍ୱନ୍ଦ ଭିତରେ ପଡ଼ି ବଡ଼ ଆନ୍ଦୋଳିତ ହୋଇ ଉଠିଲା । ଛନ୍ଦା ନର୍ତ୍ତକୀ ସତ, ହେଲେ ତାର ରୂପଶ୍ରୀକୁ ବଜାରରେ ବିକ୍ରୀ କରି ପାରି ଆଜି ସେ ଏଡ଼େ ବଡ଼ କୋଠା ଘର ଖଣ୍ଡିକ କରି ପାରିଛି । ଘରର ପ୍ରତ୍ୟେକ ଅଣୁ ପରମାଣୁରେ ଛନ୍ଦାର ରୂପଶ୍ରୀ ସଂପଦ । ଅତଏବ ଛନ୍ଦାକୁ ନିମନ୍ତ୍ରଣ କରିବା ନିତାନ୍ତ ଉଚିତ । ତା ନ ହେଲେ ବଡ଼ ଅନ୍ୟାୟ ହେବ ।

ଛନ୍ଦାର ଘର ବାରଣ୍ଡା ଉପରକୁ ଉଠି ଠିଆ ହେଲା ସଚ୍ଚି । ବହୁ ଦିନର ଦେଖାର ଏବଂ ନୀରବତା ପରେ ଆଜିର ଆଗମନଟା କେଜାଣି କାହିଁକି କେମିତି ଟିକିଏ ଅଡ଼ୁଆ ଅଡ଼ୁଆ

ବୋଧ ହେଲା । ତାର ଚିର ପରିଚିତ ଏହି ଘରର ପ୍ରତ୍ୟେକ ଅଣୁ-ପରମାଣୁ ତାକୁ କେଜାଣି କାହିଁକି ନୂଆଁ ନୂଆଁ ବୋଧ ହେଲା । ତାର ଅବାଧ ପ୍ରବେଶର ଦୀର୍ଘ ନୀରବତା ପରେ ଆଜିର ପ୍ରବେଶରେ ସେ ସାମାନ୍ୟ ସଙ୍କୁଚିତ ହୋଇପଡ଼ିଲା । ବଡ଼ ନମ୍ର ଓ କମ୍ର କଣ୍ଠରେ ଡାକିଲା-ଛନ୍ଦା ! ଘରେ ଅଛ ?

କିଛି ଉତ୍ତର ଆସିଲା ନାହିଁ ।

ପୁଣି ଥରେ ସଞ୍ଜି ଟିକିଏ ବଡ଼ ପାଟିରେ ଡାକିଲା- ଛନ୍ଦା, ଅଛ ? ଚାକର ଠୋକା ଦ କପ୍ ଚା ସହ ଉପର ମହଲାକୁ ଉଠୁ ଉଠୁ ଉତ୍ତର ଦେଲା, "ଅଛନ୍ତି । ଅବକା କିନ୍ତୁ ଦେଖା ହୋଇ ପାରିବ ନାହିଁ ।"

ଦେଖା ହୋଇ ପାରିବ ନାହିଁ ?

ଚାକର ଠୋକା ସଞ୍ଜିର ପ୍ରଶ୍ନକୁ ଅପେକ୍ଷା ନ କରି ଉପରକୁ ଉଠି ଚାଲିଗଲା । ସଞ୍ଜି ମଧ୍ୟ ଚାକରର ଆପତ୍ତି ସତ୍ତ୍ୱେ ଉପର ମହଲାକୁ ଦ୍ରୁତ ପଦରେ ଉଠିଗଲା । ସଜ୍ଜିତ ଓ ସୁରୁଚି ସମ୍ପନ୍ନ କକ୍ଷଟିରେ ଅନୁପ ବାବୁ ବଡ଼ ଆଗ୍ରହ ପ୍ରସାଦର ସହ ଛନ୍ଦାର କୋଳ ଉପରେ ମୁଣ୍ଡ ରଖି ଶୋଇଛନ୍ତି । ଛନ୍ଦା ଅନୁପ ବାବୁଙ୍କ ମୁଣ୍ଡର କୁଞ୍ଚିତ ବାଳ ଭିତରେ ତାର ନର୍ମ କୋମଳ ଆଙ୍ଗୁଳି ଖେଳାଇ ଖେଳାଇ ଗାଉଥିଲା ଗୀତ-ଗୁଣୁ ଗୁଣୁ ହୋଇ ।

ସଞ୍ଜି ନିଜକୁ ବଡ଼ ଅପମାନିତ ଓ ଲଜ୍ଜିତ ବୋଧ କରି ପଛ କରି ଫେରି ପଡ଼ିଲା । ଛନ୍ଦା ଦେଖି ପାରି ପଛରୁ ଡାକିଲା-ସଞ୍ଜି !

ସଞ୍ଜିର ପାଦ ଅଟକି ଗଲା ।

ଛନ୍ଦା ପଲଙ୍କ ଉପରୁ ଓହ୍ଲାଇ ଆସି ସାଦର ଆହ୍ୱାନ ଜଣାଇଲା । ଅନୁପ ବାବୁ ମଧ୍ୟ ଛନ୍ଦାର ଆହ୍ୱାନକୁ ସମର୍ଥନ କଲେ ।

ଅନିଚ୍ଛା ସତ୍ତ୍ୱେ ସଞ୍ଜି ମସ୍ତବଡ଼ ଅପରାଧୀଙ୍କ ପରି ଛନ୍ଦାର ନିର୍ଦ୍ଦେଶାନୁଯାୟୀ ଚୌକି ଖଣ୍ଡିକ ଅଧିକାର କରି ନେଲା ।

ଅନୂପ ବାବୁ ମଧ୍ୟ ଆଉ ଥରେ ଛବିକୁ ଅଧିକାର କରି ନେଇ କହିଲେ—"କଣ ମୋତେ ଚିହ୍ନି ପାରୁଛ ତ ଶିଳ୍ପୀ ?"

ଶିଳ୍ପୀ କୌଣସି ଉତ୍ତର ନ ଦେଇ ନୀରବ ରହିଲା ।

ଅନୂପ ବାବୁ ସାମାନ୍ୟ ଆଶ୍ଚର୍ଯ୍ୟ ବୋଧ କରି କହିଲେ-ମୋତେ କଣ ଚିହ୍ନି ପାରୁନ ଶିଳ୍ପୀ ? ମୁଁ ପରା ଶିଳ୍ପ ପ୍ରଦର୍ଶନୀ ପ୍ରାଙ୍ଗଣରୁ ପାଞ୍ଚ ଶହ ଟଙ୍କା ଦାମ୍ ଦେଇ ତୁମର ଛବି ଖଣ୍ଡିକ କିଣିଥିଲି । ଏତେ ଶୀଘ୍ର ମୋତେ ଭୁଲିଗଲ ?

ଭୁଲି ପାରିବି ଆଜ୍ଞା । ଆପଣ ମାନଙ୍କ ପରି ଅନେକ କଳା ପ୍ରେମିକଙ୍କ ଦୟା ଓ ଅଶୀର୍ବାଦରୁ ଏ ପର୍ଯ୍ୟନ୍ତ ମୁଁ ମଣିଷ ହୋଇ ବଞ୍ଚି ରହି ପାରିଛି । ହେଲେ.........

ହେଲେ ଆଉ କଣ ଶିଳ୍ପୀ ?

ଏ ପ୍ରଶ୍ନର ଉତ୍ତର ଶିଳ୍ପୀ ଦେଇ ପାରିବେ ନାହିଁ ଅନୂପ ବାବୁ ! ମୁଁ କହୁଛି ଶୁଣନ୍ତୁ । ଜଣେ ସମ୍ଭ୍ରାନ୍ତ ଜମିଦାର ଛନ୍ଦାର ଚିତ୍ରପଟକୁ ହଜାର ଦାମ୍ରେ ଖରିଦ କରି ନିଜର ସାଧ ଟିକକ ମେଣ୍ଟାଇ ପାରୁଥିଲେ । ଆଜି କିନ୍ତୁ ସେ ସ୍ୱୟଂ ଛନ୍ଦାକୁ ପାଇଛନ୍ତି । ଅତଏବ ତାଙ୍କର ଆଉ ଚିତ୍ରପଟର ଆବଶ୍ୟକତା ନାହିଁ । ଅର୍ଥାତ ଶିଳ୍ପୀଙ୍କ ବେଉସା ଅପଣଙ୍କ ଯୋଗୁଁ ବନ୍ଦ ।

ଛନ୍ଦାର ମନ୍ତବ୍ୟରେ ଶିଳ୍ପୀ ନିଜକୁ ବଡ଼ ଅପମାନିତ ମନେ କଲା । ଅନୂପ ବାବୁ ଶିଳ୍ପୀର ମନ କଥା ବୁଝି ପାରି କହିଲେ-ଏପରି ହତାଶ ହୁଅ ନାହିଁ ସର୍ବଦା ନନ୍ଦା । ତୁମେ ଶିଳ୍ପୀ । ତୁମ ଶକ୍ତି ନିକଟରେ ପୃଥିବୀର ମହା ଶକ୍ତି ତଥା ଆଦ୍ୟାଶକ୍ତି ମଧ୍ୟ ପରାଜୟ ସ୍ୱୀକାର କରିବ ।

ଛନ୍ଦା ହସ ଭରା ମୁହଁରେ ଉପହାସ କଲା ପରି କହିଲା-ସତେ ନା ?

ଦେଖ ଶିଳ୍ପୀ, ସେ ଦିନ ଏହି ରୂପସୀ ନାରୀର ଚିତ୍ରପଟ

ଅଙ୍କି ମୋତେ ଉନ୍ମାଦ କରି ପାରିଥିଲ । ଆଜ ମଧ୍ୟ ଠିକ୍ ସେମିତି ଏକ ଉନ୍ମାଦ ଭରା ଛବିଟିଏ ଅଙ୍କି ଦେବାକୁ ହେବ । କେମିତିକା ଛବି ଜାଣ ? ବହୁଦିନର ବିରହର ଅଶ୍ରୁ ନୈବେଦ୍ୟ ପରେ ଦୁଇଟି ଅତ୍ମାର ମିଳନରେ ଯେଉଁ ସରାଗ ଓ ଅଗ୍ରହ ଥାଏ ଠିକ୍ ସେହି ରୂପ ରସ ଗନ୍ଧ ଓ ଛନ୍ଦର ଛବି ମୋର ଦରକାର । ଆଜି ସେହି ଛବିର ନାୟିକା ହେଉଛନ୍ତି ଏହି ରୂପସୀ ଛନ୍ଦା ।

ଛନ୍ଦା ମଧ୍ୟ ପ୍ରସ୍ତାବରେ ସାଦର ସମର୍ଥନ ଜଣାଇ କହିଲା, "ଆଉ ଛବିଟିର ନାୟକ ହେଉଛନ୍ତି ମୋର ଏହି ପ୍ରିୟ ଜମିଦାର ଶ୍ରୀ ଅନୁପ କୁମାର ଦାସ ଚୌଧୁରୀ ।

ଛନ୍ଦାର ମନ୍ତବ୍ୟରେ ସାରା କକ୍ଷ ଭିତରଟା ଝଙ୍କୃତି ଉଠିଲା ମନ ଖୋଲା ଓ ପ୍ରାଣ ଫଟା ହସର ଉଚ୍ଛ୍ବାସରେ । ସେହି ହସର ପ୍ରତ୍ୟେକ ଲହରୀ ଶିଳ୍ପୀକୁ ଯେପରି ଉପହାସ କଲା ପରି ଜଣାଗଲା । ସଚ୍ଚି ଅତ୍ୟନ୍ତ ଲଜ୍ଜିତ ହୋଇ ପଡ଼ି ନୀରବରେ ଉଠି ଚଞ୍ଚଳ ପଦକ୍ଷେପରେ ଚାଲିଗଲା ବାହାରର ରାଜପଥ ଉପରକୁ । ଛନ୍ଦା ଏବଂ ଅନୁପବାବୁ ମିଳିତ କଣ୍ଠରେ ବାରମ୍ବାର ପଛରୁ ଡାକିଲେ- 'ଶିଳ୍ପୀ !'

ଶିଳ୍ପୀ କାହାରି କଥାକୁ କାନରେ ନ ପୂରାଇ ଚାଲିଗଲା ସିଧା ସିଧା ଅତି ଦ୍ରୁତ ପଦରେ ଏକ ମୁହାଁ ହୋଇ ।

ଅନୁପ ବାବୁ ଏବଂ ଛନ୍ଦା ଘଟଣାର ରହସ୍ୟ କିଛି ବୁଝି ନ ପାରି ପରସ୍ପରକୁ ବୋକାଙ୍କ ପରି ବଲ ବଲ ଅନାଇଁ ରହିଲେ ଜିଜ୍ଞାସୁ ନେତ୍ରରେ ।

ରାଜପଥର ଜନ ଗହଳି ଓ ମୋଟର ଉଡ଼ା ଧୂଳି ଭିତରେ ହଜିଗଲା ଶିଳ୍ପୀ ସଚ୍ଚିଦାନନ୍ଦ ।

× × ×

ଜଗନ୍ନାଥ ବାବୁଙ୍କ ହୋଟେଲରେ ଖଣ୍ଡିଏ ଚଉକି ଅଧିକାର

କରି ନେଲା ଶିଳ୍ପୀ—ଖାଇବା ଉଦ୍ଦେଶ୍ୟରେ । ପୁରୁଣା ଟୋକା ଦୁର୍ଗା ଟେବୁଲ ଉପରେ ଭାତ, ଡାଲି, ଭଜା ପ୍ରଭୃତି ଥୋଇ ଦେଇ ଗଲା । ଡାଲି ଅଜାଡ଼ି ଭାତ ଚକଟିଲା ସଚ୍ଚି କିନ୍ତୁ କେଜାଣି କାହିଁକି ଖାଇବାକୁ ତାର ଇଚ୍ଛା ହେଲା ନାହିଁ । ସମସ୍ତ ଭୋକ ଆପେ ଆପେ ମରିଗଲା । ଦରଖିଆରେ ଉଠି ପଡ଼ି ପାଇପରେ ମୁହଁ ଧୋଇ ବିଡ଼ି ଖଣ୍ଡିକରେ ନିଆଁ ଧରାଇଲା । ଜଗନ୍ନାଥ ବାବୁ ସଚ୍ଚିର ଅଖାତକୁ ଲକ୍ଷ୍ୟ କରି କହିଲେ-'କଣ ସଚ୍ଚିବାବୁ ! ଏପରି ଦରଖିଆରେ ଉଠିଗଲେ ଯେ ? ପଙ୍ଗତଟା କୋଉଠି ଜୁଟି ଗଲାକି ? କଥାଟା ସତ ନ ହେଲେ ମଧ୍ୟ ମନର ଅବସ୍ଥାକୁ ପ୍ରକାଶ କରି ନ ପାରି ସଚ୍ଚିଦାନନ୍ଦ ହଁ ଭରିଗୁଲି ଗଲା । ଆଜିର ଘଟଣା ଗୁଡ଼ାକ ଚାବୁକର ନିର୍ମମ ପ୍ରହାର ପରି ବୋଧ ହେଉଥିଲା । ଛନ୍ଦାକୁ ପରର ବାହୁ ବନ୍ଧନ ଭିତରେ ଦେଖିବାକୁ ପାଇ ସେ ଅତ୍ୟନ୍ତ ବ୍ୟଥିତ ହୋଇ ପଡ଼ିଲା । ହଁ, ସେ ଜାଣେ, ଛନ୍ଦା ଜଣେ ନର୍ତ୍ତକୀ । ସେମାନେ ଅର୍ଥ ଲୋଭରେ ନିଜର ନାରୀତ୍ୱକୁ ଉତ୍ସର୍ଗ କରିବାରେ କେବେ ହେଲେ କୁଣ୍ଠାବୋଧ କରନ୍ତି ନାହିଁ । ହେଲେ ନିଜେ ସଚ୍ଚିଦାନନ୍ଦ ଯେଉଁଦିନ ପାଞ୍ଚ ଶହ ଟଙ୍କାର ଭେଟି ଦେଇ ମଧ୍ୟ ନିରାଶ ହୋଇ ଫେରି ଆସିଥିଲା, ସେହି ଦିନଠାରୁ ତାର ସମସ୍ତ ଧାରଣା ବଦଳି ଯାଇଥିଲା । ତା ଆଖିରେ ଛନ୍ଦା ସତୀ-ସାଧ୍ୱୀ ସୀତା ଠାରୁ ବଳି ଅହୁରି ତେଜିଆନ୍ ହୋଇ ଦେଖାଗଲା । ସୀତାକୁ ଚୋରାଇ ନେଇଥିଲା ରାବଣ । ରତ୍ନ ସିଂହାସନର ମୋହ ଦେଖାଇ ଥିଲା । ଅଶୋକ ବନରେ ଏକ ପ୍ରକାଣ୍ଡ କୋଠାଘର ଭିତରେ ଦାସ ଦାସୀଙ୍କୁ ଦେଇ ସୀତାଙ୍କୁ ବନ୍ଦ କରି ରଖିଲା । ହେଲେ ସୀତା କିନ୍ତୁ ଥାନ୍ତି ହିମାଳୟଠାରୁ ବଳି ଅଟଳ । ରାବଣର ସମସ୍ତ ଚେଷ୍ଟା ବ୍ୟର୍ଥ ହେଲା । ଶେଷରେ ଲଙ୍କାପୁରୀ ଧ୍ୱଂସ ପାଇଲା ।

—ବଜାର ଉପରେ ଆଳସ୍ୟ

ଝଙ୍କାର ଠଙ୍କାର ଭେଟି ତା ପାଦତଳେ ଅଜାଡ଼ି ଦେଇ ଶେଷରେ ସର୍ବହରା ଫକୀରଙ୍କ ପରି ରାଜ ରାସ୍ତା ଉପରେ ଘୂରି ବୁଲନ୍ତି । ଥରେ କଲିକତା ଚଟ କଲର ମାଲିକ ଶ୍ରୀମାନ ଅଜିତ୍ କୁମାର ଗୁପ୍ତ ଓଡ଼ିଶା ଗସ୍ତରେ ଆସି ହୁଣ୍ଡି ପୋକ ପରି ନିଜକୁ ଆହୂତି ଦେଲେ ଛନ୍ଦାର ରୂପ ଶିଖା ତଳେ । ଶିଖାଟି ସେମିତି ତେଜସ୍ୱାନ ହୋଇ ଜଳୁଛି । ହେଲେ ହୁଣ୍ଡି ପୋକଟା ପର ହସ୍ତ ହୋଇ ପ୍ରାଣ ବିକଳରେ ବେହୋସ ହୋଇ ପଡ଼ିଲା । ଚଟ କଲ ବନ୍ଦ ହୋଇଗଲା । ଯନ୍ତ୍ର-ପାତି ଗୁଡ଼ାକ ମାଟି ଖାଇ ଗଲା । ତା ପରେ.........

ଆଜି ଗୁପ୍ତବାବୁ ସ୍ଥାନୀୟ ଚଟ କଲର ଜଣେ କର୍ମଚାରୀ ।

ଅତୀତର ଘଟଣାକୁ ଗୋଟି ଗୋଟି କରି ଭାବି ମସ୍ତିଷ୍କ-ବିକୃତ ପାଗଳଙ୍କ ପରି ବୁଢ଼ା ହସି ଉଠିଲା ସିଏ । ଭାବିଲା, ମୋହ ଚୂର୍ଣ୍ଣ ହୋଇଗଲେ ଆଉ କଣ ମଣିଷର ପାଗଳାମି ନୁହେଁ ? ଏହି ନୀତିକୁ ଗଣ୍ଠିଧନ କରି ସିଏ ପଣ କରି ବସିଲା—ଛନ୍ଦାକୁ ତା ଜୀବନର ଶ୍ରେଷ୍ଠ ସଙ୍ଗିନୀ କରିନେବ ବୋଲି । କିନ୍ତୁ ଗୋଟାଏ ଅସମ୍ଭବ ସର୍ତ୍ତରେ ଅତ୍ୟନ୍ତ ନିଷ୍ଠୁର ଭାବେ ଛନ୍ଦା ତାକୁ ଫେରାଇ ଦେଇଥିଲା । ଯୋଉ ଦିନ ଛନ୍ଦାର ସର୍ତ୍ତକୁ ବିଶ୍ଳେଷଣ କରି ବସିଲା, ସେହି ଦିନ ସିଏ ସ୍ପଷ୍ଟ ବୁଝିପାରିଲା-ମନକୁ ଧନ ଦେଇ କିଣା ଯାଇ ପାରେନା । ଗୀତର ସୁରକୁ ରଙ୍ଗରେ ରୂପ ଦେବା ଯେମିତି ଅସମ୍ଭବ, ଧନ ଦେଇ ମନକୁ କିଣିବା ମଧ୍ୟ ଅସମ୍ଭବ । ସେହି ଦିନରୁ ଛନ୍ଦା ଅନ୍ତର ଭିତରେ ଦେବୀର ରୂପ ଦେଖିବାକୁ ପାଇଥିଲା ଶିଳ୍ପୀ । କିନ୍ତୁ ଆଜି .....ଏ ସମସ୍ତ ଘଟଣା ପି. ସି. ସରକାର ଇନ୍ଦ୍ରଜାଲ ନୁହେଁ ତ ?

ନୂଆ ଘରର ପିଣ୍ଡା ଉପରେ ଆସି ବସିଲା ଶିଳ୍ପୀ ସଚ୍ଚିଦାନନ୍ଦ ।

ରାତି ପାହିଲେ ବଳି ଅବଧାନେ ହୋମ ଜାଳିବେ । ମନ୍ତ୍ର

ପାଠ କରବେ ।

ବଡ଼ ଅମ୍ବ ପ୍ରସାଦର ସହ ମନ ଓ ଆଖି ପୂରାଇ ଘରର ସମସ୍ତ ଟିକି ନାଖି କାର୍ଯ୍ୟ ଉପରେ ଦୃଷ୍ଟି ଖେଳାଇଲା ସଚ୍ଚି । ପ୍ରକାଣ୍ଡ ଘର । ସାତ ହଜାର ଟଙ୍କା ବ୍ୟୟରେ ତିଆର ହୋଇଛି । ଫ୍ୟାନ୍ ଲଗିଛି । ଆଧୁନିକ ସାଜସଜ୍ଜାରେ ଘରଟିକୁ ସଜାଇବା ପାଇଁ ସେ ବହୁ ଚେଷ୍ଟା କରିଛି ।

ସଚ୍ଚି ନିଜର ଅଫିସରେ ଟେବୁଲ ଉପରେ ନିଜର ମୁଣ୍ଡ ଭରା ଦେଇ ଭାବି ଚାଲିଛି କେବଳ ସେଇ ଛନ୍ଦାର ପୂର୍ବାପର ଜୀବନ କଥା ।

ଶିଳ୍ପୀ ଛନ୍ଦାକୁ ଅନ୍ୟର ବାହୁ ବନ୍ଧନ ଭିତରେ ଦେଖି ସୁଦ୍ଧା ତାକୁ ଏ ପର୍ଯ୍ୟନ୍ତ ଝୁରି ହେଉଛି ?

ମସ୍ତ ବଡ଼ ପାଗଳଙ୍କ ପରି ଚିଲ୍ଲାଇ କଲା ସଚ୍ଚି, ନା—ନା, ଛନ୍ଦା ମୋର କେହି ନୁହେଁ, ତା ପାଇଁ ମୋର ସ୍ନେହ, ଶ୍ରଦ୍ଧା କିଛି ନାହିଁ । ସେ ଜଣେ ନର୍ତ୍ତକୀ ।

ନର୍ତ୍ତକୀ ବୋଲି ଯେବେ ଘୃଣା କରୁ, ତାଆର ରୂପ ସମ୍ପଦରେ ତିଆର ହୋଇଥିବା ଏ ଘର ଖଣ୍ଡିକରେ ବେଦ-ମନ୍ଦକୁ ସାକ୍ଷୀ ରଖି ମୁଣ୍ଡ ଗୁଞ୍ଜି ହେବାକୁ ଏତେ ଆଗ୍ରହ କାହିଁକି ? ଜାଣୁ, ନର୍ତ୍ତକୀର ସତ୍ତା ଏ ଘରର ପ୍ରତ୍ୟେକ ଅଣୁ ପରମାଣୁରେ ଭରି ରହିଛି । ଏହି ପରି ବାୟୁମଣ୍ଡଳରେ ନିଜକୁ ମଣିଷ ପରି ବଞ୍ଚାଇ ରଖି ପାରିବୁ ନାହିଁ ଶିଳ୍ପୀ । କାଳକୂଟଠାରୁ ବଳି ଭାରି ମାରାତ୍ମକ ବିଷ ସେ ।

ବଢି ପାଗଳଙ୍କ ପରି ଠୋ ଠୋ ହୋଇ ହସି ଉଠିଲା ଶିଳ୍ପୀ ସଚ୍ଚିଦାନନ୍ଦ—ଅସରନ୍ତି ହସ, ପାଗଳାମି ହସ, ପେଟଫୁଲା ହସ, ଥଣ୍ଟା ପଟା ହସ, କାଶ ଉଠା ହସ.........

କୈଳାସ ପୁର ଗ୍ରାମର ହରିଜନ ସାହିରେ ପ୍ରଚୁର ଭାଷଣ ଶେଷ ହେଉ ହେଉ ରାତି ଦଶଟା ବାଜି ପନ୍ଦର ମିନିଟ ଅତୀତ ହୋଇ ଗଲା । ସହର ଠାରୁ କୈଳାସପୁର ଗୁଡ଼ାଏ ବାଟ । ପାହାଡ଼ିଆ ରାସ୍ତା, ଅନ୍ଧାର ରାତି, ଫେର୍ ପାଏ ବାଟ ଚାଲି ଚାଲି ଯିବାକୁ ପଡ଼ିବ । କୌଣସି ଉପାୟରେ ସହରକୁ ଫେରି ଆସିବାର ରାହା ନ ପାଇ କୈଳାସପୁରର ଖାସମହାଲ ବଙ୍ଗଳାରେ ରାତିଟା କଟାଇ ଦେବାକୁ ବାଧ୍ୟ ହେଲେ ବ୍ରଜବାବୁ ଏବଂ ରତ୍ନା । ନିର୍ଜନ ବାଉଁଶ ଗଛର ଜଙ୍ଗଲ ଭିତରେ, ଜନ ବସତିର ବହୁ ଦୂରରେ ଏକାନ୍ତ ବଙ୍ଗଳାଟି ଅବସ୍ଥିତ ।

ରତ୍ନା ଅଜଣା ଆତଙ୍କରେ ଶିହରି ଉଠିଲା ।

ବ୍ରଜବାବୁ ରତ୍ନାର ମନର ଅବସ୍ଥାକୁ ହୃଦୟଙ୍ଗମ କରିପାରି ଝୁକ୍ ଅପଣାର ଏବଂ ହିତାକାଂକ୍ଷୀ ଲୋକପରି କହିଲେ-ବାହାରଟାରେ ରହିଲ ଯେ ରତ୍ନା ! ଭିତରକୁ ଆସ ।

ରତ୍ନା ଶଙ୍କିତ କଣ୍ଠରେ ପ୍ରତିବାଦ କରି କହିଲା, "ଚାଲନ୍ତୁ, ଗାଁ ଭିତରେ କାହାର ପିଣ୍ଡା ଉପରେ ରାତିଟା କଟାଇ ଦେବା; ଏଇଠି କିନ୍ତୁ ରହିବା ନାହିଁ ।"

ଏ ଶୀତ-କାକରରେ ଖୋଲା ପିଣ୍ଡାରେ ରହିବା କାହିଁକି ରତ୍ନା ? ସରକାରୀ ବଙ୍ଗଳା ପଡ଼ିଛି । ଯା ଠୁ ବଳି ବିଶେଷ ସୁବିଧା କ'ଣ ଗାଁ ଭିତରେ ମିଳିବ ?

ତାହା ହେଲେ ଆପଣ ଏଠି ରହନ୍ତୁ; ମୁଁ କିନ୍ତୁ ଗାଁ ଭିତରକୁ ଚାଲି ଯିବି । କହୁ କହୁ ପିଣ୍ଡା ତଳକୁ ଓହ୍ଲାଇ ଗଲା ରତ୍ନା ।

ଏ କେମିତିକା କଥା କହୁଛ ରତ୍ନା ଦେବୀ ? ଏଡ଼େ ବଡ଼ ଘରର ଝିଅ ହୋଇ ଅନାଥୁଣୀ ପରି ପର ପିଣ୍ଡାରେ ଶୋଇବ ? ନା ନା ତା'

କଦାପି ହୋଇ ପାରେନା ରତ୍ନା । ଜାଣି ଶୁଣି ତୁମର ଖାନ୍‌ଦାନ୍
ଇଜ୍ଜତକୁ ଏପରି ଭାବେ ଅପମାନିତ ହେବାକୁ ଦେବ ନାହିଁ । ବରଂ
ମୁଁ ଚାଲି ଯିବ ଗାଁ ଭିତରକୁ ।"—କହୁ କହୁ ରତ୍ନାର ହାତ ଧରି
ବଙ୍ଗଳା ଭିତରକୁ ଟାଣି ଆଣିଲେ ରାଜ ବାବୁ । ରାଜବାବୁଙ୍କ
ବ୍ୟବହାରରେ ବଡ଼ ଆତଙ୍କିତ ହୋଇ ଉଠିଲା ରତ୍ନା ।

ଚୌକି ଉପରେ ବସିବାକୁ ଇଙ୍ଗିତ ଦେଇ ଦେଇ ବାହାର
ଦରଜାକୁ ଭିତର ପଟୁ ବନ୍ଦ କରି ଦେଲେ ରାଜ ବାବୁ ।

ରତ୍ନାର ଆତଙ୍କିତ ମନ ଭିତରେ ପାପ ବିଗ୍ରହର ପ୍ରବଳ
ଯନ୍ତ୍ରଣା ନାରୀ ପ୍ରାଣକୁ ସନ୍ତୁଳି ଦେଲା ।

ନିର୍ଜନ ବଙ୍ଗଳା !

ଅନ୍ଧ ରାତ !

ତା'ଭିତରେ ଦୁଇଟି ଆତ୍ମା । ଗୋଟିଏ ପୁରୁଷ ଏବଂ
ଅନ୍ୟଟି ସ୍ତ୍ରୀ···ଯୁବତୀ ।

ବାହାରେ ପୌଷର ହାଡ଼ ଭଙ୍ଗା ଶୀତ, ଟିକିଏ ଦୂରରେ
ବାଉଁଶ ବଣ । ବଣକୁ ଲାଗି ସରୁ ଝରଣା । ଝରଣା ଆର ପାରିରେ
ପାହାଡ଼ର ମାଳ ।

ଛାତି ଭିତରଟା ସତେ ଯେମିତି ଫାଟି ପଡ଼ୁଥିଲା ପରି ଅନୁ-
ଭବ କଲା ରତ୍ନା, ତା ଜିଭର ଟେପ ଶୁଖି ଶୁଖି ଆସିଲା । ଏଡ଼େ
ବଡ଼ ଶୀତ କାକରଟାରେ ମଧ୍ୟ ତା କପାଳ ଉପରୁ ବିନ୍ଦୁ ବିନ୍ଦୁ ହୋଇ
ଝାଳ ଝରି ପଡ଼ିଲା । ରାଜବାବୁ ଅତି ସହାଗରେ ସେହି ରତ୍ନାର
ଝାଳ ନିଜ ରୁମାଲ୍‌ରେ ପୋଛି ଦେଇ ଦେଇ କହିଲେ,
ଏତେ ଭୟ କାହିଁକି ରତ୍ନା ?

ରତ୍ନାର କଣ୍ଠଟା ରୁଦ୍ଧ ହୋଇ ଆସିଲା, କିଛି କଥା କହି
ପାରିଲା ନାହିଁ, କହିବାକୁ ଚେଷ୍ଟା କରି ମଧ୍ୟ ପାରିଲା ନାହିଁ ।
ତା ପାଟିଟା ଖଇମାରି ଗଲା । ବଡ଼ ଆକୁଳ ଓ ବିକଳରେ ନୀରବ

ପ୍ରାର୍ଥନା ଜଣାଇଲା ନାନା ଦାଅ ଦେବତାଙ୍କୁ ।

ଜନ ବସ୍ତିର ବହୁ ଦୂରରେ ଏ ବଙ୍ଗଳାଟି ଅବସ୍ଥିତ ରତ୍ନା ଦେବୀ । ଏଇଠି କେହି ଆମକୁ ଦେଖି ପାରିବେ ନାହିଁ । ଏହି ନୀରବ ଅନ୍ଧକାର ରାତରେ, ପାପ-ପୁଣ୍ୟର ଅବାନ୍ତରରେ ଯେତେ ଯାହା କରି ବସିଲେ ମଧ୍ୟ ସେହି ଅନ୍ଧକାର ଭିତରେହିଁ ଲୁଚି ରହିବ ।

ବିଜବାବୁ ! ବଡ଼ ପାଟିରେ ଚିତ୍କାର କଲା ରତ୍ନା ।

ଚିତ୍କାର କରି କରି ଗଳା ଫଟାଇ ଦେଲେ ମଧ୍ୟ ତୁମର ଚିତ୍କାର ଏ ବାଉଁଶ ଗଛର ଜଙ୍ଗଲ ଭେଦ କରି ଜନ ଗହଳି ଭିତରକୁ ପ୍ରବେଶ କରି ପାରିବ ନାହିଁ ରତ୍ନା ।

ବାସ୍ତବିକ ଆପଣଙ୍କୁ ବିଶ୍ୱାସ କରି ମୁଁ ବଡ଼ ଭୁଲ କରିଛି ବିଜବାବୁ ।

ତୁମ୍ଭର ବା କୋଉ ବିଶ୍ୱାସ ଅଛି ଶୁଣେ ?

ଉଃ, ଏଡ଼ିକି ବିଶ୍ୱାସ ଘାତକ ଆପଣ !

ଠିକ୍ ତୁମେ ଯାହା ସୁକାନ୍ତ ପ୍ରତି କରି ପାରିଛ ।

ବିଜବାବୁ !

ସେ ବୃଥା ଚିତ୍କାର କର ନାହିଁ ରତ୍ନା । ଏହି ନିର୍ଜନ କାଯ ଭିତରେ ଏମିତ କୌଣସି ଜନ୍ତୁ ଆଖି ମେଲି ଚାହିଁ ବସିନି ତୁମ ଖାନ୍‌ଦାନୀ ଇଜ୍ଜତକୁ ଠେକି ଧରିବା ପାଇଁ କିମ୍ବା ତୁମ ବଂଶ ପରମ୍ପରାର ସମ୍ମାନକୁ ଉପହାସ କଲା ଭଳି କୌଣସି ଜୀବନ୍ତ ଜନ୍ତୁ ମଧ୍ୟ ଏଇ ହତା ଭିତରେ ନାହିଁ । ଅତଏବ ତୁମ ଇଜ୍ଜତ ଉପରେ ଆଞ୍ଚ ଆସିବାର କୌଣସି ଆଶଙ୍କା ନାହିଁ ।

ବିଜବାବୁ ! ପୁଣି ଥରେ ଖୁବ୍ ବଡ଼ ପାଟିରେ ଚିତ୍କାର କଲା ରତ୍ନା ।

ରତ୍ନାର ହାତଧରି ନିଜ ଛାତି ଉପରକୁ ଭିଡ଼ି ଆଣିବା ପାଇଁ

ହାତ ବଢ଼ାଇଲେ ବ୍ରଜବାବୁ ।

ରତ୍ନା ପ୍ରାଣ ବିକଳରେ ବ୍ରଜବାବୁଙ୍କ ପାଦଧରି କାକୁତି ମିନତି ହେଲା ମୋତେ ଛୁଅଁନ୍ତୁ ନାହିଁ ବ୍ରଜବାବୁ । ମୁଁ ବାଳଦଗ୍ଧା । ହିନ୍ଦୁଘରର ମୁଁ କୁମାରୀ । ହାତରେ ଚୁଡ଼ି । ହିନ୍ଦୁ ଘରର ଝିଅ ମୁଁ । ମୋ ନାରୀତ୍ୱକୁ କଳଙ୍କିତ କର ନାହିଁ । ମୁଁ ଆପଣଙ୍କ ଝିଅ ସମାନ, ଆପଣଙ୍କ ଝିଅ ଯଦି ଏହି ଏକାନ୍ତ କକ୍ଷରେ, ଏପରି ଏକ ନୀରବ ରାତିରେ, ଗୋଟିଏ ଖଟ ଉପରେ ବାପା ବାପା ବୋଲି ଆପଣଙ୍କ ଛାତି ଉପରେ ମୁଣ୍ଡ ଗୁଞ୍ଜି ହୋଇ ଶୋଇ ପଡ଼େ, ଆପଣ କଣ ବାପାର ସ୍ନେହ ଦେଇ ଝିଅକୁ ଶୁଆଇ ଦେବେ ନାହିଁ ।

ଚନ୍ଦ୍ରାକର ରତ୍ନା । ମୋତେ ଆଉ ବାପା ବାପା ବୋଲି ଡାକି ମୋର ହୃଦୟକୁ ଦହଲାଇ ଦିଅ ନା ।

ଆଜି ସିନା ଆପଣଙ୍କ ଝିଅ ଯମୁନା ମରି କେଉଁ ସ୍ୱର୍ଗରେ ରହିଛନ୍ତି । ସେ ଯଦି ଥାଆନ୍ତା ତାହା ହେଲେ ମୋ ବୟସର କଣି ହୁଅନ୍ତା ନାହିଁ ? ଯମୁନା ଆଉ ମୁଁ ଦୁଇମାସରେ ସାନବଡ଼ । ପିଲା ଦିନରୁ ଏକ ମା ପେଟର ଜାଆଁଳା ଝିଅ ପରି ଚଳୁଥିଲୁ । ହେଲେ··· ଏ ପର୍ଯ୍ୟନ୍ତ ଯମୁନା ସମସ୍ତଙ୍କ ଆଖିରେ ସେହି ସାତ ବର୍ଷର ଝିଅ ହୋଇ ରହିଛନ୍ତି । ମୁଁ କିନ୍ତୁ······ପାଦ ତଳୁ ମୁହଁ ଉଠାଇ ଲୁହ ଭରା ଆଖିରେ ଅନାଇଲା ବ୍ରଜବାବୁଙ୍କୁ । ବ୍ରଜବାବୁଙ୍କ ଆଖିରେ ମଧ୍ୟ ଲୁହ ଜମି ଆସି ଧାରି ଧାରି ହୋଇ ଲମ୍ବି ଯାଇଥିଲା ନାକ ତଳକୁ ।

ବାତ୍ସଲ୍ୟ ମମତାର ମୋହ କଣ୍ଠରେ ଡାକିଲା ରତ୍ନା—'ବାପା !'

ବ୍ରଜବାବୁଙ୍କ ଅଜ୍ଞାତରେ ତାଙ୍କ ପାଟିରୁ ବାହାରି ପଡ଼ିଲା, 'ମା !'

ରତ୍ନା ନିଜ ପିନ୍ଧା ପଣତ କାନିରେ ଲୁହ ପୋଛି ଦେବାକୁ ଉଠି ଠିଆ ହେଲା । ବ୍ରଜବାବୁ ରତ୍ନାର ମୁଖ ଦେଖିବାକୁ ସାହସ

କରି ପାରିଲେ ନାହିଁ । ଦୁଇ ହାତରେ ନିଜର ଆଖିକୁ ବୁଜି ହୋଇ କାନ୍ଦି ଉଠିଲେ ।

ରତ୍ନା ବ୍ରଜବାବୁଙ୍କୁ ଟାଣି ଆଣି ଖଟ ଉପରେ ଶୁଆଇ ଦେଲା । ନିଜେ ନିଜର ପିନ୍ଧା କାନିଟାକୁ ପାରି ଦେଇ ତଳେ ଶୋଇ ପଡ଼ିଲା ।

× × ×

ରାତି ପାହିଲା ।

ନିଦ୍ରିତ ଜଗତକୁ ଚେତନା ଦେଇଗଲା କଳା କୁଆଟା ।

ହସ କାନ୍ଦର ଦୁନିଆ ଖିଲି ଖିଲି ହୋଇ ହସି ଉଠିଲା, କଇଁ କଇଁ ହେଇ କାନ୍ଦି ମଲା ।

ବ୍ରଜବାବୁଙ୍କର ନିଦ ଭାଙ୍ଗିଗଲା । ଉଠି ଦେଖନ୍ତି ତ ତଳଟାରେ କାନି ପାରି ଦେଇ ଶୋଇଛି ରତ୍ନା । ଗଲା ରାତିର ଅଶ୍ରୁ ନୈବେଦ୍ୟରେ ତାର ଆଖିପତା ଗୁଡ଼ାକ ଫୁଲି ଯାଇଛି । ମୁଣ୍ଡର ବାଳ ଗୁଡ଼ାକ ମୁକୁଳା ହୋଇ ଅସଂଯତ ଭାବେ ବିଛୁଡ଼ି ହୋଇ ପଡ଼ିଛି । ନାକରୁ ପାଣି ବହି ପଡ଼ୁଛି । ବ୍ୟତିବ୍ୟସ୍ତ ଭାବେ ରତ୍ନ ଭୁଇଁଟାରେ ପଡ଼ିଛି । ବଡ଼ ବିଚଳିତ ହୋଇ ଉଠିଲେ ବ୍ରଜବାବୁ । ହାତ ମାରି ରତ୍ନାକୁ ଉଠାଇଲେ । ରତ୍ନାର ଦେହରେ ହାତ ବାଜୁ ବାଜୁ ବ୍ରଜବାବୁ ଚମକି ପଡ଼ିଲେ । ରତ୍ନାର ଦେହରେ ଭୀଷଣ ଜ୍ୱର । ବଡ଼ ବିପଦ ଗଣି ମନେ ମନେ ଦଅ ଦେବତାଙ୍କୁ ପ୍ରାଣ ବିକଳରେ ଡାକିଲେ ବ୍ରଜବାବୁ । ତାଙ୍କ ଆଖି ଆଗରେ ଗୋଟି ଗୋଟି ହୋଇ ନିଜ ଅତୀତର । ଘସ୍ରା ଚିଏପରି ଝେଲିଗଲା ଯମୁନାର ନାକରୁ ଠିକ୍ ଏମିତି ପାଣି ବହିଥିଲା, ଏଇ ପରି ଅବସ୍ଥା ହୋଇଥିଲା ।

ବ୍ରଜବାବୁ ନିଜ ଅତୀତକୁ ଆଉ ରୂପ ଦେଇ ପାରିଲେ ନାହିଁ । ଏପରି ପରିସ୍ଥିତିର ପ୍ରବଳ ଦାଉରେ ଡହଳ ବିକଳ ହୋଇ ଉଠୁଥ

ଝୁଅଙ୍କ ଘର ସେ ନିଜକୁ ନିସହାୟ ମନେ କଲା ।

ରୋଗ ଶଯ୍ୟାରେ ପଡ଼ି ରତ୍ନା ତା ଅତୀତକୁ ମନେ ମନେ ଗୋଟି ଗୋଟି କରି ଭାବି ବଡ଼ ବ୍ୟଥିତ ହୋଇ ଉଠିଲା । ସେ ଅତୁଳ ସମ୍ପତ୍ତିର ଅଧିକାରିଣୀ ହୋଇ ମଧ୍ୟ ଜୀବନରେ ସୁଖ କଣ କିଛି ଜାଣି ପାରିଲା ନାହିଁ । ସେ ଭଲରୂପେ ବୁଝି ପାରୁଛି ଯେ ଅନୁପବାବୁଙ୍କୁ ବାହା ହୋଇ ସେ କେବେ ନିଜର କରି ପାରିବ ନାହିଁ । ଲୁହ ଓ ଲହୁର ନୈବେଦ୍ୟରେ ମଧ୍ୟ ସେ ଅନୁପବାବୁଙ୍କ ମନକୁ ଟଳାଇ ପାରିବ ନାହିଁ । ପାଦଧରି ଯେତେ ପ୍ରକାର କାକୁତି, ମିନତି ହୋଇ ମୁଣ୍ଡ କୁଟି ହେଲେ ମଧ୍ୟ ଅନୁପବାବୁଙ୍କ ମୁହଁରୁ ସେହି ଗୋଟାଏ ଜବାବ ସେ ଶୁଣିବାକୁ ପାଇବ, ତୁମେ ମୋର ଅଯୋଗ୍ୟା । ମୋ ପାଦ ସହିତ ପାଦ ମିଳାଇ ତମେ ଚାଲିବାକୁ ଅକ୍ଷମ ।

ପାଦ ମିଳାଇ ଚାଲିବାକୁ ହେଲେ ରତ୍ନା ଗୀତ ଗାଇ ଜାଣେ । ନାଚ ମଧ୍ୟ କିଛି ଦିନେ ଶିଖିଛି । ହେଲେ ମଦ······

ରତ୍ନାର ପଞ୍ଚ ଆତ୍ମା ଶିହରି ଉଠେ । କ୍ଷଣିକ ପାଇଁ ସୁକାନ୍ତର ଶାନ୍ତ, ସରଳ ଓ ନିରାଡ଼ମ୍ବର ମୂର୍ତ୍ତି ତା ଆଖି ଆଗରେ ଝଲସି ଉଠେ, ରତ୍ନା ନିଜକୁ ବଡ଼ ଅପମାନିତ ମନେ କରେ । ଖାଲି ତାକୁ କାନ୍ଦ ମାଡ଼େ । କାନ୍ଦ ପକାଏ ଠେଲି ଝୁଅଙ୍କ ଘରେ । ଆଖିରୁ ଝରେ ଲୁହ··· ଲହୁ······ରକ୍ତ······ ।

କାନ୍ଦି କାନ୍ଦି ଦେହଟା କଳାକାଠ ପଡ଼ି ଗଲାଣି । ଫୁଲିଲା ଫୁଲିଲା ସ୍ୱାସ୍ଥ୍ୟ ଝୁରି ଝୁରି ଝଡ଼ି ପଡ଼ିଲାଣି ।

ରତ୍ନା ପଣ କରି ବସିଲା, କୌଣସି ମତେ ସେ ଅନୁପବାବୁଙ୍କ ସହିତ ଛନ୍ଦାରେ ସମ୍ବନ୍ଧକୁ ଛିନ୍ନ କରିଦେବ । ଏପରି କୁପଥରୁ ଫେରାଇ ଆଣିବା

ପାଇଁ ଶତଚେଷ୍ଟା କରିବ ପଛେ-ନର୍ତ୍ତକୀର ଘରକୁ କିନ୍ତୁ ଛାଡ଼ିଦେବ ନାହିଁ । ଖାନ୍‌ଦାନୀ ଇଜ୍ଜତକୁ ଅଉ ଏପରି ଭାବେ ବିକାଲାଗି କରିବାକୁ ଦେବ ନାହିଁ । ସେ ଯଦି କୁପଥକୁ ଯିବେ ଏ ନିଜେ କାହିଁକି ସେହି ପଥ ଅନୁସରଣ ନ କରିବ ? ସେ ଯଦି ମଦ ଖାଇବାକୁ କୁଣ୍ଠାବୋଧ କରନ୍ତି ନାହିଁ ତେବେ ଏ ମଧ୍ୟ ସେଥିପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ । ଏପରି ହେଲେ ସେ ଠିକ୍ ପାଦକୁ ପାଦ ମିଳାଇ ଚାଲି ପାରିବେ ।

ଦେହରୁ ଜ୍ୱରଟା ଏ ପର୍ଯ୍ୟନ୍ତ ମରି ନଥାଏ । ନୂତନ ଉତ୍ତେଜନାରେ କିନ୍ତୁ ତା ଦୁର୍ବଳ ଦେହରେ ଶତ ସିଂହର ଶକ୍ତିଥିଲା ପରି ଅନୁଭବ କଲା ରତ୍ନା ।

ରତ୍ନାର ଭାବନାରେ ବାଧା ଦେଇ ପଶି ଆସିଲା ବୁଢ଼ା ଚାକର ନନ୍ଦେଶ୍ୱର । ହାତରେ ତାର ଔଷଧ ଶିଶି । କମଳା, ଲେମ୍ବୁ ଆଉ ବାର୍ଲି ଡବା ।

ରତ୍ନା ନିଜର ସମସ୍ତ ସଂକଳ୍ପ ଗୋଟି ଗୋଟି କରି ଜଣାଇଁ ଚୋତଲେ ମଦ ପାଇଁ ଅନୁରୋଧ କରିଥିଲା ତାର ଅତି ବିଶ୍ୱସ୍ତ ବୁଢ଼ା ଚାକର ନନ୍ଦେଶ୍ୱରକୁ । ରତ୍ନାର ସମସ୍ତ କଥା କାଉଁରୀ ଦେଶର କୁହୁକ କାହାଣୀ ପରି ବୋଧ ହେଲା ନନ୍ଦେଶ୍ୱରକୁ ।

ରତ୍ନା ବୁଢ଼ୀଆର ହାତ ଧରି ବଡ଼ କାକୁତି ମିନତି ହୋଇ କହିଲା-ବାରଣ କରନା ବୁଢ଼ୀଆ ।

ବୁଢ଼ୀଆ ଦୁଃଖବାଦ [illegible] କହିଲା, ଏତେ ବଡ଼ ଅନ୍ୟାୟ ଏ ବୁଢ଼ା ବୟସରେ କରି ପାରିବି ନାହିଁ ଦେଈ । ମୋତେ କ୍ଷମା କରନ୍ତୁ ।

ବୁଢ଼ୀଆ । ଶାସନ [illegible]ରେ ଚିତ୍କାର କଲା ରତ୍ନା ।

ଯାଉଛି ମା । ଏଣିକି ମୋର ଛୁଟି । ଅଶାନ୍ତି ଭିତରେ ଏ ମଲା ବୟସରେ ଆଉ ଘାଣ୍ଟି ହୋଇ ପାରିବ ନାହିଁ । ସତକୁ ସତ

ସମ୍ମୁଖ କରି ଚାଲି ଯାଉଥିଲା ବୁଢ଼ିଆ । ପଛରୁ ଡାକ ଧରି ରତ୍ନା କହିଲା, 'ବୁଢ଼ିଆ, ସତରେ ତୁ ଚାଲିଯିବୁ ?'

ରତ୍ନାର କଣ୍ଠ ଥିଲା ଅତ୍ୟନ୍ତ ଆର୍ଦ୍ର ।

ଆଖି ଲୁହ ପୋଛି ପୋଛି ଉତ୍ତର ଦେଲା ବୁଢ଼ିଆ, 'ଚାଲିଯିବି ବୋଲି ଅନେକ ଥର ଭାବିଛି, ହେଲେ ଯାଇ ପାରୁନି । ଏ ଘରର ମାୟା ମୋତେ ଏତେ ଜୋର୍‌ରେ ବାନ୍ଧି ରଖିଛି ଯେ, ଯେତେ ଚେଷ୍ଟା କଲେ ମଧ୍ୟ ଏ ପାଦ ଦୁଇଟା ଚଳୁନି । ନଈଆ ଗଲା, କାଳିଆ ଗଲା, ହେଲେ ମୁଁ କିନ୍ତୁ ଯାଇ ପାରିଲି ନାହିଁ । କାହିଁକି ଯେ ଯାଇ ପାରିଲି ନାହିଁ ସେ ରହସ୍ୟ ମଧ୍ୟ କିଛି ଜାଣି ହେଲା ନାହିଁ । ତେବେ, ଦିନେ ମୁଁ ନିଶ୍ଚୟ ଚାଲିଯିବି ଦେଈ । ସେହି ଦିନ ଦେଖିବେ ପଛରୁ ଯେତେ ଟାଣିଲେ ମଧ୍ୟ ଏ ବୁଢ଼ିଆ ଆଉ ଫେରିବ ନାହିଁ ।

ବୁଢ଼ିଆ !

ବୁଢ଼ିଆ ସାମାନ୍ୟ ପ୍ରକୃତିସ୍ଥ ହୋଇ କହିଲା, ଏଁ ସଞ୍ଜ ହୋଇ ଗଲାଣି ? ଯାଏଁ ସଞ୍ଜବତୀଟା ଆଗ ଜାଳି ଦେଇ ଆସେ ।

ବୁଢ଼ିଆ ଦପାଲୀରେ ଘିଅ ଭରୁ ଭରୁ ବଡ଼ ଦରଦ ଭରା କଣ୍ଠରେ ଡାକିଲା, ଦେଈ...... ।

କ'ଣ ବୁଢ଼ିଆ ?

ବୁଢ଼ୀ ସାଆନ୍ତାଣୀ ଗଲା ଦିନରୁ ଠାକୁର ଘର ଦରଜା ଆଉ ଖୋଲା ହୋଇ ପାରିଲା ନାହିଁ ଦେଈ । ନିତି ପରା ବୁଢ଼ୀ ସାଆନ୍ତାଣୀ ସେ ଘରେ ଧୂପ-ଦୀପ ଜାଳୁଥିଲେ । ମୋ କଥା ରଖ ଦେଈ, ଠାକୁରଙ୍କ ଘରେ ନିତି ସଞ୍ଜ ଆଉ ସକାଳେ ଯେମିତି ଧୂପ ଦୀପ ଜଳୁଥିଲା—ସେମିତି ଏବେ ମଧ୍ୟ ଜଳି ଉଠୁ । ତାହା ହେଲେ ଦେଖିବ ଦେଈ, ଠାକୁରଙ୍କ ଦୟାରୁ ତମର ମନରେ କୌଣସି ଦୁଃଶ୍ଚିନ୍ତା ରହି ପାରିବ ନାହିଁ । ସବୁ ଆପେ ଆପେ ସଜାଡ଼ି ହୋଇ

ଯିବ । କଥା କହୁ କହୁ କାନ୍ଦ ପକାଇଲା ବୁଢ଼ିଆ ।

ରତ୍ନା ଅବାକାବା ହୋଇ ଅନାଇଁ ରହିଲା ବୁଢ଼ିଆର ମୁଖ ମଣ୍ଡଳକୁ ।

ବୁଢ଼ିଆ ନିଜ ଗାମୁଛାରେ ଲୁହ ପୋଛୁ ପୋଛୁ ଚାଲିଗଲା ସଞ୍ଜବତୀ ଜାଳିବା ପାଇଁ ।

ରତ୍ନା ବୁଢ଼ିଆ ହାତରୁ ଦିପାଳୀଠାକୁ ଛଡ଼ାଇ ନେଇ ନିଜେ ଚଉଁରୀମୂଳେ 'ସଞ୍ଜବତୀଟି' ଜାଳି ନୀରବରେ ମନର ବେଦନାକୁ ଗୋଟି ଗୋଟି କରି ବାହୁନି ହେଲା ।

ବୁଢ଼ିଆର ମୁହଁରେ ହସ ଫୁଟି ଉଠିଲା ।

ରତ୍ନା ପ୍ରଣାମ ଜଣାଇ ଫେରି ଚାହିଁଲା । ବୁଢ଼ିଆ ବଡ଼ ଅମ୍ଳ ପ୍ରସାଦର ସହ ହସୁଛି । କେଜାଣି କାହିଁକି ରତ୍ନାକୁ ଭାରି ଭଲ ଲାଗିଲା ସେ ହସଟା ।

ଛନ୍ଦା ଚିତ୍ର ଚହଲା ଗୀତ ଗାଇ ଗାଇ ଏକ ନୃତ୍ୟ ଭଙ୍ଗିରେ ଅନୁପବାବୁଙ୍କ ହାତରେ ମଦ ପିଆଲାଟା ଧରାଇ ଦେଲା । ଅନୁପବାବୁ ସବୁ ଦିନ ପରି ଆଜି ମଦର ସଦ୍‌ବ୍ୟବହାର ନ କରି କହିଲେ, ମୋ କଥା ନ ରଖିଲେ ମୁଁ ମୋଟେ ମଦ ସ୍ପର୍ଶ କରିବି ନାହିଁ ଛନ୍ଦା ।

ସାମାନ୍ୟ ଅଭିମାନ ଭରାକଣ୍ଠରେ ଉତ୍ତର ଦେଲା ଛନ୍ଦା, ମୋ ସବୁଗ ତାହା ହେଲେ ରଖିବେ ନାହିଁ ? ଏତେ ଖୁସିରେ ଟିକିଏ ଦେଉଛି, ଅଥଚ ମୋ ଖୁସି ଭାଙ୍ଗି ଦେବେ ! ହୁଁ, ମୁଁ କିଏକି-ମୋର କଥା ରଖିବେ ଯେ ? ଛନ୍ଦା ନ ହୋଇ ଯଦି ଅନ୍ୟ କିଏ ହୋଇ ଥାଆନ୍ତି, ତାହାହେଲେ ମୋ ଖୁସିକୁ କ'ଣ ଏମିତି ଭାଙ୍ଗି ଦିଅନ୍ତେ ? କଥା

କହୁ କହୁ କାନ୍ଦ ପକାଇଲା ଛନ୍ଦା ! ଛନ୍ଦାର ଅଖି ଲୁହରେ ବଡ଼ ବିଚଳିତ ହୋଇ ପଡ଼ିଲେ ଅନୁପବାବୁ । ନିଜ ଛାତି ଉପରକୁ ଟାଣି ଆଣି ଛନ୍ଦାର ଅଖି ଲୁହ ପୋଛି ଦେଉ ଦେଉ ତା ଫୁଲିଲା ଫୁଲିଲା ଗାଲକୁ ଚିମୁଟି ଦେଇ କହିଲେ, ବାପ୍ୟାଶୀଠା କୋଉଠିକାର ।

ଛନ୍ଦା ମନେ ମନେ ବଡ଼ ଆତ୍ମ ପ୍ରସାଦ ଲାଭ କଲା-ଅନୁପ ବାବୁଙ୍କ ବ୍ୟବହାରରେ ।

ଅନୁପବାବୁ ଛନ୍ଦାର ମୁଣ୍ଡ ଉପରେ ହାତ ବୁଲାଉ ବୁଲାଉ କହିଲେ, ଏଇ ସାମାନ୍ୟ କଥାରେ ଏତକ ଅଭିମାନ ।

ଛନ୍ଦା ଲାଜ ଓ ସରମରେ ସାମାନ୍ୟ ଶଙ୍କୁଚିତା ହୋଇ ନିଜକୁ ଅନୁପବାବୁଙ୍କ ବାହୁ ବନ୍ଧନ ଭିତରୁ ଖସାଇ ଆଣି ବୀଣାର ସରୁ ତନ୍ତ୍ରୀ ଉପରେ ସୁର ତୋଳିଲା । ଅନୁପ ବାବୁ ଗୀତର ପ୍ରତ୍ୟେକ ଛନ୍ଦରେ ଅତ୍ୟନ୍ତ ଆତ୍ମହରା ହୋଇ କେତେବେଳେ ଯେ ମଦର ସଦ୍ ବ୍ୟବହାର କରି ଦେଇଛନ୍ତି ତାହା ସେ ନିଜେ ମଧ୍ୟ ଜାଣି ପାରି ନାହାଁନ୍ତି ।

ଛନ୍ଦାର ଗୀତ ଶେଷ ହେଲା ବେଳକୁ ଅନୁପ ବାବୁ ସମ୍ପୂର୍ଣ୍ଣ ମାତାଲ୍ ହୋଇ ପଡ଼ିଥିଲେ । ଏହି ସୁଯୋଗରେ ସେ ଅଧୁରି ଗିଲାସେ ନେଇ ଅନୁପ ବାବୁଙ୍କ ପାଟିରେ ଅଜାଡ଼ି ଦେଲା । ଅନୁପ ବାବୁ ଅତି ନିଶାରେ ଅଚେତ ହୋଇ ପଡ଼ିଲେ । ଅନୁପ ବାବୁଙ୍କ ଚୈତନ୍ୟ-ହୀନତା ଦେଖି ଛନ୍ଦା ଖିଲ ଖିଲ ହୋଇ ହସି ଉଠିଲା । ହସର ପ୍ରତ୍ୟେକ ଲହରୀରେ ଭରି ରହିଥିଲା ବିଜୟୀର ଆତ୍ମଗର୍ବ । ଉପର ମହଲାର ଦରଜା ଆଉଯାଇ ଦେଇ ତଳ ମହଲାକୁ ଓହ୍ଲାଇ ଆସିଲା । ବଡ଼ ତୃପ୍ତିର ସହ ଆରାମ ଚୌକିଟିରେ ଆଉଜି ପଡ଼ି ଭାବି ହେଲା ତା ଦ୍ୱିତୀୟ ଅଭିଯାନର କଥା । ବିଜୟୀର ସହ ଅତି ସହଜରେ ସେ ତାର ପ୍ରଥମ ଅଭିଯାନକୁ ସମାପ୍ତ କରି ପାରିଛି । ତାର ଦ୍ୱିତୀୟ ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି, ରତ୍ନାକୁ ସେ କିପରି

ଉଚିତ ଶିକ୍ଷା ଦେବ ଏବଂ ତା ତୃତୀୟ ଅଭିଯାନ ଅର୍ଥାତ୍ ଶେଷ ଅଭିଯାନରେ ସୁକାନ୍ତକୁ କପରି ଶିକ୍ଷା ଦେଇ ବର୍ତ୍ତମାନ ଅଭିଯାନର ଅଟଳ ପ୍ରତିଜ୍ଞାକୁ ପୂରଣ କରିବ । ନାନା ପ୍ରକାର ଚିନ୍ତା କରି କରି ଛନ୍ଦା ସେହି ଆଶ୍ରମ ଚୌକିଟିରେ ଶୋଇ ପଡ଼ିଲା । ତା ନିଦରେ ବାଧା ଦେଇ ଝଡ଼ ବେଗରେ ପଶି ଆସିଲା ରତ୍ନା- ଦେହରେ ତାର ସାଧା ପୋଷାକ । ମୁଣ୍ଡରେ ଦିଅ ଖୋଲା ଓଢ଼ଣୀ । ଓଢ଼ଣୀ ତଳେ ମୁକୁଳା ବାଳ । ପାଦ ତଳକୁ ସରୁ ଅଳତା ଗାର । ଅଳତା ତଳକୁ ଲଭ୍ଲି ଚପଲ୍ । ଆଖିରେ ଅଶ୍ରୁ, ବୁକୁରେ ବେଦନା । କପାଳରେ ଗଦାଏ ଝାଳ । ଝାଳରେ କପାଳର କୁଙ୍କୁମ ବିନ୍ଦୁଟା ଲମ୍ବି ପଡ଼ିଥିଲା ନାକ ଉପରକୁ ।

ଛନ୍ଦା ରତ୍ନାର ଏହି ଆକସ୍ମିକ ଆବିର୍ଭାବରେ ବଡ଼ ବିଚଳିତ ଏବଂ ବିସ୍ମିତ ହୋଇ ଉଠିଲା ।

ରତ୍ନା ବଡ଼ କରୁଣ ବୋଲା କଣ୍ଠରେ କାକୁତି ହୋଇ କହିଲା, 'ଅପା, କୋଉ ଜନ୍ମରେ ତମର ଅପରାଧ କରିଥିଲି ବୋଲି ଆଜି ଏ ଦାଉ ସାଧି ବସିଛ ? ଯଦି ମୋର କିଛି ଭୁଲ୍ ହୋଇଥାଏ, ସାନ ଭଉଣୀର ଭୁଲ୍‌କୁ ଅପା ହୋଇ କଣ କ୍ଷମା ଦେଇ ପାରିବ ନାହିଁ ?

କଥାରେ କହନ୍ତି—'ହଜିଲା ବଳଦ, ଖୋଜିଲା ଠାରେ ।'

ଛନ୍ଦା ବଡ଼ ଆତ୍ମପ୍ରସାଦ ଲାଭକଲା । ହସି ହସି ଉପହାସ କଲା ପରି କହିଲା, ଗୋଟାଏ ନର୍ତ୍ତକୀକୁ ଅପା ବୋଲି ଡାକି ନିଜର ଖାନ୍‌ଦାନୀ ଇଜ୍ଜତର ଅପମାନ କର ନାହିଁ ରତ୍ନାଦେବୀ । ନର୍ତ୍ତକୀକୁ ନର୍ତ୍ତକୀ ହୋଇ ରହିବାକୁ ଦିଅ ।

ଗାଁ ସ୍କୁଲରେ ପାଠ ପଢୁଥିଲା ବେଳେ ତୁମକୁ କ'ଣ ଅପା ବୋଲି ଡାକୁ ନ ଥିଲି, ବଡ଼ ସହଜ ଓ ସରଳ କଣ୍ଠରେ କହିଲା ରତ୍ନା ।

ସେ ଅପା ମର ଯାଇଛୁ ରତ୍ନା ।

ଛନ୍ଦା !

ଛନ୍ଦା ହସ ହସ ମୁହଁରେ ଉତ୍ତର ଦେଲା, ଛନ୍ଦା ଜଣେ ନର୍ତ୍ତକୀ । ସାରା ଦୁନିଆ କହେ—ସେ କୁଳଟା । ତାର ସ୍ଥାନ ତଥାକଥିତ ଭଦ୍ର ସମାଜର ବହୁ ଦୂରରେ । ଅତଏବ ସେ କୌଣସି ଭଦ୍ର ପରିବାରରେ କାହାର ଅପା, ମା କିମ୍ବା ମାଉସୀ ବୋଲାଇ ପାରିବ ନାହିଁ । ନିଜ ସ୍ୱାର୍ଥକୁ ନେଇ ଏହି ମନ ଗଢ଼ା ସଂବୋଧନ ଆଉ କର ନାହିଁ ରତ୍ନାଦେବୀ । ବଡ଼ ଘରର ଝିଅ ତୁମେ । ଜମିଦାର ଘରର ବୋହୂ ହେବ । ବଡ଼ ଲୋକର ମାନ ମହତ୍ତ୍ୱ ତୁମର ରହିଛି । ଧନ ରତ୍ନ ଓ ସୁଖ ଶାନ୍ତି, ଐଶ୍ୱର୍ଯ୍ୟରେ ତୁମର ଦିନ ବିତି ଯାଉଛି । ସେ ସମସ୍ତ ଗର୍ବ ଓ ଗୌରବକୁ ଏପରି ଭାବେ ପଦାରେ ପକାଇ ଦେଇ ନର୍ତ୍ତକୀର ଦ୍ୱାରସ୍ଥ ହେବା ତମ ପକ୍ଷେ ବଡ଼ ବଦନାମର ବିଷୟ ହେବ ।

ରତ୍ନା ଛନ୍ଦାର କଥାର କୌଣସି ଜବାବ ନ ଦେଇ ମସ୍ତ ବଡ଼ ଅପରାଧିନୀ ପରି ଆକୁଳ ନୟନରେ ବଡ଼ ବିକଳ ହୋଇ ଅନାଇ ରହିଲା ଛନ୍ଦାର ମୁଖ ମଣ୍ଡଳକୁ ।

ଛନ୍ଦା ଭାରି କୌତୁକ ଅନୁଭବ କରି ବଡ଼ ପାଟିରେ ଖିଲି ଖିଲି ହୋଇ ହସି ଉଠିଲା । ସେ ହସର ପ୍ରତ୍ୟେକ ଲହରୀରେ ନାଗ ଦଂଶନର ବିଷ ଜ୍ୱାଳା ଅନୁଭବ କରି ରତ୍ନା ବଡ଼ ଅପମାନିତ ମନେ କଲା । ନିଜକୁ କୌଣସି ଉପାୟରେ ସଂଯତ କରି ନ ପାରି ବଡ଼ ପାଟିରେ ଚିତ୍କାର କଲା, ଛନ୍ଦା !

ଛନ୍ଦା ତା ହସର ଉତ୍ସକୁ ସାମାନ୍ୟ ରୋକି ନେଇ କହିଲା, ଏମିତ ରାଗି ଉଠିଲ ଯେ ରତ୍ନାଦେବୀ !

ରତ୍ନା ନିଜର କ୍ରୋଧକୁ ସମ୍ଭାଳି ନ ପାରି କହି ଦେଲା, ସାହି ବୁଲା କୁକୁରକୁ ରାଜସିଂହାସନର ସମ୍ମାନ ଦେଲେ ମଧ୍ୟ ତା

ମନଟା ଘୁରି ବୁଲେ ଝଗଡ଼ା ଗଦାର ଗନ୍ଧ ଭିତରେ ।

ଛନ୍ଦା ରତ୍ନାର ଯୁକ୍ତିକୁ ସମର୍ଥନ କରି କହିଲା, ତୁମର ଯୁକ୍ତିଟା ଅକ୍ଷରେ ଅକ୍ଷରେ ସତ୍ୟ । ବାସ୍ତବିକ ବଡ଼ ଦୁଃଖର କଥା, କୁକୁରକୁ ରାଜ ସିଂହାସନର ସମ୍ମାନ ଦେଇ ମଧ୍ୟ ତାର ଜନ୍ମଗତ ପ୍ରକୃତିକୁ ପରିବର୍ତ୍ତନ କରି ହେଲା ନାହିଁ । ତାହାହିଁ କୁକୁରର ବିଶେଷତ୍ୱ ରତ୍ନା !

ମାନେ ?

ମାନେ—କୁକୁର ପରି ଗୋଟାଏ ଜନ୍ତୁ, ତାର ନୀତି, ନିୟମ ଓ ନିଷ୍ଠାକୁ ଅକ୍ଷରେ ଅକ୍ଷରେ ବଜାୟ ରଖି ପାରିଲା । ଅଥଚ ମଣିଷ ଶିକ୍ଷିତ ସଭ୍ୟ ହୋଇ ମଧ୍ୟ ନିଜର ନୀତି, ନିୟମ, ନିଷ୍ଠା ଓ କର୍ତ୍ତବ୍ୟକୁ ରଖି ପାରୁ ନାହିଁ ।

ଛନ୍ଦାର ଯୁକ୍ତିରେ ରତ୍ନା ନିଜକୁ ପରାଜୟ ସ୍ୱୀକାର କରି ବଡ଼ ବ୍ୟଥିତ କଣ୍ଠରେ କହିଲା, ମୋତେ ଆଉ ଉପହାସ କରି ଅପମାନ ଦିଅ ନାହିଁ ଛନ୍ଦା । ତୁମ ପାଦ ଧରି ନେହୁରା ହେଉଛି । ମୋତେ ଅନୁପବାବୁଙ୍କୁ ଫେରାଇ ଦିଅ । ତୁମ୍ଭର ବଡ଼ ଧର୍ମ ହେବ ।

ଏଇ କଥାଟା ଆସିବା ବେଳକୁ ନ କହି କଥାଟାକୁ ଏତେ ଖେଳାଉ ଥିଲ କାହିଁକି ? ତୁମ ବାବୁଙ୍କୁ ମୁଁ ନିଶ୍ଚୟ ଫେରାଇ ଦେବି । ମୁଁ ତାହାକୁ କେବେ ନିଜର କରିବାକୁ ଇଚ୍ଛା କରେନା ରତ୍ନାଦେବୀ ! ପର ସବୁ ଦିନ ପାଇଁ ପର ଏବଂ ନିଜ ସବୁ ଦିନ ପାଇଁ ନିଜ । ବଣ ଭିତରେ ହାତୀଟା ବୁଲୁଥିଲେ ମଧ୍ୟ – ହାତୀଟା ସରକାରଙ୍କର ବୋଲି ସମସ୍ତେ ସ୍ୱୀକାର କରିବେ । ଏଇଠି ଅପେକ୍ଷା କର । ମୁଁ ତୁମର ଅନୁପବାବୁଙ୍କୁ ଫେରାଇ ଦେବି ।

ରତ୍ନା ସାମାନ୍ୟ ଆଶା ଓ ଆଶ୍ୱାସନା ପାଇ ଅପେକ୍ଷା କରି ବସିଲା । ଛନ୍ଦା ବିଜୟ ଗର୍ବରେ ଛାତିଟାକୁ ଫୁଲାଇ ଉପର ମହଲାକୁ

ଉଠି ଆସି ଅନୁପ ବାବୁଙ୍କୁ ଉଠାଇଲା । ଅନୁପ ବାବୁ କ୍ଷଣ ଜୋରରେ ନିଜକୁ ସାମାନ୍ୟ ହାଲୁକା କରି ଉଠି ଠିଆହେଲେ । ଛନ୍ଦା ପୁଳାଏ ନୋଟ ବାକ୍ସରୁ ବାହାର କରି ଅନୁପବାବୁଙ୍କ ସହ ଫେରି ଆସିଲା ତଳ ମହଲାକୁ । ତଳେ ରତ୍ନାକୁ ଦେଖିପାରି ବଡ଼ ଚକିତ ଏବଂ ବିସ୍ମିତ ହୋଇ ଉଠିଲେ ଅନୁପବାବୁ ।

ଅନୁପ ବାବୁଙ୍କ ଆବିର୍ଭାବରେ କାହିଁତ ଆଶ୍ୱସ୍ତ ଲାଭ କଲା ରତ୍ନା ।

ଛନ୍ଦା ରତ୍ନାର ମୁହଁ ଉପରେ ନୋଟ୍ ବିଡ଼ାକୁ ଫୋପାଡ଼ି ଦେଇ କହିଲା, ଅନୁପ ବାବୁଙ୍କ ସମ୍ପତ୍ତିରୁ ଏ ପଚାଶ ହଜାର ଟଙ୍କା ମୁଁ ପାଇଥିଲି ରତ୍ନାଦେବୀ ! ହେଲେ ଏ ପର୍ଯ୍ୟନ୍ତ ସେଥିରୁ ପାହୁଲାଏ ବି ମୁଁ ଖର୍ଚ୍ଚ କରି ନାହିଁ ।

କଥାର ରହସ୍ୟ କିଛି ବୁଝି ନ ପାରି ବୋକାଙ୍କ ପରି ଚାହିଁ ରହିଲେ ଅନୁପ ବାବୁ ଏବଂ ରତ୍ନା ।

ତୁମ ଅନୁପ ବାବୁଙ୍କ ସମ୍ପତ୍ତିକୁ ନିଜ ହାତରେ ଉଠାଇ ନିଅ ରତ୍ନା । ଆଜ ଆମର ଚାଲନ୍ତୁ ଅନୁପବାବୁ—ବୁଲି ଯିବା । ଆଜି କୁଆଡ଼େ ଭଲ ସିନେମା ଅଛି 'ଦେବଦାସ' । ଖେଳଟା କୁଆଡ଼େ ଭାରି ଚମତ୍କାର ହୋଇଛି । ଦିଲିପ୍ କୁମାର ଓ ସୁଚିତ୍ରାସେନଙ୍କ ଅଭିନୟ କୁଆଡ଼େ ଏକବାରେ ବାସ୍ତବ ହୋଇଛି । ଚାଲନ୍ତୁ, ଦେଖି ଆସିବା ।

ଅନୁପବାବୁ କେବଳ ନିର୍ବିକାର ଭାବେ ବଲ୍ ବଲ୍ ହୋଇ ଅନାଇଁ ରହିଲେ । ଛନ୍ଦା ଅନୁପ ବାବୁଙ୍କୁ ନିଜ ବାହୁତଳେ ଛନ୍ଦି-ଦେଇ ରିକ୍ସା ଉପରକୁ ଉଠାଇ ନେଲା ।

ଘଣ୍ଟି ବଜାଇ ବଜାଇ ରିକ୍ସାବାଲା ପେଡ଼ାଲ୍ ମାରିଲା ଖୁବ୍ ଜୋର୍‌ରେ । ରାଜରାସ୍ତାର ମଝିରେ ଉଡ଼ା ଧୂଳି ଓ ଗହଳି ଭିତରେ ମିଳେଇ ଗଲା ରିକ୍ସା ଗାଡ଼ିଟା ।

ରତ୍ନା ନୀରବ ହୋଇ କାଠ ପିତୁଳାଟି ପରି ସେଇଠି ଠିଆ

ହୋଇ ରହିଲା ଟାକ୍ସିଟି ଅଦୃଶ୍ୟ ହେବା ପର୍ଯ୍ୟନ୍ତ ।

ଦୀର୍ଘ ଦୁଇ ବର୍ଷର ସଜା ଭୋଗ ପରେ ଆଜି ସୁକାନ୍ତ ବାହାର ଦୁନିଆର ରାଜରାସ୍ତା ଉପରେ ବାଧା-ବନ୍ଧନ ହୀନ ସ୍ୱାଧୀନ ନାଗରିକ ପରି ଘୂରି ବୁଲିବାକୁ ସୁଯୋଗ ପାଇଲା । ଜେଲ୍‌ରୁ ଖଲାସ ପାଇବା ପରେ ଜେଲର ବାବୁ ସୁକାନ୍ତକୁ ନିଜ ଅଫିସ ଭିତରକୁ ଡାକି ନେଲେ । ସୁକାନ୍ତ ଦେଖିଲା, ଅଫିସର ଗୋଟିଏ ଚଉକିରେ ବସିଛି ରତ୍ନା । ରତ୍ନାକୁ ଦେଖିବାକ୍ଷଣି ସୁକାନ୍ତର ହାଡ଼ ଭିତରୁ ନିଆଁ ଜଳି ଉଠିଲା । ସେ ମୋଟେ ବିଶ୍ୱାସ କରି ପାରିଲା ନାହିଁ, ରତ୍ନା ପରି ଶିକ୍ଷିତା ଝିଅର ଏତେ ଶୀଘ୍ର ପରିବର୍ତ୍ତନ ଆସିଯିବ ବୋଲି । ତା ଛଡ଼ା ସେ ଜଣେ କଏଦୀ ବୋଲି ବୁଝେ ଉପହାସ ମଧ୍ୟ କରି ପାରିଛି । ରତ୍ନାର ସେହି ଶେଷ ପତ୍ରର ପ୍ରତ୍ୟେକ ପଂକ୍ତିରେ ନାଗ ଦଂଶନର ଜ୍ୱଳନ୍ତ ଜ୍ୱାଳା ଶିରା-ପ୍ରଶିରାର ପ୍ରତ୍ୟେକ ରକ୍ତ ବିନ୍ଦୁରେ ଅନୁଭବ କରିଥିଲା ସୁକାନ୍ତ । ପୁଣି ସେଇ ରତ୍ନା ଆସିଛି ଜେଲରୁ ପାଛୋଟି ନେବା ପାଇଁ । କ୍ଷଣିକ ପାଇଁ ତା ଆଖି ଆଗରେ ଟେଇଁ ଉଠିଲା ଛନ୍ଦାର ଅତୀତ । ପିଲା ଦିନରୁ ଦୁହେଁ ଦୁହିଁଙ୍କୁ ଅତି ଭଲ ପାଉଥିଲେ । ଯୌତୁକ ଅଭାବରୁ ନିଜ ବାପ ଦାଦାଙ୍କ ଜିଦ୍‌ ଯୋଗୁଁ ଛନ୍ଦାକୁ ମଙ୍ଗୁଳା କନ୍ୟା ବେଶରେ ବିବାହ ବେଦୀ ଉପରେ ବସାଇ ଦେଇ ଉଠି ଆସିଥିଲା ସୁକାନ୍ତ । ମଙ୍ଗୁଳା କନ୍ୟାର ଆଖି ଲୁହ ଦେଖି ନ ପାରି ବୁଢ଼ା ବାପ ତା'ର ଇହଲୀଳା ସମ୍ବରଣ କଲେ । ସୁକାନ୍ତ ତା ଅତୀତକୁ ଆଉ ରୂପ ଦେଇ ପାରିଲା ନାହିଁ । ଭାବି ଭାବି ସତେ ଯେପରି ପାଗଳ ହୋଇଯିବ । ବେଳକୁ ବେଳ ତାର ମୁଣ୍ଡ ଭିତରଟା ଗରମ ହୋଇ ଉଠିଲା ।

ଜେଲ୍ ହତା ଭିତରୁ ରାଜ ରାସ୍ତା ଉପରକୁ ଚାଲି ଆସିଲା ସୁକାନ୍ତ । ତା ଚାର ପଖଚାତ ପିଚୁ ରାଜ ରାସ୍ତା ସେମିତି ଲମ୍ବି ପଡ଼ିଛି । ଦୁଇ ବର୍ଷ ତଳେ ଘୋଡ଼ା, ଗାଡ଼ି, ମଟର ପ୍ରଭୃତି ଯେମିତି ବେଗରେ ରାସ୍ତାର ଧୂଳି ଉଡ଼ାଇ ଚାଲି ଯାଉଥିଲା, ଆଜି ମଧ୍ୟ ଠିକ୍ ସେହି ଗତିରେ, ସେମିତି ଧୂଳି ଉଡ଼ାଇ ଉଡ଼ାଇ ଧାଇଁ ଚାଲିଛି ! କାହାର କିଛି ପରିବର୍ତ୍ତନ ହୋଇ ନାହିଁ । କିନ୍ତୁ...

ଜୀବନ ସବୁବେଳେ ଜୀବନ ହୋଇ ରହି ପାରେନା । ଜନ୍ମ ଯେପରି ସତ୍ୟ, ମୃତ୍ୟୁ ମଧ୍ୟ ସେପରି ଅନିବାର୍ଯ୍ୟ । ଜନ୍ମ ଏବଂ ମୃତ୍ୟୁ ମଧ୍ୟରେ ଯେଉଁ ବ୍ୟବଧାନ ରହିଛି , ତାଆରି ଭିତରେ ସୃଷ୍ଟିର ଯେଉଁ ବୈଚିତ୍ର୍ୟ ତଥା ଶିଶୁ-ବାଳକ ବା ବାଳିକା...ଯୁବକ ବା ଯୁବତୀ...ବୁଢ଼ି ବା ବୁଢ଼ା ପ୍ରଭୃତି ରହିଛି ସେ ସବୁକୁ ଗୋଟି ଗୋଟି କରି ପାରି ହୋଇ ଆସିବାକୁ ହୁଏ । ସେତିକି ବେଳେ ସଦ୍ୟ ଜାତ ଶିଶୁର କୁଆଁ-କୁଆଁ ସ୍ୱର ବାଳକ ବା ବାଳିକା ଶୁଣି ପାରେନା । ବାଲ୍ୟ କାଳର ହସ-ଖେଳ ଯୌବନ ପାଏନା । ଯୌବନର ରଙ୍ଗିନ ସ୍ୱପ୍ନ ପ୍ରୌଢ଼ ବା ପ୍ରୌଢ଼ା ଦେଖି ପାରେନା । ଜୀବନ ବୃତ୍ତାନ୍ତରେ ସେ ଯେଉଁ ହସ-କାନ୍ଦର କାହାଣୀ ଅଲିଭା କାଳିରେ ଲେଖା ହୋଇ ରହିଛି, ତାକୁ କୌଣସି ଶକ୍ତି କସ୍ମିନ୍ କାଳେ ଅନ୍ୟଥା କରି ପାରିବ ନାହିଁ । ତାହାହିଁ ସ୍ରଷ୍ଟାର ଅଦ୍ଭୁତ ଶକ୍ତି ।

ନିଜକୁ ନିଜେ ସାନ୍ତ୍ୱନା ଦେଇ ଆଗକୁ ମାଡ଼ି ଚାଲିଲା ସୁକାନ୍ତ । ବାଟରେ ଦେଖା ହେଲା ବାଲ୍ୟ ବନ୍ଧୁ ବିନୋଦ, ସହପାଠୀ ଶେଖର, ଗ୍ଲାନୀ ଶୀଳା, ମାଉସୀ ପୁଅ ଭାଇ ଭରତ । ସେମାନେ ଦେଖି ମଧ୍ୟ ନ ଦେଖିଲା ପରି ଚାଲିଗଲେ । ଚିହ୍ନି ମଧ୍ୟ ଚିହ୍ନିଲେ ନାହିଁ । ମୁହଁ ଖୋଲି କଥା ପଦେ ବି କହିଲେ ନାହିଁ । ସୁକାନ୍ତକୁ ଭାରି ବାଧିଲା । ଏହି ଗାଁରେ ଜନ୍ମ ହୋଇ, ଏହି ପାଣି-ପବନରେ ବଢ଼ି ମଣିଷ ହୋଇଛି । ଅଥଚ ସେହି ମାଟି ତାକୁ ଚିହ୍ନି ପାରିଲା

ନାହିଁ । ସୁକାନ୍ତର ଆଖି ପତା ଓଦା ହୋଇ ଆସିଲା । ତାଁର ସମସ୍ତ ବାୟୁ ମଣ୍ଡଳ ବିଷାକ୍ତ ବୋଧ ହେଲା । ଜନ୍ମ ମାଟି ପ୍ରତି ସୁକାନ୍ତର ସମସ୍ତ ମୋହ ତୁଟି ତୁଟି ଗଲା । ଗାଁ ମାଟି ଛାଡ଼ି ଚାଲିଯିବା ପାଇଁ ମନେ ମନେ ଶେଷ ସିଦ୍ଧାନ୍ତ ଗ୍ରହଣ କରି ତା ଚାଲି ବାଟକୁ ଲାଗି ଦେଇ ଷ୍ଟେସନ୍ ମୁହାଁ ହେଲା । ସେ ବା ଏଠି ରହିବ କାହିଁକି ? ତାର ଆଉ କିଏ ଅଛି ? ରତ୍ନା ଯେତେବେଳେ ପର କରି ପାରିଲା, ମା ହୋଇ ଗାଁ ମାଟି ଯେତେ ବେଳେ ତାକୁ ଚିହ୍ନି ପାରିଲା ନାହିଁ, ଆଦର କରି ଜାଣିଲା ନାହିଁ, ମୁହଁ ଖୋଲି କଥା ପଦେ କହିଲା ନାହିଁ, ସୁକାନ୍ତ ବା କାହିଁକି ସେ ସମସ୍ତଙ୍କୁ "ମୋର-ମୋର" କହି ମମତା ବଢ଼େଇବ ? ନାଁ । ସେ ଚାଲି ଯିବ ଦୂରକୁ-ବହୁତ ଦୂରକୁ-ଯେଉଁଠି ମାୟା-ମମତାର ମୋହ ନ ଥିବ । ଦ୍ରୁତ ପଦରେ ଆଗକୁ ମାଡ଼ି ଚାଲିଲା ସୁକାନ୍ତ ।

ଗାଡ଼ି ଆସିବାକୁ ବାକୀ ଥିଲା ବହୁତ ସମୟ । ପ୍ଲାଟଫର୍ମ ସିମେଣ୍ଟ ବେଞ୍ଚ ଉପରେ ଗାଡ଼ିକୁ ଅପେକ୍ଷା କରି ବସି ରହିଲା ସୁକାନ୍ତ । ଟିକେଟ କିଣିବାକୁ ହାତରେ ନୂଆ ପଇସାଏ ବି ନଥିଲା । କେମିତି ଯିବ, କେଉଁଠିକୁ ଯିବ ଏବଂ କଣ କରିବ-ସେ ସବୁ କଥା ଭାବି ଭାବି ବଡ଼ ବ୍ୟସ୍ତ ଏବଂ ବ୍ୟଥିତ ହୋଇ ପଡ଼ିଲା ।

ପ୍ରଥମ ଘଣ୍ଟି ବାଜି ଉଠିଲା ।

ଘଣ୍ଟି ଆବାଜରେ ନିଜ ଭାବନାରୁ ବିଚ୍ୟୁତ ହୋଇ ବଡ଼ ଆକୁଳ ଓ ବିକଳ ନୟନରେ ଚାରି ଦିଗକୁ ଦୃଷ୍ଟି ଖେଳାଇଲା ସୁକାନ୍ତ । ଷ୍ଟେସନରେ ବିରାଟ ଜନତାର ସମାବେଶ । କିଏ କାହା ତାହାଘରର ଭୋଜି ଖାଇ ଯାଉଛି, କିଏ ଯାଉଛି ଶାଶୁ ଘରକୁ ବଡ଼ ହରଷ ଆଉ ସରସ ମନରେ । ଆଉ କିଏ ଯାଉଛି ବ୍ୟବସାୟ କରିବାକୁ, ମାଲି ମକଦ୍ଦମାରେ ଲଢ଼େଇ କରିବାକୁ । କିଏ ବା ଯାଉଛି କଲେଜରେ ନାଁ ଲେଖାଇବାକୁ ।

ହେଉଛନ୍ତି ଭିନ୍ନ ପ୍ରକାରର ଯାତ୍ରୀ । ତାଙ୍କ ଭିତରେ ସୁକାନ୍ତ ମଧ୍ୟ ଗୋଟାଏ ଭିନ୍ନ ପ୍ରକାରର । କେହି କିନ୍ତୁ କାହାର ଯାତ୍ରା ଉଦ୍ଦେଶ୍ୟ ଜାଣନ୍ତି ନାହିଁ କି ଜାଣିବାକୁ ଚେଷ୍ଟା ମଧ୍ୟ କରନ୍ତି ନାହିଁ । ସମସ୍ତେ କିନ୍ତୁ ଗୋଟାଏ ଗାଡ଼ିରେ ନିଜର ଲକ୍ଷ୍ୟ ସ୍ଥାନକୁ ଯିବେ ।

ଦ୍ୱିତୀୟ ଘଣ୍ଟି ବାଜିଲା ।

ଫେରିବାଲା ପାଟି କରି କରି ଚାଲି ଗଲା—'ଗରମ—ଗରମ ଚା......ପାନ...ବିଡ଼ି...ସିଗାରେଟ୍ ।

ତୃତୀୟ ଘଣ୍ଟି ବାଜିଲା ।

ଗାଡ଼ି ଆସି ଅଟକିଲା ରାୟଗଡ଼ ଷ୍ଟେସନ ପ୍ଲାଟଫର୍ମରେ । ଗୋଟାଏ ଲମ୍ବା ତୃତୀୟ ଶ୍ରେଣୀ ଡବା ଉପରକୁ ଉଠି ଯାଇଥିଲା ବେଞ୍ଚରେ ନିଜର ଆସନ ବାଛି ନେଲା ସୁକାନ୍ତ ।

ପ୍ରବଳ ବେଗରେ ଗାଡ଼ିଟା ଆଗକୁ ମାଡ଼ି ଚାଲିଲା । ଗାଡ଼ିର ଗତିଟା ବଡ଼ ମନ୍ଥର ବୋଧ ହେଲା ସୁକାନ୍ତକୁ । ଏଇ ମୁହୂର୍ତ୍ତରେ ଗାଡ଼ିଟା ତା ଲକ୍ଷ୍ୟ ସ୍ଥାନରେ ପହଞ୍ଚି ଯାଆନ୍ତା କି—ସେ ଟି. ଟି. ଆଇଙ୍କ ହାତ ଭିତରେ ନ ପଡ଼ି ଖସି ଯାଆନ୍ତା । କିନ୍ତୁ ତା ଲକ୍ଷ୍ୟ ସ୍ଥାନ କେଉଁଠି ? ଯିବ କୁଆଡେ ? ବେଞ୍ଚର ଗୋଟିଏ କୋଣରେ ନିଜକୁ ଲୁଚାଇ ଏମିତି କେତେ କଣ ଭାବୁଥିଲା ସୁକାନ୍ତ ।

ଗାଡ଼ି ଆସି ଅଟକିଲା ପାର୍ବତୀପୁର ଷ୍ଟେସନରେ । ଗାଡ଼ି ଛାଡ଼ିଲା ବେଳେ ଜଣେ ସ୍ତ୍ରୀ ଲୋକ ବଡ଼ ବ୍ୟସ୍ତତାର ସହ ଡବା ଉପରକୁ ଉଠି ଆସିଲା । ମୁଣ୍ଡରେ ତାର ଶୁଖିଲା ଅଲଣ୍ଡା ବାଳର ଖୋସା । ଦେହରେ ଫଟା ଲୁଗା । ହାତ ଦିଓଟି ଉଲଗ୍ନ । ପାଦତଳେ ପୁରୁଣା ଚପଲଟି ହଳେ । ଗୋଲ ମୁହଁଟା ତାର ମଳିନ ଏବଂ ବିବର୍ଣ୍ଣ । ଆଖିରେ ଭେକିଲା ପେଟର କରୁଣ ଦୃଶ୍ୟ । କେଉଁଠି ସେ ସ୍ତ୍ରୀ ଲୋକଟିକୁ ଦେଖିଥିଲା ପରି ମନେ ହେଲା ସୁକାନ୍ତର ।

ଗାଡ଼ି ଗଡ଼ି ଚାଲିଛି ଖୁବ୍ ଦ୍ରୁତ ଗତିରେ ।

ସେହି ସ୍ତ୍ରୀ ଲୋକଟି କୌଣସି ସମ୍ଭ୍ରାନ୍ତ ଘରର ପରି ଜଣା ଯାଉଛି ।

ଗାଡ଼ି ଆସି ଅଟକିଲା ସୀତାନଗର ଷ୍ଟେସନରେ । ଗାଡ଼ି ଅଟକିବା ସଙ୍ଗେ ସଙ୍ଗେ ଜଣେ ବୃଦ୍ଧ ଟି. ଟି. ଆଇ ଡବା ଭିତରକୁ ଉଠି ଆସିଲେ । ସୁକାନ୍ତ ମନେ ମନେ ଭୀଷଣ ପ୍ରମାଦ ଗଣି ଦଅଁ ଦେବତାଙ୍କୁ ଡାକି ହେଲା ବଡ଼ କାତରରେ । ସତକୁ ସତ ଦେବତା ସୁକାନ୍ତର ପ୍ରାର୍ଥନା ଶୁଣିଲେ କି କ'ଣ ବୃଦ୍ଧ ଟି. ଟି. ଆଇ. ସେହି ସ୍ତ୍ରୀ ଲୋକଟି ସହ ଡବାର ସମସ୍ତ ଟିକଟ ବିହୀନ ଯାତ୍ରୀଙ୍କୁ ଗାଳିଗୁଲଜ କିଛି ନ କରି ତଳକୁ ଓହ୍ଲାଇ ଦେଲେ । ଘଁ ଘଁ ଶବ୍ଦ କରି ଗାଡ଼ିଟା ଚାଲିଗଲା ସିଧା ସିଧା—ଟିକଟ ବିହୀନ ଯାତ୍ରୀଙ୍କୁ ପ୍ଲାଟଫର୍ମର ଉପରେ ଛାଡ଼ି ଦେଇ ।

ସେହି ସ୍ତ୍ରୀ ଲୋକଟି ଅତ୍ୟନ୍ତ ନିରାଶ ହୋଇ ବାହାରେ ଥିବା ଝଙ୍କାଳିଆ ବରଗଛର ଛାଇ ତଳେ ଥକା ମାରି ବସି ପଡ଼ିଲା । ସୁକାନ୍ତ ମଧ୍ୟ ସ୍ତ୍ରୀ ଲୋକଟିର ଅନୁଗମନ କରି ତା ଆଖି ସାମନାରେ ଯାଇ ଠିଆ ହେଲା । ଦିହେଁ ଦୁହିଁଙ୍କୁ ଜିଜ୍ଞାସୁ ନେତ୍ରରେ ଦେଖା ଦେଖି ହେଲେ । ଟିକିଏ ପରେ ସୁକାନ୍ତ ନମସ୍କାର କଲା । ବାରି ପରେ ସ୍ତ୍ରୀ ଲୋକଟି ମୁହଁ ଘୋଡ଼ାଇ ହୋଇ ଧିରେ ଧିରେ କାନ୍ଦି ଉଠିଲା । ସେ ସ୍ତ୍ରୀ ଲୋକଟି ହେଉଛନ୍ତି ଡେପୁଟି ଶ୍ରୀ ପ୍ରାଣନାଥ ବାବୁଙ୍କ ସ୍ତ୍ରୀ ଭାନୁମତୀ···ଦିନେ ଥିଲେ ଏହି ନାରୀ ସୁକାନ୍ତର ହାକିମାଣୀ ।

ସୁକାନ୍ତ ଭାନୁମତୀଙ୍କର ଏହି ବିପନ୍ନ ଅବସ୍ଥା ଦେଖି ବଡ଼ ବିସ୍ମିତ ଓ ବ୍ୟଥିତ ହୋଇ ଉଠିଲା ।

ଭାନୁମତୀ ଗୋଟି ଗୋଟି କରି ତା ଜୀବନର ସମସ୍ତ କାହାଣୀ ଶୁଣାଇଲା । ଦିନେ ଭାନୁମତୀ ନିଜ ସ୍ୱାମୀ ସହ ଜିପ୍ ଗାଡ଼ିରେ ବୁଲି ଯାଉଥିଲେ । ଗାଡ଼ି ଚଲାଉ ଥିଲେ ନିଜେ ଭାନୁମତୀ । ପାଖରେ

ବସିଥିଲେ ତାଙ୍କ ସ୍ୱାମୀ । ଯାଉ ଯାଉ ହଠାତ୍ କୌଣସି ଏକ ଅଦୃଶ୍ୟର ଅଭିଶାପରେ ଜିପ୍ ଗାଡ଼ିଟା ରାସ୍ତା କଡ଼ର ଗଛ ଦେହରେ ଧକ୍କା ଖାଇ ଓଲଟି ପଡ଼ିଲା । ଫଳରେ ସ୍ୱାମୀଙ୍କର ହେଲା ମୃତ୍ୟୁ ଏବଂ ଭାନୁମତୀ ମକଦ୍ଦମା ଲଢ଼ଇ କରି କରି, ସର୍ବହରା ହୋଇ ଶେଷରେ ସର୍ବସ୍ୱାନ୍ତ ହେଲେ । ତା ପରେ......

ଭାନୁ ମୁହଁରୁ ସମସ୍ତ କାହାଣୀ ଶୁଣି ଦୁଃଖ ପ୍ରକାଶ କଲା ସୁକାନ୍ତ । ଭାନୁ ଅତୀତର ସମସ୍ତ କୁତ୍ସିତ ବ୍ୟବହାର, ହିଂସା ଓ ଅହଂକାର ପାଇଁ କ୍ଷମା ଭିକ୍ଷା କଲା ସୁକାନ୍ତକୁ ।

ଚନ୍ଦ୍ରାର ହାତ ଲେଖା ଚିଠି ଖଣ୍ଡିକ ପାଇ ବଡ଼ କୌତୁକ ଅନୁଭବ କଲା ଛନ୍ଦା । ବନ୍ଧୁଙ୍କର ଆତ୍ମଗର୍ବ ସହ ପତ୍ର ଖଣ୍ଡିକ ପାଠ କରି ବସିଲା । ଚିଠିରେ ଲେଖା ଥିଲା—

ଅପା !

ପ୍ରଣାମ,

ବୋଧହୁଏ ମୋ ଅପା ସମ୍ବୋଧନରେ ନ ହସି ରହି ପାରିବ ନାହିଁ । ଉପହାସ କରିବାକୁ କୁଣ୍ଠାବୋଧ ମଧ୍ୟ କରିବ ନାହିଁ । ତଥାପି ମୁଁ ତୁମକୁ ଅପା କହିବ । ଅପାର ସମ୍ମାନ ଦେବ । ମୋର ସେ ସମ୍ମାନ ଓ ଭକ୍ତିକୁ ଉପହାସ କରି ଉଡ଼ାଇ ଦେଲେ ମଧ୍ୟ ମୁଁ ବିଚଳିତ ହେବ ନାହିଁ । ଅପମାନ ବୋଧ କରିବ ନାହିଁ । କାରଣ ତୁମେ ମୋର ଧର୍ମର ଅପା । ଅପା ତା ସ୍ନେହ ଭଉଣୀକୁ ଉପହାସ କରି କହାଇ ପାରେ ନା । ଉପହାସ ଛଳନାରେ ଉପଦେଶ ଦିଏ । ସେ ସମସ୍ତ ଉପହାସ ଛଳନାରେ ଉପଦେଶ ତୁମଠୁ ମୁଁ ମୁହୂର୍ତ୍ତିକ ପାଇଁ ପାଇଛି । ଅତଏବ ତୁମେ ମୋର ଅପା । ହଁ, ମୁଁ ମାନୁଛି—ତୁମେ

ଜଣେ ନର୍ତ୍ତକୀ । କିନ୍ତୁ ମୋ ଆଖିରେ ତୁମେ ଜଣେ ଦେବୀ । ଦୁନିଆ ତୁମକୁ ଘୃଣା କରେ । ହେଲେ ମୁଁ କିନ୍ତୁ ଫୁଲ ଚନ୍ଦନ ଦେଇ ତୁମର ପାଦପୂଜା କରିବି—କାରଣ ତୁମେ ମୋର ଅପା । ତୁମେ ମୋର ଅଜ୍ଞତାକୁ ଭାଙ୍ଗି ଦେଇଛ । ଆଖି ଖୋଲି ଦେଇଛ । ବାସ୍ତବିକ ଅପା, ସଭ୍ୟତାର ଅନ୍ତରାଳରେ ଏତେ ବ୍ୟଭିଚାର ଥାଇ ପାରେ ବୋଲି ମୁଁ ମୋଟେ ବିଶ୍ୱାସ କରି ପାରି ନ ଥିଲି । ଧନ ଦୌଲତର ମୋହ, ବଡ଼ ଲୋକର ଆତ୍ମଗର୍ବ ନେଇ ମୁଁ ଯେପରି ଭାବେ ନୀତି ଭ୍ରଷ୍ଟା ହୋଇ ରାହା ବୁଲା କୁକୁର ଠାରୁ ବି ଅଧିକ ହୀନ ହୋଇ ଯାଇଛି—ତାକୁହିଁ ଅତି ସାହସର ସହ ତୁମେ ଦେଖାଇ ପାରିଛ । ଆଜି ମୁଁ ସ୍ପଷ୍ଟ ବୁଝି ପାରୁଛି—ମୋର ଭୁଲ କେଉଁଠି ? କାହିଁକି ମୋ ହସ-ଖୁସିର ସୁନା ସଂସାର ଆଜି ଭୁସୁଡ଼ି ପଡ଼ୁଛି ? ବାସ୍ତବିକ ଅପା, ଧନ-ଦୌଲତ ମୋହରେ ମୁଁ ଯାହା କରି ବସିଲି—ସେ ସବୁ କ'ଣ କୌଣସି ବେଶ୍ୟା ବୃତ୍ତିଠାରୁ ନିକୃଷ୍ଟ ? ନା, ବେଶ୍ୟାଠାରୁ ବଳି ଯାଉଥିବା ବେଶ୍ୟା ବୃତ୍ତି ସେ । ଅତଏବ ମୁଁ ମଧ୍ୟ ଜଣେ ବେଶ୍ୟା ଏବଂ ବେଶ୍ୟା ବୋଲି ତୁମକୁ ଅପା ବୋଲି ସମ୍ବୋଧନ କରିବାକୁ ସାହସ କରୁଛି । ହେଲେ ଅପା, ତୁମ ପରି ମୁଁ ଖୋଲା ବେଶ୍ୟା ହୋଇ ପାରିଲି ନାହିଁ । ମୋ ବଡ଼ ଲୋକୀର ଆତ୍ମ ଗର୍ବ ମୋତେ ଖୋଲା ବେଶ୍ୟା ହେବାକୁ ଦେଲା ନାହିଁ । ଆଇନ ଅନୁଯାୟୀ ମୁଁ ସତୀ ହେଲେ ମଧ୍ୟ ନୀତି ଅନୁଯାୟୀ ମୁଁ ଜଣେ ବେଶ୍ୟା ।

ଅପା, ତୁମ ନିକଟରେ ମୋର ଗୋଟାଏ ମସ୍ତବଡ଼ ଆଶା ରହିଛି । ସାନ ଭଉଣୀର ଆଶା ନିଶ୍ଚୟ ପୂର୍ଣ୍ଣ କରିବ ବୋଲି ବିଶ୍ୱାସ ମଧ୍ୟ ରହିଛି । ମୁଁ ଦେଖିବାକୁ ଚାହେଁ ତୁମ କପାଳରେ କଲ୍ୟାଣ ସିନ୍ଦୁର ଏବଂ ହାତରେ ଶୁଭଶଙ୍ଖା । ତାହାହେଲେ ମୋର ଆଶା ପୂର୍ଣ୍ଣ ହେବ । ପ୍ରାଣରେ ଶାନ୍ତି ପାଇବି । ଏହି ଶାନ୍ତି ଆଶାରେ ଆଜି ମୁଁ ଚୌଧୁରୀ

ବଂଶର କୁଳ ଲକ୍ଷ୍ମୀ ସ୍ଥାନକୁ ପୂର୍ଣ୍ଣ କରିବା ଆଶା ରଖି ନାହିଁ । ତମେ ଯେଉଁ ଦିନ ସୁଖରେ ଘର ସଂସାର କରିବ ମୁଁ ସେହି ଦିନ ବିଶେଷ ଆତ୍ମ ତୃପ୍ତି ଲଭ କରିବି । ତମର ନିର୍ଭିକ କାହୁଁକିକୁ ମୁଁ ଉପଦେଶ ବୋଲି ମାନି ନେଇଛି । ମୁଁ ଯେଉଁ ପଥରୁ ବିଚ୍ୟୁତ ହେଉଥିଲି ସେହି ପଥକୁ ଚାହିଁ ରହିଲି । ଏଇ ଜୀବନରେ ମୋ ଜୀବନର ପୂର୍ଣ୍ଣତା ନ ଆସିଲେ ମଧ୍ୟ ତମର ସୁଖର ସଂସାର ଦେଖି ସୁଖରେ ମରି ପାରିବି । ଇତି ।

ତୁମର ଅଭାଗିନୀ ଭଉଣୀ
ରତ୍ନା

ଭରା ନଈ ଦୁଇ କୂଳ ଖାଇ ଚାଲିଛି । କୂଳକୁ ଭାଙ୍ଗି ଦେଇ ବାହାରେ ବହି ଯିବାକୁ ପାଣିର ପ୍ରତ୍ୟେକ ଲହରୀରେ ଉନ୍ମାଦ ଭରି ରହିଛି । କିନ୍ତୁ ମାଟିର କୂଳଟା ରହିଛି ହିମାଳୟ ପରି ଅଟଳ ଏବଂ ଲୁହାଠାରୁ ବଳି ଶକ୍ତ । ମନର ଆଶା ମନରେ ମାରି ବହି ଯାଉଛି ନଈର ପାଣି ।

ଆକାଶରେ ଆଷାଢ଼ ଓ ଶ୍ରାବଣର ଉଗ୍ରତା ମରି ମରି ଯାଉଛି । ଧୀରେ ଧୀରେ ଘନେଇ ଆସିବ ପୌଷର ହାଡ଼ ଭଙ୍ଗା ଶୀତ । ତାପରେ ବୈଶାଖର ପ୍ରବଳ ଅଗ୍ନି ଜ୍ୱାଳାରେ ପୋଡ଼ି ପାଉଁଶ ହୋଇଯିବ ସବୁ ।

ବିତିଗଲା ମାସ ଦିଓଟି ।

ସାହି ଝିଅ-ବୋହୂଙ୍କ କଟାକ୍ଷ ବାକ୍ୟ ବାଣରେ ବଡ଼ ବିବ୍ରତ ହୋଇ ଉଠିଲା ଭାନୁ । ଅଟଳ ପଣ କରି ବସିଲା, ନା ଆଜି ସେ ସଫା ସଫା ପଚାରି ଦେବ ସୁକାନ୍ତକୁ । ସୁକାନ୍ତ ! ଏ ଲୋକ ନିନ୍ଦାକୁ

ସତରେ କ'ଣ ତୁମେ ବରଦାସ୍ତ କରି ପାରୁଛ ?

ସୁକାନ୍ତ କାମ ସାରି ଫେରେ ।

ଭାନୁ ପଚାରିବ ପଚାରିବ ହୋଇ ପଚାରି ପାରେନା ।

ସୁକାନ୍ତ ବି କିଛି କହେନା । ସବୁ ବେଳେ ଚୁପ୍ ରୁହେ ।

ଦିନ ଗଡ଼ି ଚାଲେ ।

କଥା ବଢ଼ି ଚାଲେ ।

ଭାନୁର ଆତ୍ମା କାନ୍ଦି ଉଠେ ଅତି ବିକଳରେ ।

ଭୟ ନାଇଁ ।

କୂଳ—କିନାରା ମାନେନା ।

ହାଡ଼ ଭଙ୍ଗା ଢଗ ଗୁଡ଼ାକ ଥରେ ଥରେ ଭଲ ଲାଗେ । କିନ୍ତୁ……

ଅତି ସରଳ ପ୍ରକୃତିର ଲୋକ ସୁକାନ୍ତ । ଦେବୀ ତାର ମନ । ବିଶାଳ ହୃଦୟ । ଭାନୁର ସାହସ ହୁଏ ନାହିଁ କୌଣସି କଥା ଖୋଲି କହିବାକୁ । ଅଶ୍ରୁର ନୈବେଦ୍ୟରେ ଛାତିର ଭାରକୁ ହାଲୁକା କରିବାର ପ୍ରୟାସ କରି ବସେ ।

ଭାନୁ ଆଉ ସୁକାନ୍ତ ରହନ୍ତି ଗୋଟାଏ ଘରେ । ଦୁହିଁଙ୍କର ବୟସ ପ୍ରାୟ ସମାନ ।

ଭାନୁ ସୁନ୍ଦରୀ ।

ସୁକାନ୍ତ ରୂପବାନ ।

ସୌନ୍ଦର୍ଯ୍ୟ ସହ ସୌନ୍ଦର୍ଯ୍ୟର ଅପୂର୍ବ ସମାବେଶ । ଅତଏବ ଆକର୍ଷଣ ଅବଶ୍ୟମ୍ଭାବୀ । ହେଲେ ଭାନୁ ଥିଲା ଦିନେ ସୁକାନ୍ତର ହାକିମାଣୀ । ହାକିମାଣୀଙ୍କୁ ଭୟ ଓ ଭକ୍ତି କରିବା ସ୍ୱାଭାବିକ । ବର୍ତ୍ତମାନର ଅସହାୟ ଅବସ୍ଥାକୁ କେନ୍ଦ୍ରକରି ଉଭୟଙ୍କୁ ଉପହାସ କରିବା ବାସ୍ତବିକ କୌଣସି ବିଜ୍ଞ ବ୍ୟକ୍ତିର ଉଚିତ ନୁହେଁ । ସୁକାନ୍ତ କାହିଁକି ନରମି ଯାଏ । କିନ୍ତୁ……

ଭାନୁ ବିଧବା । ଭାଗ୍ୟ ଦୋଷରୁ ହେଉ ବା ଅନ୍ୟ କୌଣସି ଦୋଷରୁ ହେଉ ଜଣଙ୍କର ମୃତ୍ୟୁ ପାଇଁ ଅନ୍ୟ ଜଣେ ତାର ସମସ୍ତ ଜୀବନକୁ ବଞ୍ଚି ଥାଉ ଥାଉ ଜାଳି ପୋଡ଼ି ପାଉଁଶ କରିଦେବା ବୋଧହୁଏ ଉଚିତ ନୁହେଁ । ବୋଧହୁଏ ଭାନୁର ରୂପ ପ୍ରତି ସୁକାନ୍ତର ଲୋଭ ବଢ଼େ ଏବଂ ଲୋଭ ତା ହୃଦୟର କେଉଁ ଏକ ନିଭୃତ କୋଣରେ ରହି ଯାଇଛି ବୋଲି ସେ ଲୋକ ନିନ୍ଦାକୁ ପ୍ରତିବାଦ କରି ପାରେନା । ମନ୍ତ୍ରବଦ୍ଧ ଅପରାଧୀଙ୍କ ପରି ସମସ୍ତ ନିନ୍ଦା ଓ ଅପବାଦକୁ ମୁଣ୍ଡ ନୁଆଁଇ ସହିଯାଏ । ମନକଥା ଭାନୁକୁ ମଧ୍ୟ ଶୁଣାଇ ପାରେ ନା, ଶୁଣାଇଲେ ହୁଏତ ସେ କାନ୍ଦିପାରେ । ଘର ଛାଡ଼ି ଚାଲି ଯାଇପାରେ । ପୁଣି ରାସ୍ତା ଘାଟରେ ଭିକାରୁଣୀଙ୍କ ପରି ଘୂରି ଘୂରି ବୁଲିପାରେ । ଅତ୍ୟନ୍ତ ଅସହ୍ୟ ହେଲେ ଆତ୍ମହତ୍ୟା ମଧ୍ୟ କରି ପାରେ, ସେ ହିନ୍ଦୁଝିଅ । ହିନ୍ଦୁବେଦ ପ୍ରତି ତାର ଯଥେଷ୍ଟ ଭୟ ଓ ଭକ୍ତି ରହିଛି । ଭକ୍ତି ରହିଛି ବୋଲି ଏ ଯୌବନ ବୟସରେ ମଧ୍ୟ ହସି ହସି ବୈଧବ୍ୟ ଜୀବନକୁ ଗ୍ରହଣ କରି ପାରିଛି । ବୈଧବ୍ୟ ଜୀବନର ସମସ୍ତ ନୀତି ଓ ନିୟମ ତଥା ଆମିଷ ବର୍ଜନ, ଏକାଦଶୀ ପାଳନ, ହବିଷ ଅନ୍ନ ଭୋଜନ ପ୍ରଭୃତି ଅକ୍ଷରେ ଅକ୍ଷରେ ପାଳନ କରି ଆସୁଛି । ଭାନୁର ଯଦି ସେହି ଭୟ, ଭକ୍ତି ଓ ନିଷ୍ଠା ନ ଥାଆନ୍ତା ତାହା ହେଲେ କୋଉ କାଳୁ ହିନ୍ଦୁକୋଡ଼ ବିଲ୍‌ର ଆଶ୍ରୟ ନେଇ ନିଜର ଜୀବନକୁ ସରସ ଓ ସୁଖ ମୟ କରି ପାରି ଥାଆନ୍ତା ।

ସୁକାନ୍ତ ଶଙ୍କିଯାଏ । ମନର କଥାକୁ ମନରେ ମାରି ତା ନିତି ଦିନିଆ କାମରେ ମନ ଦିଏ । ହାଡ଼ ଭଙ୍ଗା ଖଟଣି ଖାଟେ । ଦେହରୁ ତାର ଟପ୍ ଟପ୍ ହୋଇ ଝାଳ ନିଗିଡ଼ି ପଡ଼େ । ଥରେ ଥରେ ତାକୁ ଜ୍ୱର ବାଧେ । ସେ ଶିକ୍ଷିତ । ସେ ଭଦ୍ର । ତାକୁ କିନ୍ତୁ ଏ ବିଦେଶୀ ମାଟିରେ କେହି ଚିହ୍ନିପାରିଲେ ନାହିଁ । ଲଜ୍ଜା ଓ ଅପମାନରେ ସୁକାନ୍ତ ବି ନିଜକୁ ଚିହ୍ନା ଦେଲା ନାହିଁ । କୁଲିଙ୍କ ସହିତ ମିଶି ପଥର

ଘଷାଗଲା, ଖାଦ୍ୟ ରନ୍ଧାଗଲା, ଲୁଗାକୁ ଧୋଇଗଲା କଲେ ମଇଳାର ସଫା କଲା ।

ଏମିତି ସୁଖେ ଦୁଃଖେ ଦିନ ପରେ ଦିନ ଗଡ଼ି ଚାଲିଲା । ସୁକାନ୍ତର କୋଇଲା କଳା ଦେହକୁ ଦେଖି ବଡ଼ ମର୍ମାହତ ହୋଇ ପଡ଼ୁଥିଲା ଭାନୁ । ଥରେ ଥରେ ଭାବୁଥିଲା—ତା ନିଜର ଅହଙ୍କାରରେ ସିନା ଆଜି ସୁକାନ୍ତର ଦଶା ଏପରି ବିପନ୍ନ ହୋଇଛି । ନାନା ରକମର ମିଥ୍ୟା କଥା କହି ସୁକାନ୍ତ ପ୍ରତି ତା ସ୍ୱାମୀଙ୍କର ଯେତେ ସ୍ନେହ-ଶ୍ରଦ୍ଧା ଥିଲା ସେ ସବୁକୁ ତୁଟାଇ ଦେଲା । ତା ନ ହେଲେ··· ଅତୀତ ଚେଇଁ ଉଠିଲେ ଭାନୁର ବୁକୁ ଫାଟି ପଡ଼େ । ମୁଣ୍ଡ କୁଟି ହୋଇ ବୁହେ କାନ୍ଦେ । ପୁଣି ଆଖି ଲୁହକୁ କାନିରେ ପୋଛି ଭାବେ —ଅତୀତର ସେ ସମସ୍ତ ଘଟଣା କଣ ସୁକାନ୍ତର ସ୍ମରଣ ହୁଏ ନାହିଁ । ସ୍ମରଣ ଥାଇ ମଧ୍ୟ ମଣିଷ କ'ଣ ଏତେ ଉଦାର ହୋଇ ପାରେ ? ଭାନୁର ମସ୍ତକ ସୁକାନ୍ତର ଚରଣ ଉଦ୍ଦେଶ୍ୟରେ ଆପେ ଆପେ ନଇଁ ପଡ଼େ । ଭାବେ, ଆଜୀବନ ସୁକାନ୍ତର ପାଦ ପୂଜାକରି ତା ପାପକୁ ସେ ଖଣ୍ଡନ କରିବ । କିନ୍ତୁ······ବେଦନା ବିଧୁର ପ୍ରାଣକୁ ସାମାନ୍ୟ ସାନ୍ତ୍ୱନା ଦେବା ଉଦ୍ଦେଶ୍ୟରେ ପଡ଼ିଶା ଘରର ପୁଅକୁ ଆଣି ଖେଳାଏ ।

ଦିନେ ।

ବୁଲିକୁ କୋଳରେ କାଖେଇ ଖେଳାଉ ଥିଲା ଭାନୁ ଅତି ହରଷ ଆଉ ସରସ ମନରେ । ସେତିକିବେଳେ ସୁକାନ୍ତ ନିଜର କାମ ଶେଷକରି ଫେରି ଆସିଲା ଘରକୁ । ଭାନୁର କୋଳରେ ବୁଲିର ହସ-କୌତୁକ ଦେଖି ସେ ବଡ଼ ବ୍ୟଥିତ ହୋଇ ଉଠିଲା ।

ଭାନୁ ସୁକାନ୍ତର ଶୁଷ୍କତାକୁ ଲକ୍ଷ୍ୟ କରି ପାରି କହିଲା, ଆଜି ତୁମର କ'ଣ ହୋଇଛି ସୁକାନ୍ତ ? ଏମିତି ମନ ମାରି ଠିଆ ହେଲ ଯେ ।

ସୁକାନ୍ତ କ'ଣ କହିବ କହିବ ହୋଇ କହିବାକୁ ସାହସ କରି ପାରିଲା ନାହିଁ ।

ଭାନୁ ବଡ଼ ଅଭିମାନ କଣ୍ଠରେ କହିଲା-ମୋତେ କହିବ ନାହିଁ ସୁକାନ୍ତ ।

ନାରୀର ଅଭିମାନରେ ପୁରୁଷ ବଡ଼ ଅସହାୟ ହୋଇ ପଡ଼େ । ଖସି ପଳାଇବାର ରାହା ସେ ପାଏ ନା । ଅଭିମାନ ଓ ଆଖି ଲୁହ ହିଁ ନାରୀର ମହାଶକ୍ତି । ସେହି ମହାଶକ୍ତିକୁ ସ୍ୱର୍ଗର ଦେବତା ମଧ୍ୟ ପରାସ୍ତ କରିପାରେ ନା ।

ଉପାୟ ହୀନ ହୋଇ ସତ କଥାଟି କହିଦେଲା ସୁକାନ୍ତ, ଭୁଲି ତୁମ କୋଳକୁ ବେଶ୍ ମାନୁଛି ଭାନୁ । କିନ୍ତୁ·····ସୁକାନ୍ତର ଗଳା ଥରି ଉଠିଲା । ଆଖିରୁ ଲୁହ ଝରି ପଡ଼ିଲା । କଣ ଭାବି କେଜାଣି ଦ୍ରୁତ ପଦରେ ଫେରିଗଲା ସୁକାନ୍ତ କାରଖାନା ହତା ଭିତରକୁ ।

ଭାନୁ ଲାଜ ଓ ସରମରେ ଛୁଡ଼ା ସପ ଉପରେ ମୁହଁ ମାଡ଼ି ହୋଇ ଶୋଇ ପଡ଼ିଲା । ତା ଆଖିକୁ ନିଦ ଛୁଇଁ ଗଲା ।

× × ×

ନୀରବ ଅର୍ଦ୍ଧରାତ୍ରିରେ ପୁଣି ଫେରି ଆସିଲା ସୁକାନ୍ତ । ଘର ଭିତରଟା ଅନ୍ଧାର । ସୁକାନ୍ତର ମନକୁ ପାପ ଛୁଇଁଲା । ମନେ ମନେ ଭୀଷଣ ପ୍ରମାଦ ଗଣିଲା । ଭାନୁ ସୁକାନ୍ତର କଥାରେ ପାପର ଆଶଙ୍କା କରି ଘର ଛାଡ଼ି ଚାଲି ଯାଇ ନାହିଁ ତ ? ଅଉଜା କବାଟଟିକୁ ଠେଲି ଦେଇ ଘର ଭିତରକୁ ପଶି ଆସିଲା ସୁକାନ୍ତ । ପଶି ଆସୁ ଆସୁ ଅନ୍ଧାରଟାରେ ଦେଖି ନ ପାରି ଭାନୁମତୀକୁ ଝୁଣ୍ଟିହୋଇ ତଳେ ପଡ଼ିଗଲା । ଭାନୁ ଚମକି ପଡ଼ି ଚିତ୍କାର କଲା ।

ଥରି ଥରି ଦ୍ରୁତ କାତର କଣ୍ଠରେ ଢେପ ଢୋକ ଢୋକ ସୁକାନ୍ତ କହିଲା, ମୁଁ ସୁକାନ୍ତ । ଅନ୍ଧାରଟାରେ ଦେଖି ନ ପାରି ଝୁଣ୍ଟି ପଡ଼ିଲି ।

ଭାନୁ କିଛି ଉତ୍ତର ଦେଇ ନପାରି ନୀରବ ରହିଲା ।

ସୁକାନ୍ତ ମସ୍ତବଡ଼ ଅପରାଧୀଙ୍କ ପରି ଶଙ୍କିତ କଣ୍ଠରେ କହିଲା, ଆଲୁଅ ଜଳାଅ ।

ଭାନୁ ସେମିତି ମୌନ ରହି ଧୀରେ ଧୀରେ ଦରଜା ହୋଇ ଯାଇ ଲଣ୍ଠନଟିକୁ ଲଗାଇଲା ।

ଭାନୁର ବିରସ ବଦନ ଓ ନୀରବତା ଦେଖି ସୁକାନ୍ତ ବଡ଼ ବ୍ୟସ୍ତ ହୋଇ ପଚାରିଲା, ଆଜି କଣ ଘରେ ସଉଦା ପତ୍ର କିଛି ନାହିଁ ?

ସବୁ ଅଛି କିନ୍ତୁ ତମ ମନରେ ଯେଉଁ କଥାଟି ଗୋପନ ଅଛି ସେଇଟି ପ୍ରକାଶ କରିବାକୁ ପଡ଼ିବ ।

ତେବେ ଶୁଣ—ମୁଁ ପଚାରିବା ପୂର୍ବରୁ ତମେ ବେଶ୍ ହୃଦୟଙ୍ଗମ କରିପାରୁଥିବ ଯେ—ତୁମେ ବର୍ତ୍ତମାନ ଅନ୍ତଃସତ୍ତ୍ୱା । ସେଥିପାଇଁ ସାହି ଲୋକଙ୍କର ସମାଲୋଚନା ଆମେ ଶୁଣିବାକୁ ପଡ଼ୁଛି ।

ସେଥିପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ । ମୋ ଗର୍ଭରେ ବର୍ତ୍ତମାନ ଯେ ଅଛି ସେ ଆପଣଙ୍କ ଅଫିସର ପ୍ରାଣନାଥ ବାବୁଙ୍କର ବଂଶଧର । ସେତେବେଳକୁ ମୋର ତିନି ମାସ । ସେଥିଯୋଗୁଁ ମିଥ୍ୟା ଅପବାଦରେ ଆପଣ ନିଜକୁ ଦୁର୍ବଳ କରନ୍ତୁ ନାହିଁ । ଦୁନିଆଁରେ ଚଳିବାକୁ ହେଲେ କେତେ କଥା ସହିବାକୁ ପଡ଼ିବ । ତା ପରେ ଆପଣଙ୍କ ପରି ଦେବୋପମ ବ୍ୟକ୍ତିଙ୍କ ଆଶ୍ରୟ ମୁଁ ଛାଡ଼ିବା ଅପେକ୍ଷା ଆତ୍ମହତ୍ୟା ଉଚିତ ।

ଏପରି କଥାରେ ସୁକାନ୍ତ ଏକବାରେ ସ୍ତମ୍ଭିତ ହୋଇଗଲା । ପୂର୍ବ ଭାନୁମତୀ ଓ ବର୍ତ୍ତମାନ ଭାନୁମତୀ ଭିତରେ ଆକାଶ ପାତାଳ ପ୍ରଭେଦ । ପ୍ରକୃତରେ ଲୋକେ ଠେକିଲେ ଶିଖନ୍ତି । ଏପରି ବହୁତ ଭାବିବା ପରେ କହିଲା—ତାହାହେଲେ ମୁଁ ତମକୁ ଉପଯୁକ୍ତ ସମ୍ମାନ ଦେବାକୁ କେବେ ଭୁଲିବି ନାହିଁ । ପୂର୍ବେ ବାଧ୍ୟ କରି

ଯେଉଁ ସମ୍ମାନ ମୋ ପାଖରୁ ପାଉଥିଲ ବର୍ତ୍ତମାନ ତା ଅପେକ୍ଷା ଅଧିକ ସମ୍ମାନ ଦେବା ପାଇଁ ମୋ ବିବେକ କେବେ ପଶ୍ଚାତପଦ ହେବ ନାହିଁ ।

ମଣିଷର ଆଶା ଓ ଅଭିଳାଷ ପଙ୍ଗୁ ହୋଇ ପଡ଼ିଲେ ମନରେ ଆସିଯାଏ ବୈରାଗ୍ୟ । ଜନ୍ମରୁ କେହି କେବେ ଋଷି, ମୁନି ବା ବୈରାଗୀ ହୁଅନ୍ତି ନାହିଁ । ଏମିତି ଗୋଟିଏ ଗୋଟିଏ ଘଟଣାରେ ଜୀବନର ସମସ୍ତ ମୋହ ତୁଟି ଯାଏ । ଦୁର୍ବଳ କରେ ଆତ୍ମହତ୍ୟା ଏବଂ ବିବେକୀ ହୁଏ ବୈରାଗୀ ।

ବୁଢ଼ା ଚାକର ରଘୁନାଥ କିନ୍ତୁ ସେ ବୈରାଗ୍ୟକୁ ଭାଙ୍ଗି ଦେବା ପାଇଁ ଅଟଳ ଜିଦ୍ ଧରି ସବୁ ଦିନ କହି ବସେ, ବାବୁ ଏ ଘରକୁ ଆଉ ମୁଁ ସମ୍ଭାଳି ପାରିବି ନାହିଁ । ଏଣିକି କିଛି ଗୋଟାଏ ବ୍ୟବସ୍ଥା କରନ୍ତୁ ।

ରଘୁର ଅଳିରେ ଟିକିଏ ହସି ଦେଇ ପୁଣି ନୀରବ ରହି ଯାଆନ୍ତି ଅନୁପ ବାବୁ । କିନ୍ତୁ ରଘୁକୁ ଭାରି ବାଧେ ସେ ହସଟା । ଆଖିରୁ ତାର ଲୁହ ଝରି ପଡ଼େ । ପିଲାଟି ଦିନରୁ ଅନୁପ ବାବୁଙ୍କୁ ନିଜ କୋଳରେ ଖେଳାଇ, ଖୁଆଇ ମଣିଷ କରିଛି । ସେଇଥିପାଇଁ ଅନୁପ ବାବୁଙ୍କର ବୈରାଗ୍ୟ ତାକୁ ଭାରି ବାଧିଲା ।

ଘର ଗୋଟାକ ଯାକର କାମ ତଥା ରୋଷେଇଠାରୁ ଆରମ୍ଭ କରି ଠାକୁର ପୂଜା ପର୍ଯ୍ୟନ୍ତ ସେ ନିଜେ କରେ । ମଝିରେ ମଝିରେ ଚଳ-ବାଡ଼ିର କଥା ମଧ୍ୟ ବୁଝେ । ଘରର ସମସ୍ତ ଜଞ୍ଜାଳ ରଘୁଆ ଏକା ଏକା ସହେ ।

ଅନୁପ ବାବୁଙ୍କ ମା'ର ବିୟୋଗ ପରଠାରୁ ରଘୁର କାମ ବଢ଼ି ଯାଇଛି ।

ସେ ଥରେ ଥରେ ବିସ୍ମିତ ହୋଇ ଉଠେ ମା ଠାକୁରାଣୀଙ୍କ କଥା ଭାବି । ସେ ବଞ୍ଚିଥିଲା ବେଳେ ଏ ଘର କେତେ ସୁନ୍ଦର ଚଳୁଥିଲା । ଅନୁପ ବାବୁ ବେଶ୍ ସୁନ୍ଦର ଶାନ୍ତ ଶିଷ୍ଟ ଥିଲେ । ରତ୍ନା ପରି ଝିଅ ଏ ଘରର ବୋହୂ ହେଇ ଆସିଥାନ୍ତା । କିନ୍ତୁ ମା'ଙ୍କ ବିୟୋଗ ପରେ ପରେ ଏ ସବୁ ଅଚାନକ ଭାବେ ଓଲଟ ପାଲଟ ହେଇଗଲା ।

ବଡ଼ ସରଳ ପ୍ରକୃତିର ଲୋକ ବୁଢ଼ିଆ । ସେ ଏହି ଆଧୁନିକ ସଭ୍ୟତାର ଛନ୍ଦ-କପଟ କିଛି ବୁଝି ପାରେନା । ସବୁବେଳେ ଭାଗ୍ୟ ଓ ଭଗବାନଙ୍କୁ ଦୋଷ ଦେଇ ନିଜର କାମ ନିଜେ କରିଯାଏ ।

ଦିନେ ।

ଭାତ ଗାଳୁ ଗାଳୁ ପେଜ ଗୁଡାକ ଅଜାଡ଼ି ହୋଇ ପଡ଼ିଲା ରଘୁଆର ହାତରେ । ଫୋଡ଼ି ଫୋଟକା ହୋଇ ଫୁଲି ଗଲା ତା ହାତ ପାପୁଲି । ରୋଷେଇ ଆଉ କରି ପାରିଲା ନାହିଁ । ଅନୁପ ବାବୁ ସେଦିନ ରାତିଟାକୁ କଟାଇ ଦେଲେ ଉପବାସରେ ।

ଦିନେ ଗଲା । ଦୁଇ ଦିନ ଗଲା । ତଥାପି ହାତର ଫୁଲା କମିଲା ନାହିଁ । ଦରଜ ମଲା ନାହିଁ । ଜ୍ୱାଳା ଉଣା ହେଲା ନାହିଁ । ଚେଷ୍ଟା କରି ମଧ୍ୟ ରଘୁଆ ରୋଷେଇ କରି ନ ପାରି ହତାଶ ହୋଇ ପଡ଼ିଲା । ଅନୁପ ବାବୁ ମଧ୍ୟ ଖିଆ-ପିଆର କୌଣସି ବ୍ୟବସ୍ଥା ନ କରି ଚୁପ୍ ହୋଇ ଶୋଇ ପଡ଼ନ୍ତି । ହୋଟେଲ୍ ରେ କିମ୍ବା ମଠରେ ଗଣ୍ଡେ ଖାଇ ଦେବାକୁ ଯେତେ ପ୍ରକାର ରଘୁଆ ବୁଝାଇ କହିଲେ ମଧ୍ୟ ଅନୁପ ବାବୁ କିଛି ଶୁଣିଲେ ନାହିଁ । ସେମିତି ଉପବାସରେ ହିଁ ସେ ମଧ୍ୟ ଦିନ ଗଡ଼ାଇ ଚାଲିଲେ । ରଘୁଆକୁ ଭାରି ବାଧିଲା । ପିଲାଟି ଦିନରୁ ସେ ଏ ଘରର ଦାନା-ପାଣି ଖାଇ ଖାଇ ଆସି ଆଜି ବୁଢ଼ା ହେଲାଣି । ଦିନେ ହେଲେ କେହି ଏ ଘରେ ଉପବାସରେ

ଟଙ୍କାଲଙ୍କା ଶୁଣା ନ ଥିଲେ ! ଅଥଚ ଅଜି......ସବୁ ଥାଇ ମଧ୍ୟ ନ ଥିଲାର ହୋଇ ପଡ଼ିଛନ୍ତି ସାଆନ୍ତେ ।

ରଘୁଆର ଆଖି ପତା ଓଦା ହୋଇ ଆସିଲା ।

ଦୁଇ ଦିନର ଉପବାସରେ ଅନୁପ ବାବୁଙ୍କର ସଜଫୁଲ ପରି ମୁହଁଟା କଳାକାଠ ପଡ଼ିଗଲା । ଆଖି ଗୁଡ଼ାକ ଭିତରକୁ ପଶି ଗଲା ।

ରଘୁଆ ଅନୁପ ବାବୁଙ୍କ ରୂପକୁ ଆଉ ଦେଖି ପାରିଲା ନାହିଁ । ନିଜେ ସେହି ବେଦନା ଭରା ହାତରେ ଘେଷେଇ ଘର ଭିତରେ ପଶିଲା ।

ପୁଣି ଥରେ ଝେଷେଇ କରିବାକୁ ଚେଷ୍ଟା କଲା ରଘୁଆ । କିନ୍ତୁ ପାରିଲା ନାହିଁ । ବଡ଼ ହତାଶ ଓ ମର୍ମାହତ ହୋଇ ଉଠି ଚାଲି ଗଲା ସିଧା ସିଧା-ମସ୍ତବଡ଼ ପାଗଳଙ୍କ ପରି । ବାଟରେ ପଡ଼ିଲା ଛନ୍ଦାର ଘର । କେଜାଣି କାହିଁକି ରଘୁଆର ପାଦ ଆପେ ଆପେ ଅଟକି ଗଲା । ବଡ଼ କରୁଣ ଦୃଷ୍ଟିରେ ଘର ଆଡ଼କୁ ଅନାଇଁ ହଠାତ୍ କ'ଣ ଭାବି କେଜାଣି ଭୁସ୍ କିନା ପଶି ଗଲା ଛନ୍ଦାର ଘରେ ।

ଛନ୍ଦା ମନଯୋଗ ସହ ବସି ପରୀକ୍ଷା କରୁଥିଲା କେଉଁ ଖଣ୍ଡେ ନୀଳ ରଙ୍ଗ କାଗଜର ନକ୍ସା । ପାଖରେ ବସି ଥାଆନ୍ତି ଚାରିଜଣ ଅଫିସର । କ'ଣ ଯେ ସେମାନେ କଥା-ଭାଷା ହେଉଥିଲେ ସେ ସବୁ ରଘୁଆ ମୋଟେ ବୁଝି ପାରିଲା ନାହିଁ ।

ସେ ବଡ଼ ବିନମ୍ର କଣ୍ଠରେ ଡାକିଲା-ଦେଈ ।

ଛନ୍ଦା ନକ୍ସା ଉପରୁ ମୁହଁ ଉଠାଇ ଅଣୁ ଅଣୁ କହିଲା-କିଏ, ରଘୁ ? ତୋ ହାତରେ କଣ ହେଇଛି କିରେ ?

ସେ କିଛି ନୁହେଁ ଦେଈ । ରଘୁଆ ହାତ ଲୁଚେଇବାକୁ ଚେଷ୍ଟା କଲା ।

ନାନା ତୁ ଏଇଠି ବସ୍ । ମୁଁ ଡାକ୍ତର ବାବୁଙ୍କୁ ଡାକି ଦେଉଛି ।

ମୋର ଔଷଧ ଲୋଡ଼ା ନାହିଁ ଦେଇ । ଆମ ଦେଶୀ ଔଷଧରେ ଭଲ ହୋଇଯିବ ଯେ । କଥା କଣ କି ଦେଇ, ଏ ହାତ ବାନ୍ଧା ଯୋଗୁଁ ଦୁଇଦିନ ହେଲା ସ୍ନାନ କରି ପାରିନି ।

ତାହାହେଲେ ଏଇଟି ଗଣ୍ଡାଏ ଖାଇଦେ ।

ଖାଇ ଖାଇ ବୁଢ଼ା ହେଲିଣି ଦେଇ, ଆଉ କେତେ ଖାଇବି ! ହେଲେ ଅନୁପ ବାବୁ··· !

ଅନୁପବାବୁ ! କଣ ହୋଇଛି ? ବଡ଼ ବିଚଳିତ କଣ୍ଠରେ ପ୍ରଶ୍ନ କଲା ଛନ୍ଦା ।

ଯେତେ ବୁଝାଇ କହିଲେ ମଧ୍ୟ ଅନୁପ ବାବୁ ଖିଆ ପିଆର କୌଣସି ବ୍ୟବସ୍ଥା ନ କରି ସେମିତ ଉପବାସ-ଉପବାସରେ ଶୋଇ ରହୁଛନ୍ତି । ଷ୍ଟେଥେଇ ପାଇଁ ସାହିରୁ କାହାକୁ ଡାକି ଆଣିଲେ ମନା କରି ଫେରାଇ ଦେଉଛନ୍ତି । ହୋଟେଲ କିମ୍ବା ମଠରେ ଖାଇବାକୁ କହିଲେ କିଛି ଜବାବ ନ ଦେଇ ଚୁପ୍ ରହୁଛନ୍ତି । ଉପବାସରେ ତାଙ୍କ ମୁହଁଟା କଳା କାଠ ପଡ଼ି ଗଲାଣି । ଦେହଟା ମଧ୍ୟ ଝଡ଼ି ଗଲୁଣି । ତମେ ଦେଖି ଥରେ ଯାଇ ବୁଝାନ୍ତ ନାହିଁ ? ତମେ କହିଲେ ସେ କଥା ନିଶ୍ଚୟ ରଖିବେ । କହୁ କହୁ କୋହର ଆବେଗରେ ତାର ସ୍ୱର ବନ୍ଦ ହୋଇଗଲା ।

ବସିଥିବା ବାବୁମାନେ ଓଡ଼ିଆ ଭାଷା ବୁଝି ନ ପାରି ବିଷୟଟା ଜାଣିବା ପାଇଁ ବଡ ଜିଜ୍ଞାସୁ ନୟନରେ ଅନାଇଁ ରହିଲେ ଛନ୍ଦାର ମୁଖ ମଣ୍ଡଳକୁ । ଛନ୍ଦା ସେହି ବାବୁମାନଙ୍କୁ ଅପେକ୍ଷା କରିବାକୁ କହି ଗାଡ଼ିର ଷ୍ଟାର୍ଟ ଦେଲା । ନୂଆଁ ଜଇଲି ଷ୍ଟେସନଓ୍ୱାଗନଟା ଦ୍ରୁତ ଗତିରେ ଦାଣ୍ଡର ଧୂଳି ଉଡ଼ାଇ ଉଡ଼ାଇ ଗଡ଼ି ଚାଲିଲା ।

ଗାଡ଼ି ଆସି ଦ୍ୱାର ମୁହଁରେ ପହଞ୍ଚିବା ପୂର୍ବରୁ ଅନୁପବାବୁ ଘରଟାକୁ ସେମିତ ଖୋଲା ରଖି ବୁଲି ଚାଲି ଯାଇଥିଲେ । ଅନୁପ

ବାବୁଙ୍କୁ ନ ପାଇ ବଡ଼ ବ୍ୟଥିତ ହୋଇ ଉଠିଲା ଛନ୍ଦା ।

ରଘୁଆ ବଡ଼ ଅସହାୟ ଭାବରେ ଛଳ ଛଳ ଆଖିରେ ଚାରି-ଆଡ଼େ ଦେଖାକୁ ହେଲା ।

ଛନ୍ଦାର ଆଖି ପତା ମଧ୍ୟ ଓଦା ହୋ'ଇ ଆସିଲା ।

ରଘୁଆ ବଡ଼ ବ୍ୟଥିତ କଣ୍ଠରେ କହିଲା, ମୁଁ ଆଉ ଏ ଘରକୁ ସମ୍ଭାଳି ପାରିବ ନାହିଁ ଦେଇ । ଏଣିକି ଛୁଟି ନେଇ ଚାଲିଯିବି । ବୁଡ଼ି ମା ଅନ୍ନପୂର୍ଣ୍ଣା ଗଲେ, ବଡ଼ବା'ପ୍ତେ ଗଲେ, ଏଇ ଘରର ଖାନ୍‌ଦାନ ସବୁ କୁଆଡ଼େ ଧିରେ ଧିରେ ଉଭେଇଗଲା । ମୁଁ କିନ୍ତୁ ପଡ଼ି ରହିଛୁ । ଆଜି କିନ୍ତୁ ଚାଲିଯିବି ଦେଇ । ଏଣିକି ମୋର ଛୁଟି । ଏସବୁ କହି ସତକୁ ସତ ଚାଲି ଯାଉଥିଲା ରଘୁଆ ।

ପଛରୁ ଅଟକାଇ ଛନ୍ଦା କହିଲା, ସତରେ କ'ଣ ଚାଲି ଯିବୁ ?

ଯିବି ବୋଲି ତ ଭାବୁଛି ଦେଇ; ହେଲେ ପୋଡ଼ା ଗୋଡ଼ କଣ ଚଳୁଛି ?

ରଘୁଆ ଆଖିରୁ ଲୁହ ଗଡ଼ାଇ ଚାଲିଗଲା ବାହାର ପିଣ୍ଡା ଉପରକୁ ।

ସେ ଏ ଘରର ଚାକର । ହେଲେ ସେ ଯେଉଁ ମମତା ଲଗାଇ ଦେଇଛି, ଅନୁପବାବୁ ନିଜ ବାପାଙ୍କ ବଟପ୍ୟାଗକୁ ମଧ୍ୟ ଅନୁଭବ କରି ପାରି ନାହାନ୍ତି । ରଘୁଆ ଉଦ୍ଦେଶ୍ୟରେ ଛନ୍ଦାର ଦୁଇଟି ହାତ ଆପେ ଆପେ ଯୋଡ଼ି ହୋଇଗଲା ।

ରଘୁଆ ବା'ହାର ପିଣ୍ଡାରେ ଅନୁପ ବାବୁଙ୍କର ଆଗମନକୁ ଅପେକ୍ଷା କରି ବସିଲା ।

ଛନ୍ଦା ବଡ଼ କରୁଣ ନୟନରେ ଘରର ସମସ୍ତ ଅନ୍ଦି-କନ୍ଦିରେ ଦୃଷ୍ଟି ବୋଲାଇଲା । ଟିକିଏ ଦୂରରେ ଠାକୁରଙ୍କ ଘର । ଘର ଭିତରେ ଟେକ୍ଟ କାଠର ଆସନ ଉପରେ ଘରର ଇଷ୍ଟଦେବୀ

ଆସୀନ । ଦେବୀର ପାଦ ତଳେ ପ୍ରଣତ ଜଣାଇଲା ଛନ୍ଦା । ନିତ ସେ ତା ବୋଉ ସହ ତା ଘରର ଇଷ୍ଟଦେବୀ ଭୁବନେଶ୍ୱରୀଙ୍କୁ ଠିକ୍ ଏମିତ ପ୍ରଣତ ଜଣାଉଥିଲା । କିନ୍ତୁ······

ଛନ୍ଦା ଆଉ ତା ଅତୀତକୁ ରୂପ ଦେଇ ପାରିଲା ନାହିଁ । ତାକୁ ଖାଲି କାନ୍ଦ ମାଡ଼ିଲା । ଆଖିରୁ ଲୁହ ଗଡ଼ି ଗାଲ ଉପରକୁ ଲମ୍ବି ପଡ଼ିଲା । ମନୁଷ୍ୟ ଜୀବନର ଏପରି ସମୟରେ ଗୋଟିଏ ଦୁର୍ବଳ ମୁହୂର୍ତ୍ତ ଆସେ, ସେତେବେଳେ ତାର ହୃଦୟ ଆଉ କଠୋର ହୋଇ ରହିପାରେନା ।

ଠାକୁର ଘର ଦାରେଜା ବନ୍ଦ କରିଦେଇ ବାଡ଼ି ପିଣ୍ଡା ପଟକୁ ମାଡ଼ି ଚାଲିଲା ଛନ୍ଦା । ସେତକି ବେଳେ ସାହି ବୁଲା କଳା କୁକୁରଟା ବଡ଼ ନିଶ୍ଚିନ୍ତ ମନରେ ରୋଷେଇ ଘର ଭିତରୁ ବାହାରି ଛନ୍ଦାର ପାଖ ଦେଇ ଚାଲିଗଲା ପାଟିରୁ ଲାଳ ଗଡ଼ାଇ ଗଡ଼ାଇ । ଛନ୍ଦା ଚମକି ଉଠିଲା । ରଘୁଆ କହୁଥିଲା ଦୁଇଦିନ ହେଲା କୁଆଡ଼େ ଚୁଲି ଜଳି ନାହିଁ । ଅନୁପ ବାବୁ ଜଳ ସୁଦ୍ଧା ସ୍ପର୍ଶ କରି ନାହାନ୍ତି । ଛନ୍ଦା ଅବିଳମ୍ବେ ରୋଷେଇ ଘର ଭିତରକୁ ପଶିଗଲା । ଚୁଲି ଜାଳିଲା । ରଘୁଆ ବଡ଼ ବିସ୍ମିତ ହୋଇପଡ଼ି କହିଲା, "ଦେଈ ନିଜେ··· । ରଘୁଆର ମୁହଁକଥା ଛଡ଼ାଇ ନେଇ ଛନ୍ଦା କହିଲା, ମୁଁ ବେଶ୍ ରୋଷେଇ କରି ଜାଣେ । ବାପା-ବୋଉ ଥିଲା ବେଳେ ଘରର ସମସ୍ତ ରୋଷେଇ ଭାର ମୁଁ ଏକା ଏକା କରୁଥିଲି ।

ରଘୁଆ ଆଉ କିଛି କହି ପାରିଲା ନାହିଁ ।

ଛନ୍ଦା ମାଠିଆ ନେଇ କୂଅ ମୂଳକୁ ଗଲା । ନିଜେ ପାଣି ଉଠାଇ ପାଣି ମାଠିଆକୁ କାଖ ତଳେ ଯାକି କୂଅଁରୁ ଅଗଣାଟାକୁ ଟଳେଇ ଟଳେଇ ଯେତେବେଳେ ଫେରୁଥିଲା, ସେତିକିବେଳେ ଏକ ଅଜଣା ଆନନ୍ଦରେ ଛନ୍ଦାର ଛାତି ଭିତରଟା ଫୁଲି ଉଠୁଥିଲା ।

ରଘୁଆ ଛନ୍ଦାର ହରଷତାକୁ ଲକ୍ଷ୍ୟ କରିପାରି କହିବାକୁ

ଶାନ୍ତସ୍ତ କଲା ଓଦାଣ୍ଡ ! ସବୁଦିନ ପାଇଁ ଏ ଘରର ହାଣ୍ଡିଶାଳର ଦାୟିତ୍ୱ ଦେଇ ପକାଇ ଦେଇଯାନ୍ତୁ ନାହିଁ ?

ରଘୁଆର ଇଙ୍ଗିତରେ ଛନ୍ଦା ସାମାନ୍ୟ ବିଚଳିତ ହୋଇ ଉଠିଲା, କିନ୍ତୁ କିଛି କହି ପାରିଲା ନାହିଁ ।

ରଘୁଆ ସାମାନ୍ୟ ଶଙ୍କିତ ନେତ୍ରରେ ଚାହିଁ ରହିଲା ।

ଛନ୍ଦା ବଡ଼ ସରମ ଭରା କଣ୍ଠରେ କହିଲା, ତୁମ ବାବୁଙ୍କୁ ମୋ ହାତ ରନ୍ଧା କ'ଣ ଭଲ ଲାଗିବ ?

ଛନ୍ଦାର ପ୍ରଶ୍ନରେ ବଡ଼ ଆତ୍ମ ପ୍ରସାଦ ଲାଭ କରି ଉଠି ଚାଲିଗଲା ରଘୁଆ, ଠାକୁରଙ୍କ ଘର ଭିତରକୁ ।

× × ×

ବୁଲି ବୁଲି ଅଧ ରାତରେ ଆସି ପହଞ୍ଚିଲେ ଅନୁପବାବୁ । ବୁଢ଼ିଆ ବଡ଼ ବିରକ୍ତିର ସହ ଶାସନ କଣ୍ଠରେ କହିଲା, ଅଧରାତି ପର୍ଯ୍ୟନ୍ତ କଣ କରୁଥିଲେ ବାବୁ ? ଭାତ ଗୁଡ଼ାକ ଶୁଖି ଶୁଖି ଚଣା ଗୁଡ଼ିଲା ହୋଇଗଲାଣି । ଚାଲନ୍ତୁ ଖାଇବେ ।

ଅନୁପ ବାବୁ ମସ୍ତବଡ଼ ଅପରାଧୀଙ୍କ ପରି ମୁଣ୍ଡ ନୁଆଁଇ ସୁନା ପୁଅଟି ପରି ଖାଇବାକୁ ବସିଲେ । ବଡ଼ କଷ୍ଟରେ ଭାତ ଗଣ୍ଡାକ ବାଢ଼ି ଦେଇ ସାମନାରେ ବସିଲା ରଘୁଆ । ଧୀର ଓ ନମ୍ର କଣ୍ଠରେ ପଚାରିଲା-ଆଜିର ରୋଷେଇ କେମିତି ହୋଇଛି ବାବୁ ?

ଖାଉ ଖାଉ ଉତ୍ତର ଦେଲେ ଅନୁପବାବୁ, ଭାରି ଭଲ ହୋଇଛିରେ । ଆଜି କେଜାଣି କାହିଁକି କୌଣସି ସ୍ତ୍ରୀ ହାତର ରନ୍ଧା ପରି ବୋଧ ହେଉଛି ।

ଅନୁପ ବାବୁଙ୍କ ମନ୍ତବ୍ୟରେ ସେ ବଡ଼ ଆତ୍ମ ତୃପ୍ତି ଲାଭ କଲା । ବଡ଼ ହସ ଖୁସିରେ ବିତିଗଲା ଦିନ କେଇଟା ।

ଭାନୁର କୋଳରେ କୋଡ଼ିଏ ଦିନର ଶିଶୁ ।

ରାତି ପାହିଲେ ପୁଅର ଏକୋଇଶିଆ ହେବ । ନାଁ ଦିଆଯିବ । ସୁକାନ୍ତ ବଡ଼ ଆନନ୍ଦର ସହ ଭାବି ହେଉଥିଲା—ପୁଅକୁ କି ନାଁ ଦେବ । କ'ଣ ବୋଲି ଡାକିବ । ଭାନୁର ମନରେ ମଧ୍ୟ ସେହି ଭାବନା ! ରାତି ପାହିଲେ ପୁଅର ଏକୋଇଶିଆ ହେବ । ନାଁ ଦିଆଯିବ ! ବେଦ ମନ୍ତ୍ର ପାଠ ହେବ ! ଶଙ୍ଖ ବାଜିବ । ଭୋଜି—ଭାତ ହେବ । ସାଙ୍ଗ—ସାଥୀ ଆସିବେ, ସମସ୍ତେ ପୁଅକୁ ଗେଲ କରିଯିବେ ।

ଆନନ୍ଦ ଓ ଗର୍ବରେ ଭାନୁର ଛାତିଟା ଫୁଲି ଉଠିଲା ବେଳକୁ ବୈଧବ୍ୟ ଅବସ୍ଥା ଦେଖି ଆପେ ଆପେ ଦବି ଯାଉଥିଲା ।

ସଞ୍ଜ ମରି ମରି ଯାଉଥିଲା ଦୂର ଦିଗ୍‌ବଳୟର ଅନ୍ତରାଳେ । ବାଡ଼ ପିଣ୍ଡାରେ ସଅପ ପାରି ଗଡ଼ୁଥିଲା ସୁକାନ୍ତ । ଭାନୁ ଏକୋଇଶିଆ ପାଇଁ ସଉଦା—ପତ୍ରର ଏକ ଲମ୍ବା ତାଲିକା କରି ଉଠାଇଲା ସୁକାନ୍ତକୁ । ସୁକାନ୍ତ ପୁଅର ନାଁ ନିର୍ବାଚନର ଗଭୀର ଚିନ୍ତାରେ ମଗ୍ନ ରହି ଖୋଡ଼ା ସାପ ପରି ସପ ଉପରେ ଗଡ଼—ପଡ଼ ହେଉଥିଲା । ଭାନୁ ସାମାନ୍ୟ ବିରସ ଭରା କଣ୍ଠରେ କହିଲା, "ଏମିତି ଶୋଇ ରହିଲ ଯେ, ଆଜି ସିନା ସବୁ ସଉଦାପତ୍ର ଆସିଲେ ସୁବିଧା ହେବ । କାଲି ସବୁ ଆଣି ଏ ଯୋଗାଡ଼ କଲା ବେଳକୁ କଣ ସମୟ ପାଇବ ? ବେଳ ବୁଡ଼ି ଆସି ରାତି ହେଲଣି , ଆମପାଇଁ କ'ଣ ରାତି ଅଧ ଯାଏ ଦୋକାନ ଖୋଲା ରହିବ ? ରାତି ପାହିଲେ ଏତେ ବଡ଼ ଶୁଭ କାର୍ଯ୍ୟଟାଏ ହେବ, ଏ ପର୍ଯ୍ୟନ୍ତ ଗୁଡ଼ିଏ ଜାଳି ଧୂପ-ଦୀପ କିଛି ଆସିବାକୁ ନାହିଁ । ଚଞ୍ଚଳ ଯାଅନା । ହାତ ଧରି ଉଠାଇ ବସାଇ

ଦେଲା ଭାନୁ । ସୁକାନ୍ତ ସୁନା ପୁଅଟି ପରି ନିଜର ପୋଷାକ ଦେହରେ ଗଳାଇ ଦେଇ ବଜାର ମୁହାଁ ହେଲା ।

ତାଲିକା ଅନୁଯାୟୀ ସମସ୍ତ ଜିନିଷ ଖର୍ଦ୍ଦ କରି ଠିକଏ ଭାବି ହେଲା— ଭୁଲରେ ଆଉ କିଛି ତାଲିକାରୁ ବାକୀ ରହି ନାହିଁ ତ ? ସତେତ—ଗୋଟାଏ ମସ୍ତ ବଡ଼ ଜିନିଷ ଲେଖି ବାକୁ ଭୁଲି ଯାଇଛି ଭାନୁ । ପୁଅ ପାଇଁ ତାର ରବର କଟେଇ ଦିଟା, ସେ କାଳି ଗୋଟିଏ ନେବ ନାହିଁ ? ପୁଅ ସେଥିରେ ଖେଳିବ କେମିତି ?

ଝଣ୍ଟିଏ ସେ କାଳି ଦି'ଗଣ୍ଡା ରବରର ହାତୀ ଘୋଡ଼ା ଗାଡ଼ି ମଟର ଖର୍ଦ୍ଦି କଲା । ବଡ଼ ହରଷ ଆଉ ସରସ ମନରେ ଫେରିଲା ସୁକାନ୍ତ ।

ମହା ସମାରୋହରେ ପୁଅର ଏକୋଇଶା ହେଲା । ନାଁ ଦିଆଗଲା । ଭାରି ସୁନ୍ଦର ନାଁଟି । ଜୀବନ ! ଏହି ପୁଅ ହେବାରୁ ଭାନୁ ସତରେ ପୁନର୍ଜୀବନ ଲାଭକଲା ।

ନିମନ୍ତ୍ରିତ ସାଙ୍ଗ—ସାଥିଏ ଖିଆ-ପିଆ ଶେଷ କରି ଯେଝା ଘରକୁ ଫେରି ଗଲେ ବଡ଼ ହରଷ ମନରେ—ପୁଅଟିକୁ ଆଶୀର୍ବାଦ ଜଣାଇ ।

ମାତୃତ୍ୱର ଆତ୍ମଗର୍ବରେ ଫୁଲି ଉଠୁଥିଲା ଭାନୁର ମନ ।

ଏତେ ବଡ଼ ଆନନ୍ଦଟାରେ ମୋତେ ଉପବାସରେ ରଖି ଦେବୁ ? ଗଣ୍ଡିଏ ଖାଇବାକୁ ଦେ ବାପ ।

ଅତି ପରିଚିତ କଣ୍ଠସ୍ୱର ପରି ସୁକାନ୍ତ ହୃଦୟଙ୍ଗମ କଲା । ଲଣ୍ଠନ ନେଇ ବାହାର ଦରଜା ଖୋଲି ଦେଖେ ତ ଜଣେ କୁଷ୍ଠ ରୋଗୀ ଅତ୍ୟନ୍ତ ବିକଳ ଓ ଭୋକିଲା ହୋଇ ପଡ଼ି ରହିଛି । ତା ଖଣ୍ଡା ପରି ଲମ୍ବା ନାକରୁ ପାଲେ ଛୁଟି ପଡ଼ୁଛି । ହାତର ଅଙ୍ଗୁଳି ଗୁଡ଼ାକ ମୋଡ଼ି ହୋଇ ଯାଇଛି । ପାଦର ସମସ୍ତ ଅଙ୍ଗୁଳି ପ୍ରାୟ ଛିଣ୍ଡି ଗଲାଣି ।

ମୋତେ ଖାଇବାକୁ ଭାତ ଗଣ୍ଡେ ଦେବୁ ନାହିଁ ବାପ ସୁକା !

ଏତି ଅପଣାର ଲୋକପଣ ଜଣାଉଛ, କିନ୍ତୁ ଚିହ୍ନି ପାରିଲି ନାହିଁ ସୁକାନ୍ତ । ବାଢ଼ିବା ପାଇଁ ଭାନୁକୁ ନିର୍ଦ୍ଦେଶ ଦେଇ ରୋଗୀଟିର ପରିଚୟ ଲୋଡ଼ିଲା ।

ମୋ ପରିଚୟ ଆଉ ଲୋଡ଼ ବସନା ସୁକାନ୍ତ । ମୁଁ ଯେଉଁ ପାପ ସବୁ ଜୀବନରେ କରିଛି ତାର ପରିଣାମ ବର୍ତ୍ତମାନ ଭୋଗୁଛି । ଗତ କଥା କହି ଆଜକିଛି ଲାଭ ନାହିଁ । ମତେ କେବେ ଯେ ମରଣ ହେବ ସେହି ଦିନକୁ କେବଳ ଅପେକ୍ଷା କରିଛି । କହୁ କହୁ କାନ୍ଦି ପକାଇଲା ରୋଗୀଟି ।

ଗଣ୍ଡିଏ କଦଳୀ ପତ୍ରରେ ଗଣ୍ଡେ ଭାତ, ଡାଲି, ତରକାରୀ ଆଣି ଥୋଇ ଦେଲା ଭାନୁ ।

ହାତରେ ଖାଇବାର ଶକ୍ତି ମଧ୍ୟ ନ ଥିଲା ରୋଗୀଟିର । ମୁହଁ ମାଡ଼ି ହୋଇ ଖାଇବାକୁ ଚେଷ୍ଟା କଲା ।

ସୁକାନ୍ତକୁ ଭାରି ବାଧିଲା । ନିଜେ ବସି ଖୁଆଇ ଦେବା ପାଇଁ ତାର ଆଗ୍ରହ ହେଲା । ରୋଗୀଟି କିନ୍ତୁ ବାରଣ କରି କହିଲା, ମୋତେ ଛୁଅଁନା ବାପ । ମୋତେ ଛୁଇଁ ତୋ ପବିତ୍ର ଅଙ୍ଗକୁ କଳୁଷିତ କର ନାହିଁ ।

ଛୁଆଟିକୁ ଦେଖିବା ପାଇଁ ରୋଗୀଟି ଇଚ୍ଛାକଲା । କିନ୍ତୁ ଛୋଟ ଛୁଆଟିକୁ ରାତିରେ ବାହାରକୁ ଆଣିବା ପାଇଁ ଭାନୁ ଅମଙ୍ଗ ହେଲା ।

ବୁଢ଼ାଟି ଭାନୁର ମନକଥା ବୁଝି ପାରି କହିଲା, ଏତେ ଭୟ କାହିଁକି ମା ? ମୁଁ କଣ ତୋର ପର ? ମୁଁ ପରା ତୋ ବ୍ରଜ ମଉସା ।

ବ୍ରଜ ମଉସା !

ଦୁହେଁ ଆବା କାବା ହୋଇ ଅନାଇଁ ରହିଲେ । ଆଖିରୁ ସେମାନଙ୍କର ଗଡ଼ି ପଡ଼ିଲା ତପ୍ତ ଅଶ୍ରୁଧାର ।

ବେଳେ ବେଳେ ଏକାନ୍ତରେ ବସି ଅନୁପବାବୁ ଭାବନ୍ତି—ଏ ଘର ପ୍ରତି ରଘୁଆର ଏତେ ମମତା କାହିଁକି ? ରଘୁଆ ଏ ଘରର କିଏ ? ରଘୁଆର ମମତା ପ୍ରତି ଅନୁପବାବୁ ବଡ଼ କୃତଜ୍ଞ ହୋଇ ଉଠନ୍ତି । ଏଇ ଟିକିକ ମମତା ଯଦି ଅନୁପବାବୁଙ୍କର ଥାଆନ୍ତା—ତାହାହେଲେ ତାଙ୍କ ହସ ଖୁସିର ସଂସାର କଣ ଏପରି ଅକାଳରେ ଭୁଷୁଡ଼ି ପଡ଼ନ୍ତା ?

ନିଜର ଦୋଷକୁ ନିଜେ ଧରି ପାରି ବଡ଼ ବ୍ୟଥିତ ଓ କାତର ହୋଇ ଉଠନ୍ତି ଅନୁପବାବୁ । ଥରେ ଥରେ ପାଗଳ ବି ହୋଇଯାଆନ୍ତି । ଛନ୍ଦାର ରକ୍ତ—ମାଂସକୁ ଛିନ୍ନ-ଭିନ୍ନ କରି ଶାଗୁଣା-ବିଲୁଆ ମୁହଁରେ ଅଜାଡ଼ି ଦେବାକୁ ଅଠେଳ ପଣ କରି ବସନ୍ତି । କିନ୍ତୁ..........

ରଘୁଆ ଆଶା ବାନ୍ଧି ବସିଛି—ଏ ଘରେ ସେ ଛନ୍ଦାର ଘର-କରଣା ଦେଖିବ ବୋଲି । ରଘୁଆ ପରି ବୁଢ଼ା ଗୃକର ମଧ୍ୟ ଆଜି ଛନ୍ଦାକୁ ଭଲ ପାଇ ବସିଲା, କାହିଁକି ? ଏଇ ରଘୁଆ ଦିନେ ଅତି କାକୁତି-ମିନତିର ସହ ଅନୁପବାବୁଙ୍କ ପାଦତଳେ ପଡ଼ି ନେହୁରା ହେଉଥିଲା, ବାବୁ ! ସେ ନର୍ତ୍ତକୀର ଘରକୁ ଯାଅ ନାହିଁ । ପଢ଼ିଲି—ଶୁଣିଲି ଲୋକ ହୋଇ ଏ ଘରର ଆଭିଜାତ୍ୟକୁ କାଙ୍ଗାଳ କର ନାହିଁ । ଏପରି କହୁଥିଲା ବେଳେ ରଘୁଆର ଆଖିରୁ ପଡ଼ୁଥିଲା ଟୁକୁ ଫଟା ଲୁହ । ଆଜି ସେହି ରଘୁଆର ଏ ପରିବର୍ତ୍ତନ ହେଲା କିପରି ? ତା ମୁହଁରେ ଛନ୍ଦାର ଏତେ ଘନ ଘନ ପ୍ରଶଂସା କାହିଁକି ? ଛନ୍ଦା ତାର କିଏ ? ଛନ୍ଦା ଜଣେ ନର୍ତ୍ତକୀ । ନର୍ତ୍ତକୀ ଗୋଟାକୁ ବର ଆଣି ଏ ଘରର କୁଳଲକ୍ଷ୍ମୀ

କଲେ କଣ ଚୌଧୁରୀ ବଂଶର ଅଭିଜାତ୍ୟ ଉପରେ ଆଞ୍ଚ ଲାଗିବ ନାହିଁ ?

ରଘୁଆ ପ୍ରତି ଅନୁପବାବୁଙ୍କର ସନ୍ଦେହ ହୁଏ । ସେ ଏ ଘରର ଚାକର । ଘରର ଭଲ-ମନ୍ଦରେ ତାର ଯାଏ-ଆସେ କଣ ? ତାର ଦରମା ଗଣ୍ଡାକ ଭଲ ତ ସେ ଭଲ । ହେଲେ........ପିଲାଟି ଦିନୁ ଅନୁପବାବୁ ଏହି ରଘୁଆ କୋଳରେ ଖେଳି ଖାଇ ମଣିଷ ହୋଇଛନ୍ତି । ଦିନେ ହେଲେ ସେ ତାକୁ ଏ ଘରର ଚାକର ବୋଲି ଭାବି ନାହାଁନ୍ତି । ନିଜ ବାପାଙ୍କ ବିୟୋଗ ମଧ୍ୟ ଏଇ ରଘୁଆର ମମତା ପାଇ ଭୁଲି ଯାଇଛନ୍ତି । ସେହି ଲୋକ କଣ ବର୍ତ୍ତମାନ ନିମକ୍ ହାରମ୍ ହୋଇ ପାରେ ?

ଭାବନାର ଢେଉ ଗୁଡ଼ାକ ସମୁଦ୍ରର ଲହରି ପରି କୂଳକୁ ପିଟି ହୋଇ ପୁଣି ଫେରି ଯାଉଥିଲା ପଛକୁ ।

ସତରେ ରତ୍ନା ମଧ୍ୟ ଶେଷରେ ମତେ ପ୍ରତ୍ୟାଖ୍ୟାନ କରି ଏଭଳି କଥା ଲେଖିବାକୁ ସାହସ କରି ପାରିଲା ?

ବଡ଼ ବିସ୍ମିତ ହୋଇ ଉଠିଲେ ଅନୁପବାବୁ, କିନ୍ତୁ......

ଖୁବ୍ ବଡ଼ ଘରର ଝିଅ ରତ୍ନା । ଭଲପାଉ ଥିଲା ସୁକାନ୍ତକୁ । ସୁକାନ୍ତ ସମ୍ପତ୍ତିବାନ୍ ନ ହେଲେ ମଧ୍ୟ ଶିକ୍ଷିତ । ଅନ୍ତତଃ, ସବ୍ ଡେପୁଟି ଚାକିରିଟିଏ ମିଳିଯିବ । ତା ପରେ ଉପରକୁ ଉଠି ଉଠି କୌଣସି ବିଭାଗର ସେକ୍ରେଟାରୀ ମଧ୍ୟ ହୋଇ ଯାଇପାରେ । ଏହି ଆଶା ନେଇ ରତ୍ନା ଭଲ ପାଇ ବସିଲା ସୁକାନ୍ତକୁ । କିନ୍ତୁ ତା'ର ସମସ୍ତ ଆଶା ପାଣି ଫୋଟକା ପରି ଫାଟି ଗଲା । ସୁକାନ୍ତ ହେଲା କିରାଣୀ । ରତ୍ନାକୁ ଆଉ ଭଲ ଲାଗିଲା ନାହିଁ ସୁକାନ୍ତର ରୂପ ଏବଂ ଯୌବନ । କିରାଣୀ ଚାକିରିରେ ସୁକାନ୍ତର ସମସ୍ତ ରୂପଶ୍ରୀ ସତେ ଯେପରି ମଳିନ ହେଲା ପରି ବୋଧ ହେଲା ତାକୁ । ତା ବାପାଙ୍କୁ ଲଜ୍ଜା ମୁଣ୍ଡରେ ଠେଙ୍ଗା ପ୍ରହାର ପରି ହଠାତ୍ ଏକ ମିଥ୍ୟା ଅଭିଯୋଗରେ

ସୁକାନ୍ତ ଗଲା ଜେଲ୍ । ଏତେ ବଡ଼ ଅପମାନକୁ ବରଦାସ୍ତ କରି ପାରିଲା ନାହିଁ ରତ୍ନା ।

ଆଧୁନିକ ସଭ୍ୟତାର ବିଶ୍ଳେଷଣ କରି କରି ମସ୍ତବଡ଼ ପାଗଲଙ୍କ ପରି ହସି ଉଠିଲେ ଅନୁପବାବୁ । ବାସ୍ତବିକ ଆଧୁନିକ ସଭ୍ୟତା ନାମରେ ଏ ଯେଉଁ ବ୍ୟଭିଚାର ଚାଲିଛି ତାହା କଣ କୌଣସି ବେଶ୍ୟା ବୃତ୍ତି ଠାରୁ ନିକୃଷ୍ଟ ? ନା, ସେ ବେଶ୍ୟାଠାରୁ ବଳି ମହା ବେଶ୍ୟା । ମହା ବେଶ୍ୟା ଯେତେବେଳେ ଏ ଅଭିଜାତ୍ୟ ବଂଶର କୁଳବଧୂ ହେବାକୁ ଆଗ୍ରହ ପ୍ରକାଶ କରିଥିଲା, ତେବେ ସାଧାରଣ ବେଶ୍ୟାକୁ ବା କୁଳଲକ୍ଷ୍ମୀ କରି ଆଣିନେଲେ ଏ ଆଭିଜାତ୍ୟର କ୍ଷୁଣ୍ଣ ହେବ କେଉଁଠି ?

ମସ୍ତବଡ଼ ପାଗଲଙ୍କ ପରି ହସି ଉଠିଲେ ଅନୁପବାବୁ । ସେ ହସର ପ୍ରତ୍ୟେକ ଲହରୀ ଘରର ସମସ୍ତ କନ୍ଦି-ବିକନ୍ଦିରେ ପ୍ରତିଧ୍ୱନିତ ହେବାକୁ ଲାଗିଲା ।

ବାହାର ପିଣ୍ଡାରେ ବସି ଢୁମାଉ ଥିଲା ରଘୁଆ । ଅନୁପବାବୁଙ୍କ ଅଟ୍ଟହାସ୍ୟରେ ତାର ଘୁମ ଭାଙ୍ଗିଗଲା । ଉଠି ଆସି ଦେଖେତ— ଅନୁପବାବୁ ସେମିତି ପୂର୍ବ ପରି ହସି ହସି ଗଡ଼ି ଯାଉଛନ୍ତି ।

ରଘୁଆ ଅନୁପବାବୁଙ୍କୁ ଜୋର୍‌ରେ ହଲାଇ ଦେଇ ଡାକିଲା, ବାବୁ !

ଅନୁପବାବୁ ସାମାନ୍ୟ ପ୍ରକୃତିସ୍ଥ ହୋଇ ବଡ଼ ହରଷ ଓ ସରସ କଣ୍ଠରେ କହିଲେ, ତୋ କଥା ନିଶ୍ଚୟ ରଖିବି ରେ ରଘୁଆ ! ତୁ ଆଉ ଦୁଃଖ କରନା । ଯା, ଛନ୍ଦାକୁ ଏ ଶୁଭ ସମ୍ବାଦ ଦେଇ ଆସିବୁ ।

ବୁଢିଆ ବଡ଼ ନିରାଶ କଣ୍ଠରେ କହିଲା-ଛନା, ଆଉ ଏଠି ନାହାନ୍ତି ବାବୁ ।

ନାହାନ୍ତି ? ଗଲେ କୁଆଡ଼େ ?

ଶିଳ୍ପାଞ୍ଚଳ ।

ଶିଳ୍ପାଞ୍ଚଳ ? କାହିଁକି ?

ସେଠାରେ କଣ ଗୋଟାଏ କାରଖାନା ବସାଉଛନ୍ତି ।

କାରଖାନା ! ବଡ଼ ବିସ୍ମିତ, ବ୍ୟଥିତ ଓ ହତାଶ ହୋଇ ପଡ଼ିଲେ ଅନୁପବାବୁ । ବର୍ତ୍ତମାନ ଛନ୍ଦା ନର୍ତ୍ତକୀ ନୁହେଁ ରେଟେଢ଼ ! ସେ ଜଣେ କାରଖାନାର ମାଲିକ । ସେ କଣ ଆଉ ଏ ଜମିଦାରକୁ ଭଲ ପାଇବ ? ବିଶେଷତଃ ବର୍ତ୍ତମାନ ଯୁଗରେ, ନା ଖାଲି ଜମିଦାର, ଆଉ ସେ ଅତୀତ ଆଡ଼ମ୍ବର ନାହିଁ । ସମସ୍ତ ଆଡ଼ମ୍ବର ଉଚ୍ଛେଦ ହୋଇ ଯାଇଛି । ଏପରିକି ଶେଷରେ ଜମିଦାରମାନେ ପାଉଥିବା ଭତ୍ତା ମଧ୍ୟ କଟି ଯାଇଛି । ଜମିଦାରର ନିଜଚାଷ ଜମି ଉପରେ ଖଜଣା ମଧ୍ୟ ବସିଛି । ଆଉ କୌଣସି ବଡ଼ ଲୋକର ଆଡ଼ମ୍ବର ଅଛି ବୋଲି ଛନ୍ଦା ଆଉ ମୋତେ ବିବାହ କରିବ ?

ଆହତ ପକ୍ଷୀଟି ପରି ପ୍ରାଣ ବିକଳରେ ଅନୁପବାବୁଙ୍କର ଆତ୍ମା ଛଟ-ପଟ ହୋଇ ଉଠିଲା ।

ଦିନେ ଅପରାହ୍ନରେ ହଠାତ୍ କୁଲି ବସ୍ତିର ସମସ୍ତ ଓଡ଼ିଆ-ଶ୍ରମିକମାନେ କାମ ଛାଡ଼ି ଚାଲିଗଲେ ନୂତନ ଶିଳ୍ପାଞ୍ଚଳକୁ । ସୁକାନ୍ତକୁ ମଧ୍ୟ ଚାଲି ଯିବା ପାଇଁ ଅନେକ ପ୍ରକାର ବୁଝାଇ କହିଲେ ଶ୍ରମିକ ଭାଇମାନେ, ସୁକାନ୍ତ କିନ୍ତୁ କାହାରି କଥାକୁ ମାନିଲା ନାହିଁ । ଏପରିକି ଭାନୁର ଅନୁରୋଧକୁ ମଧ୍ୟ ସେ ଅତି ନିର୍ମମ ଭାବେ

ଏଡ଼ି ଦେଲା । ତଥାପି ଭାନୁ ପ୍ରବଳ ଜିଦ୍ ଧରି କହେ, ଏମିତି ଆଉ କେତେ ଦିନ କୁଲି ମଜୁରିଆଙ୍କ ପରି ପଡ଼ି ରହିବ ଶୁଣେ ?

ତା ବୋଲି ମୁଁ ନିମକ୍ ହାରମ୍ ହୋଇ ପାରିବି ନାହିଁ । ମୋର ଦୁର୍ଦ୍ଦିନରେ ଭେଙ୍କଟେ ସ୍ୱାଇଁ ମତେ ବିଶେଷ ସାହାଯ୍ୟ କରିଛନ୍ତି । ତାଙ୍କୁ ଏପରି ଭାବରେ ଧକ୍କା ଦେଇ ଚାଲି ଯିବାକୁ ମୁଁ ଉଚିତ ମନେ କରେନା । ବରଂ ଏହି ବିଦେଶ ମାଟିରେ ଏମିତି କୁଲି ମଜୁରିଆଙ୍କ ପରି ଦିନ କାଟିବି । ତାହାହିଁ ମୋର ଯଥେଷ୍ଟ ।

ଆଉ ବିଶେଷ କିଛି ପ୍ରତିବାଦ ଜଣାଇ ପାରେନା ଭାନୁ । ଖାଲି ତାକୁ କାନ୍ଦ ମାଡ଼େ । କାନ୍ଦି ପକାଏ ।

କୁଲିଙ୍କ ଅଭାବରୁ ଦିନୁଦିନ ହେଲା କାରଖାନା କାମ ଏକ ପ୍ରକାର ବନ୍ଦ ହୋଇ ଚାଲିଣି । ବଡ଼ ବ୍ୟଥିତ ହୋଇ ଥରେ ଥରେ ଭେଙ୍କଟେସ୍ୱାଇଁ ବାବୁ ଭଙ୍ଗା ଭଙ୍ଗା ଓଡ଼ିଆରେ କହନ୍ତି, ଦେଖିଲ ସୁକାନ୍ତ, ତୁମ ଓଡ଼ିଆ ଲୋକ୍ କେମିତି ଧାକ୍କା ଦେଇ ଚାଲିଗଲା । ଓଡ଼ିଆ ଲୋକ୍ କୁ ବିଶ୍ୱାସ୍ ନାଇ ସୁକାନ୍ତ ।

ଭେଙ୍କଟେ ସ୍ୱାଇଁଙ୍କ କଥାରେ ବଡ଼ ଲଜ୍ଜିତ ଓ ମର୍ମାହତ ହୋଇ ଉଠେ ସୁକାନ୍ତ । ଥରେ ଥରେ ଭାବେ ଦୁଇ ଚାରିଟା ଓଡ଼ିଆଙ୍କ ପାଇଁ ସାରା ଓଡ଼ିଆ ଜାତିକୁ ଏପରି ନିନ୍ଦା କରିବା କଣ ଭେଙ୍କଟେ ସ୍ୱାଇଁଙ୍କର ଉଚିତ ହୋଇଛି ? ହେଲେ ସେ ଆଜି ସୁଯୋଗ ପାଇଲେ ବୋଲି ସିନା ଏଡ଼େ ବଡ଼ କଥା କହିବାକୁ ସାହସ କଲେ । ତା' ନ ହେଲେ ନୀରବରେ ସୁକାନ୍ତ କଣ ତା ଜାତିର ନିନ୍ଦା ସହି ପାରନ୍ତା ?

ସ୍ୱାଇଁ ବାବୁଙ୍କର ବାକ୍ୟ ଗୁଡ଼ାକ ସୁକାନ୍ତକୁ ଭାରି ବାଧେ । ମୁହଁ ଖୋଲି କିନ୍ତୁ କିଛି କହି ପାରେନା । ମସ୍ତ ବଡ଼ ଅପରାଧୀଙ୍କ

ପରେ ମୁଣ୍ଡଟାକୁ ନତ କରିଦିଏ । ଥରେ ଥରେ ଏକାନ୍ତରେ ଭାସି ଆସେ ସତରେ ଛନ୍ଦା କ'ଣ ଜାଣି ଶୁଣି ଅର୍ଥାତ୍ ସୁକାନ୍ତର ନିଷ୍ଠୁରତାର ପ୍ରତିଶୋଧ ପାଇଁ ଏପରି ଗୋଟାଏ କାଣ୍ଡ କରି ବସିଲା ? ଯଦି ଏହି କଥା ସତ ହୁଏ ସେ ନିଜେ ଆସି ସୁକାନ୍ତର ସମ୍ମୁଖରେ ଅପମାନ ଦେଇ ତା ପ୍ରତିଶୋଧ ମେଣ୍ଟାଇ ନେଇଥିଲେ ସୁକାନ୍ତ କଣ ଆପତ୍ତି କରି ଥାଆନ୍ତା ? ବରଂ ସେ ହସି ହସି ତାହା ସହି ପାରିଥାନ୍ତା । ତା ନ କରି ସମସ୍ତ କୁଲିଙ୍କୁ ଭେଳିକି ଲଗାଇ ଗୋଟାଏ ଜାଲର ବଦ୍‌ନାମ କରିବା କଣ ତା'ର ଉଚିତ ହୋଇଛି ?

ଶୁଣିବାକୁ କହୁଥିଲେ—ଛନ୍ଦା କୁଆଡ଼େ ଖୁବ୍ ମସ୍ତବଡ଼ କାରଖାନା ଖୋଲି ପାରିଛି । ସତରେ ଛନ୍ଦା ଏତେ ବଡ଼ ଗୋଟାଏ କାରଖାନା ଖୋଲି ପାରିଲା ? ପୁଣି ଶୁଣା ଯାଉଛି କଣ କି ଉକ୍ତ କାରଖାନାର ଆଇନ କାନୁନ ଅତ୍ୟନ୍ତ ଆଦର୍ଶମୟ । ସେଇଠି କୁଆଡ଼େ ଶ୍ରମିକ ଆଉ ମାଲିକ ସମାନ । ସମସ୍ତେ ଲାଭର ସମ ଅଂଶ ପାଇବେ । ସତରେ ଏହା କ'ଣ ସମ୍ଭବ ହୋଇପାରେ ? ସମସ୍ତ ଶୁଣା କଥାରେ ଭାବି ଭାବି ବିଶ୍ଳେଷଣ କରି ପାଗଳ ହୋଇ ଉଠେ ସୁକାନ୍ତ ।

ରାତି ପାହେ । ଦିନ ଯାଏ । ପୁଣି ରାତି ହୁଏ । କିନ୍ତୁ ଆଗ ପରି ଆଉ ଆକାଶରେ ବୋଇଲରର କଳା ଧୂଆଁ ଦେଖିବାକୁ ମିଳିଲା ନାହିଁ । କଲର ସିଟି ଶୁଭିଲା ନାହିଁ । ସ୍ଥାନୀୟ ଶ୍ରମିକମାନେ ମଧ୍ୟ କୁଆଡ଼େ କାମ ଛାଡ଼ି ଦେଇ ମାଲିକଙ୍କୁ ନୋଟିସ୍ ଦେଇଛନ୍ତି । ନୋଟିସ୍‌ରେ କୁଆଡ଼େ ଲେଖା ରହିଛି—ଓଡ଼ିଶା ଭିତର କାରଖାନାର ଆଦର୍ଶରେ ଯଦି ଆପଣ ଅନୁପ୍ରାଣିତ ନ ହୁଅନ୍ତି—ତାହା ହେଲେ ଚିରଦିନ ପାଇଁ ଆପଣଙ୍କ କାରଖାନା ବନ୍ଦ ରହିବ । ବାସ୍ତବିକ ବଡ଼ ଅସଙ୍ଗତ କଥା । ସେ କିନ୍ତୁ ପ୍ରତିଦିନ ଯାଏ କାରଖାନା ହତା ଭିତରକୁ ।

ବଡ଼ କଷ୍ଟରେ ଅଶ୍ରୁକୁ ରୋକି ରଖିଲେ ଗୁରୁଦାସଙ୍କୁ ଥରେ ଅନାଏ । ମଝିରେ ମଝିରେ ମାଲିକଙ୍କୁ ମଧ୍ୟ ଦେଖାଦିଏ । ଦିନେ ସ୍ୱର୍ଣ୍ଣବାବୁ ବଡ଼ ମମତାଭରା କଣ୍ଠରେ କହିଲେ ତୁମେ ଆଉ କାହିଁକି ରହିଲ ସୁକାନ୍ତ ?

ସୁକାନ୍ତ ବଡ଼ ବିନୟ କଣ୍ଠରେ ଉତ୍ତର ଦିଏ, ଆପଣ ସେପରି ଆଉ କହିବା ଯାଏ ଏଇଠି ମୁଁ ରହିବି । ମୋ ରକ୍ତ-ମାଂସରେ ଆପଣଙ୍କର ଦାନା-ପାଣି । ମୁଁ ଏତେ ନିମକ୍ ହାରାମ୍ ହୋଇ ପାରିବି ନାହିଁ ।

ସୁକାନ୍ତର ବ୍ୟବହାରରେ ବଡ଼ ବିସ୍ମିତ ହୋଇ ଉଠିଲେ ସ୍ୱର୍ଣ୍ଣବାବୁ ।

ସୁକାନ୍ତ କହିଲା, 'କଲ କଣ ଆଉ ଚାଲୁ ହେବ ନାହିଁ ଆଜ୍ଞା ?

କେମିତି ଚାଲୁ ହେବ ହେ । ଲୋକ୍ କାହିଁ ? କ'ଣ ମୁଁ ଏକା ଲୋକ୍ ଚାଲୁ କରିବି ? ଶୁଣିଲ ଏ ଗୁଣ୍ଡା ଲୋକ୍ ସବୁ କି କହିଲେ ? କହୁଛି ଜାଣି ନା, ଶ୍ରମିକ ଆଉ ମାଲିକ ଏକ । କେମିତି ହେଉଛି ହେ ? ଆମେ ଟଙ୍କା ଖଟାଇବୁ, ସେ ନେଇବେ ?

ଆପଣ ଏମିତି ହତାଶ ହୁଅନ୍ତୁ ନାହିଁ । ମୁଁ ନିଜେ ଯାଇ ଗାଁ ଗାଁ ବୁଲି ଲୋକ ଯୋଗାଡ଼ କରି ଦେବି । ବଡ଼ ସାହସର ସହ କହିଲା ସୁକାନ୍ତ । ସୁକାନ୍ତର ଏ ଅଯଥା ସାହସରେ ସ୍ୱର୍ଣ୍ଣ ବାବୁ ନ ହସି ରହି ପାରିଲେ ନାହିଁ । ହସି ଉଠିଲେ ଖୁବ୍ ବଡ଼ ପାଟିରେ । ସ୍ୱର୍ଣ୍ଣ ବାବୁଙ୍କ ହସରେ ବଡ଼ ବିଚଳିତ ହୋଇ ପଡ଼ି ବଡ଼ ଦମ୍ଭର ସହ କହିଲା ସୁକାନ୍ତ, ବିଲିଭ୍ ମି ସାର୍ ।

ହଠାତ୍ ସୁକାନ୍ତ ମୁହଁରୁ ଇଂରାଜୀ ଭାଷା ଶୁଣି ପାରି ଚମକି ଉଠିଲେ ସ୍ୱର୍ଣ୍ଣ ବାବୁ । କହିଲେ, ତମେ ଇଂରାଜୀ........

ବଡ଼ ବିନୟୀ କଣ୍ଠରେ ଉତ୍ତର ଦେଲା ସୁକାନ୍ତ, କ୍ଷମା କରିବେ ଆଜ୍ଞା, ଆପଣଙ୍କର ଜଣେ ବିଶ୍ୱସ୍ତ ଶ୍ରମିକ ହୋଇ ମଧ୍ୟ ଏ ପର୍ଯ୍ୟନ୍ତ ମୋ ପ୍ରକୃତ ପରିଚୟ ନ ଦେଇ ଗୋପନ ରଖିଥିଲି । ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବି. ଏ ପାଶ୍ କରିଛି ।

କଣ ବି. ଏ ? ବଡ଼ ବିସ୍ମିତ ହୋଇ ଉଠିଲେ ଶ୍ରୀଙ୍ଗ ବାବୁ । ଏ କେମିତି କଥା କଲ ସୁକି ବାବୁ, ଆମକୁ ତୁମର ପରିଚୟ ନାହିଁ ଦେଲ । ବସ—ବସ ସୁକି ବାବୁ ।

କୁଲିକୁ କୁଲିର ସମ୍ମାନ ହିଁ ଦିଅନ୍ତୁ ।

ନା—ନା—ତମେ କୁଲି ନାହିଁ ସୁକାନ୍ତ । ତତମ ମୋର ଦୋସ୍ତ ।

ବଡ଼ ଫକୋଟରେ ସହ ସୁକାନ୍ତ ଖଣ୍ଡିଏ ଚୌକି ଅଧିକାର କରିନେଲା । ସାମାନ୍ୟ ଜଳ-ପାଣିର ବ୍ୟବସ୍ଥା ମଧ୍ୟ ହେଲା । ଅନେକ ଆଲୋଚନା ପରେ ଆସନ୍ତା ପନ୍ଦର ଦିନ ମଧ୍ୟରେ ଯେ କୌଣସି ଉପାୟରେ ହେଉ କାରଖାନାକୁ ଖୋଲି କରିବାର ନିର୍ଭର ଜବାବ ଦେଇ ଫେରି ଆସିଲା ସୁକାନ୍ତ । ସେ ଦିନ ସାରା ରାତି ତାର ଆଉ ନିଦ ହେଲା ନାହିଁ । ଖାଲି ଭାବି ହେଲା—ସେ କେମିତି ତା ଜବାବକୁ ରକ୍ଷା କରିବ । ସାରା ରାତିର ଗମ୍ଭୀର ଚିନ୍ତା ପରେ ସୁକାନ୍ତ ଭାବି ଠିକ୍ କଲା—ଆସନ୍ତା କାଲି ଗାଡ଼ିରେ ସେ ଓଡ଼ିଶା ଯିବ ! ପୁରୁଣା ଶ୍ରମିକମାନଙ୍କୁ ଫେରାଇ ଦେବା ପାଇଁ ଛନ୍ଦାକୁ ସେ ଅନୁରୋଧ କରିବ । ତଦ ଛନ୍ଦା ତା ଅନୁରୋଧକୁ ରକ୍ଷା ନ କରେ ?

ସୁକାନ୍ତର ମୁଣ୍ଡ ଭିତରଟା ଭାଁ ଭାଁ ହୋଇ ଉଠେ । ସୁକାନ୍ତର ପାଗଳାମିରେ ଭାନୁ ବଡ଼ ବ୍ୟଥିତ ହୋଇ ପଡ଼େ । ସ୍ନେହେ ଭାଉଙ୍କୁ

ବୁଝାଇଲା ପରେ ଅନେକ ପ୍ରକାର ବୁଝାଇ କହେ, ସମସ୍ତେ ଚୁକ୍ତି ଛାଡ଼ିଲେଣି, ଅଥଚ ନିଜ ଦେଶକୁ ବାନ୍ଧୁଛନ୍ତି ମାଡ଼ ଓ ଧର୍ମ । ସାର୍ଡ଼ ବାବୁ ବା କୋଉ ନିଜର ଲୋକ ଯେ ତାଙ୍କ ପାଇଁ ଏମନ ଏତେ ମମତା । ଖାଟିଲୁ ବୋଲି ଖାଇବାକୁ ଦେଲେ । ନ ଖାଟି ଥିଲେ କିଏ ସାର୍ଡ଼ ବାବୁ ବସାଇ ବସାଇ ଆମକୁ ଖୁଆଇ ଥାଆନ୍ତେ ? ଆମେ ଚୁକ୍ତିଆ ଲୋକ । ଯୋଉଠି ଭଲ ଦି ପଇସା ଅଛି— ସେଇଠି ଆମର ଘର । ଚାଲନ୍ତୁ ଚାଲିଯିବା । ଛନ୍ଦା ଆମ ନିଜର ମୁଲକ । ଭଲ ଚୁକ୍ତିଟିଏ ମିଳିବ । ବେଶ୍ ଦୁଇ ପଇସା ରୋଜଗାର ହେବ । ଏଇଠି ଏମିତି କୁଲି ମଜୁରିଆଙ୍କ ପରି ପଡ଼ି ରହିବା କାହିଁକି ? ଏମିତି ଅନେକ ପ୍ରକାର ବୁଝାଇ କହେ ଭାନୁ ! ସୁକାନ୍ତ କିନ୍ତୁ କିଛି ବୁଝେନା । ସେହି ଗୋଟାଏ ଜିଦ୍ ତା'ର । ସେ କେମିତି ସାର୍ଡ଼ବାବୁଙ୍କ କାରଖାନାକୁ ପୁଣି ଚାଲୁ କରିବ ।

ଖତ ପାଇଲା ।

ଗଣ୍ଡିଏ ପଖାଳ ଭାତ ଖାଇ ଦେଇ ଷ୍ଟେସନ୍ ମୁହାଁ ହେଲା ସୁକାନ୍ତ । ଷ୍ଟେସନ୍‌ରେ ପହଞ୍ଚି ଯାହା ଦେଖିଲା ସେଥିରେ ସୁକାନ୍ତର ସମସ୍ତ ଆଶା ଓ ଧାମ୍ନ ହଠାତ୍ ଫିକା ପଡ଼ିଗଲା । ଗାଡ଼ିର ପ୍ରତ୍ୟେକ ଡବାରେ ଓଡ଼ିଆ ଶ୍ରମିକଙ୍କର ଭିଡ଼ । କେବଳ ସାର୍ଡ଼ବାବୁଙ୍କ ମିଲ୍ କାହିଁକି, ସମଗ୍ର ଭାରତର ଗଳି କନ୍ଦରେ ଯେତେ ସବୁ ଓଡ଼ିଆ ଶ୍ରମିକ ଥିଲେ, ସେମାନେ ଆଜି ପ୍ରବଳ ଉତ୍ସାହ ଓ ଆନନ୍ଦର ସହ ନୂତନ ଶିଳ୍ପାଞ୍ଚଳକୁ ଚାଲିଛନ୍ତି । ସମସ୍ତଙ୍କ ମୁହଁରେ ଛନ୍ଦାର ପ୍ରଶଂସା, ଜୟ ଜୟ କା'ର । ସୁକାନ୍ତ ମନେ ମନେ ନିଜକୁ ବଡ଼ ଅପଦସ୍ତ ମନେ କଲା ।

ଗାଡ଼ିଟାକୁ ଆଗେଇ ନେବା ପାଇଁ ଗାର୍ଡ ସାହେବ ନୀଳ ପତାକାରେ ସଙ୍କେତ ଦେଲେଣି । ସୁକାନ୍ତ ବହୁ କଷ୍ଟରେ ନିଜକୁ ଓଡ଼ିଆ ଏବଂ ଜଣେ ଶ୍ରମିକ ବୋଲି ନିଜର ପ୍ରକୃତ ପରିଚୟ ଦେଇ ଡବା ଭିତରକୁ ଉଠିଲା । ଗାଡ଼ିଟା ଖୁବ୍ ଦ୍ରୁତ ଗତିରେ ଆଗକୁ ମାଡ଼ି ଚାଲିଲା ।

ପାଇଖାନା ଦରଜାକୁ ଅଉଜି ଠିଆ ହେଲା ସୁକାନ୍ତ ।

କଥାବାର୍ତ୍ତା ଭିତରେ କଲିକତାର ଜଣେ ଶ୍ରମିକ ଭଡ଼ ଆଗ୍ରହର ସହ ସୁକାନ୍ତକୁ ପ୍ରଶ୍ନ କଲା, କଣ ତୁମ କାରଖାନା ପୂରାପୁର ବନ୍ଦହୋଇ ଗଲାଣିଟି ?

ସୁକାନ୍ତ ମୁଣ୍ଡ ହଲାଇ ସମ୍ମତି ଜଣାଇଲା ।

ସୁକାନ୍ତର ସମ୍ମତିରେ ଡବାର ସମସ୍ତ ଶ୍ରମିକ ଭଡ଼ ଆନନ୍ଦ ଓ ଗର୍ବ ଅନୁଭବ କଲେ । ସେମାନଙ୍କର ଉତ୍ସାହ ସୁକାନ୍ତକୁ ଭାରି ବାଧିଲା, କିନ୍ତୁ ମୁହଁ ଖୋଲି କିଛି କହି ପାରିଲା ନାହିଁ । ନିଜକୁ ଭଡ଼ ଅସହାୟ ମନେ କରି ଖାଲି ଉପରକୁ ଅନାଇ ରହିଲା ।

ଗାଡ଼ି ଷ୍ଟେସନ ପରେ ଷ୍ଟେସନ ଅତିକ୍ରମ କରି ଖୁବ୍ ଜୋରରେ ଚାଲିଛି । ଗାଡ଼ିର ଜୋର ଯେତିକି ବଢୁଛି, ଡବା ଭିତରେ ଏ ଶ୍ରମିକ ଆନ୍ଦୋଳନର ଆଲୋଚନା ସେତିକି ଘନେଇ ଉଠୁଛି ।

ମାନ୍ଦ୍ରାଜର ଜଣେ ଶ୍ରମିକ ଆଲୋଚନା କରୁ କରୁ କହିଲା, ଗତ ମଙ୍ଗଳବାର ଦିନ ତାମିଲ୍ ପତ୍ରିକାରେ ବାହାରି ଥିଲା, ଓଡ଼ିଆ ପତ୍ରିକାର ଜଣେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ଛନ୍ଦାଦେବୀ କୁଆଡ଼େ କହିଥିଲେ—ଏହି କଳର ସମସ୍ତ ସମ୍ପତ୍ତି ଶ୍ରମିକ ମାନଙ୍କର । ସେ ସମ୍ପତ୍ତିକୁ କୁଆଡ଼େ ଜମିଦାର ଓ ସେଠମାନେ ଠକି ନେଇଥିଲେ । ତାକୁହିଁ ସେ ଫେରାଇ ଆଣି ଉଚିତ ହକଦାରଙ୍କୁ ଫେରାଇ ଦେଇଛନ୍ତି ।

ଆଉ ମଧ୍ୟ କୁଆଡ଼େ କହୁଛନ୍ତି—ଯିଏ ଖଟିବ ସେ ଖାଇବ
ଏଥିରେ ବା ଆମର ହିଂସା କାହିଁକି ରହିବ ?

ଠିକ୍ ଜବାବ ଦେଇଛନ୍ତି—କହିଲା ଜଣେ କେରଳର ଶ୍ରମିକ

ଏମିତ ନାନା ପ୍ରକାର ଆଲୋଚନା ଶୁଣି ଆସାମ ଫେରନ୍ତା ବୃଦ୍ଧ ଶ୍ରମିକ ଜଣେ ଭଗବାନଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ି କହିଲା, ଛନ୍ଦା ମାଙ୍କୁ ଆମର ହଜାର ବର୍ଷ ଆୟୁଷ ମିଳୁ । ଆସାମ ଫେରନ୍ତା ଶ୍ରମିକର କାମନାର ପ୍ରତିବାଦ କରି ବିହାର ଫେରନ୍ତା ବୃଦ୍ଧ ଶ୍ରମିକ ଜଣେ କହିଲା, ନା ନା ହଜାର ବର୍ଷ ନୁହେଁ—ଅମର ହୁଅନ୍ତୁ ଆମ ଛନ୍ଦା ମା ।

ଶ୍ରମିକ ମାନଙ୍କ ମୁହଁରୁ ଏପରି ଅନେକ ପ୍ରକାର ଆଲୋଚନା ଓ କାମନା ମାନ ଶୁଣି ବଡ଼ ବ୍ୟସ୍ତ ହେଲା ସୁକାନ୍ତ ।

ସୁକାନ୍ତ ଭାବିଲା—ଅଳ୍ପ ଦିନରେ ଛନ୍ଦା ଏତେ ବଡ଼ ବିପ୍ଳବ ସୃଷ୍ଟି କରି ପାରିଲା ? କେଜାଣି କାହିଁକି—ତା ଆଖି ଓ କାନକୁ ସେ ଅବିଶ୍ୱାସ କଲା । ଭାବେ ଏସବୁ ଇନ୍ଦ୍ରଜାଲ । କିନ୍ତୁ......

ଗାଡ଼ି ଆସି ଅଟକିଲା ଗୋଟିଏ ଷ୍ଟେସନ୍‌ରେ । ସୁକାନ୍ତ ଦେଖିଲା ଛନ୍ଦା ରାଜରାଣୀ ବେଶରେ ସୁସଜ୍ଜିତ ହୋଇ ପ୍ଲାଟଫର୍ମରୁ ଆସି ଗୋଟାଏ ପ୍ରଥମ ଶ୍ରେଣୀର ଡବା ଭିତରେ ଲୁଚିଗଲା, ଅନୁପଭାନୁ ମଧ୍ୟ ଛନ୍ଦା ସହିତ ସେହି କମ୍ପାର୍ଟମେଣ୍ଟରେ ଉଠିଲେ । ଗାଡ଼ିଟା ଆସ୍ତେ ଆସ୍ତେ ଷ୍ଟେସନ୍ ଛାଡ଼ିଦେଲା । ଯାହା ହେଉ ଅତି କୌଶଳରେ ସେହି ସୁକାନ୍ତ ନିର୍ଦ୍ଦିଷ୍ଟ ଡବାର ଦରଜା ବାହାରକୁ ଲାଗିଥିବା ଲୁହା ରେଲିଂ ଧରି ଝୁଲିଲି ପଡ଼ିଲା । ସେତିକି ବେଳକୁ ଗାଡ଼ିର ଗତି ମଧ୍ୟ ବଢ଼ି ଯାଇଥିଲା । ସୁକାନ୍ତ ଦରଜା ଖୋଲି ଡବା ଭିତରେ ଭୁସ୍‌କିନା ପଶି ପଶୁ ଛନ୍ଦା ହଠାତ୍ ଦେଖି ଦବିଯାଇ ପୁଣି ନିଜକୁ ସଂଯତ କରିନେଲା ବଡ଼ ନରମ ଓ ସରସ କଣ୍ଠରେ କହିଲା-ନମସ୍କାର ସାର ଭାଇ !

ସୁକାନ୍ତର କ୍ଷଣିକ ଉତ୍ତେଜନା ଭାଇ ଡାକରେ ସାମାନ୍ୟ ନରମି ଗଲା ।

ବସିବାକୁ ଇଙ୍ଗିତ ଦେଲା ଛନ୍ଦା ।

ଛନ୍ଦାର ଏହି ସ୍ନେହ ଓ ଶ୍ରଦ୍ଧାର ସୁଯୋଗ ନେଇ ସୁକାନ୍ତ କହିବାକୁ ସାହସ କଲା-ତୁମର ଏ ଆଦର୍ଶ କଣ ସମ୍ଭବ ?

ଜାଣେନା ସୁକଭାଇ । ତଥାପି ଖାଲି ପରୀକ୍ଷା କରି ଦେଖୁଥିଲି ଠେଙ୍କାର ଓଜନ କେତେ ?

କେଜାଣି କାହିଁକି ଛନ୍ଦା କଥାରେ ବଜ୍ରାଘାତ ଅନୁଭବ କଲା ସୁକାନ୍ତ । ପ୍ରତିବାଦ କରି କିଛି କହିବ କହିବ ହୋଇ ଆଉ କହି ପାରିଲା ନାହିଁ । ସେତିକିବେଳେ ଭିତର ପଟରୁ ପାଇଖାନାର ଦରଜା ଖୋଲି ପଶି ଆସିଲେ ଅନୁପବାବୁ । ଅନୁପବାବୁଙ୍କର ଆବିର୍ଭାବରେ ବଡ଼ ବିସ୍ମିତ ହୋଇ ଉଠିଲା ସୁକାନ୍ତ ।

ଛନ୍ଦା ଅତ୍ୟନ୍ତ ଆତ୍ମପ୍ରସାଦର ସହ ହସି ହସି ମୁହଁରେ ଉପହାସ କଲା ପରି କହିଲା—ସୁକୁ ଭାଇ, ଏ ହେଉଛନ୍ତି ମୋର ଭାବି ସ୍ୱାମୀ । ମୋର କିନ୍ତୁ ଭାରି ଭୟ ହେଉଛି, କାଳେ ଅନୁପବାବୁ ଯୌତୁକ ନ ପାଇ ବେଦୀ ଉପରୁ ଉଠି ଚାଲିଯିବେ ବୋଲି ।

ଛନ୍ଦାର ଉପହାସରେ ସୁକାନ୍ତ ଅତ୍ୟନ୍ତ ଅପମାନିତ ହୋଇ ପଡ଼ିଲା । ଅନୁପବାବୁଙ୍କ ସ୍ମିତ ଏଟିକ ହସରେ ତା ଦେହର ସମସ୍ତ ହାଡ଼ ଗୁଡାକ ଭାଙ୍ଗି ପଡୁଥିଲା ପରି ଜଣା ଯାଉଥିଲା । ଛନ୍ଦାର ଆତ୍ମତୃପ୍ତିରେ ତା ଶିରା—ପ୍ରଶିରାର ପ୍ରତ୍ୟେକ ରକ୍ତ

ବନ୍ଧୁରେ ନାଗ ଦଂଶନର ତୀବ୍ର ଜ୍ୱାଳା ଅନୁଭବ କରି ଝାଉଁଳି ପଡ଼ିଲା । ଏହା ଭିତରେ କେତେବେଳେ ଯେ ଗାଡ଼ିଟା ଆସି ଲକ୍ଷ୍ୟ ସ୍ଥାନରେ ପହଞ୍ଚି ଯାଇଛି ତାହା ସେ ଜାଣି ପାରିଲା ନାହିଁ ।

ଏଇ କେତେଟା ପଦ କଥାରେ ସୁକାନ୍ତ ମନରେ କି ପ୍ରକାର ଯେ ପ୍ରତିକ୍ରିୟା ସୃଷ୍ଟି କରିଛି ତାହା ଛନ୍ଦା ଆଗରେ ଅଛପା ରହିଲା ନାହିଁ । ସୁକାନ୍ତକୁ ଲକ୍ଷ୍ୟ କରି କହିଲା—ଏପରି ଝାଳି ଅଭିମାନ କରି କରି ନିଜର ଜୀବନଟାକୁ ନଷ୍ଟ କରି ଦେବ ସୁକ ଭାଇ । ଆଜିକାଲିର ଦୁନିଆରେ ତମେ ଏପରି ଅବୁଝା ହେଲେ ଚଳିବ ? ଏଇ ପଦେ କଥାରେ ତମେ ଏମିତି ଦବି ଯାଉଛ ? ଏହାଠାରୁ ବଳି ଅଧିକ ଶାସ୍ତି ପାଇବ ଆଉ କେତୋଟି ମିନିଟ୍ ପରେ । ଛନ୍ଦା ଏତିକି କହି କମ୍ପାର୍ଟମେଣ୍ଟ ଭିତରୁ ସୁକାନ୍ତକୁ ଜୋର କରି ଟାଣି ଆଣିଲା ।

ଅନୁପବାବୁ, ଛନ୍ଦା ଓ ସୁକାନ୍ତ ପ୍ଲାଟଫର୍ମର ବାହାରକୁ ଗଲେ । ବାହାରେ ଭିଷଣ ଜନ ଗହଳି ଦେଖି ସୁକାନ୍ତ ପ୍ରଥମେ ସ୍ତମ୍ଭିତ ହୋଇଗଲା । ପରେ ବୁଝିଲା ଯେ ସେମାନେ ସବୁ ଛନ୍ଦାକୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ଆସିଛନ୍ତି । ଜନ ଗହଳିକୁ ଦେଖି ସେ ଯେତେ ସ୍ତମ୍ଭିତ ହୋଇ ନ ଥିଲା, ସେହି ଜନ ଗହଳି ଭିତରୁ ରତ୍ନା ଗୋଟିଏ ଫୁଲ ମାଳ ଧରି ଛନ୍ଦାକୁ ଲକ୍ଷ୍ୟ କରି ଆସିବା ଦେଖି ସେ ବେଶୀ ବିସ୍ମିତ ହେଲା ।

ଅଭ୍ୟର୍ଥନା କମିଟି ପକ୍ଷରୁ ରତ୍ନା ଛନ୍ଦାକୁ ଲକ୍ଷ୍ୟକରି ଫୁଲମାଳଟି ଉଠାଇଲା ବେଳକୁ ଛନ୍ଦା କହିଲା—ରତ୍ନା ! ମୁଁ ଏ ସମ୍ମାନର ଅଧିକାରିଣୀ ନୁହେଁ । ମତେ ଯେତେବେଳେ ବଡ଼

ଭଉଣୀ ବୋଲି ମାନିଛୁ ସେତେବେଳେ ମୋର ଅବାଧ ହେବ ନାହିଁ । ତୋର ଅଗାର ସଉଧ ବର୍ତ୍ତମାନ ଅଙ୍ଗ ଅଗରେ । ତୋ ହାତରୁ ଫୁଲହାର ପାଇବା ପାଇଁ ସେ କେବଳ ଉପଯୁକ୍ତ ।

ରତ୍ନା ସୁକାନ୍ତ ଉଦ୍ଦେଶ୍ୟରେ ହାତ ଉଠାଇଲା ବେଳକୁ ସୁକାନ୍ତର ସଙ୍କୋଚ ମନୋଭାବ ଦେଖି ଛନ୍ଦା କହିଲା—ସୁକ ଭାଇ ! ଆମେ ସବୁ ଜାଣିଛୁ । ଲୋକାପବାଦରେ କୌଣସି ବିଜ୍ଞ ଲୋକ ବିଶ୍ୱାସ କରିବା ମୂର୍ଖତା ମାତ୍ର । ଭାଉଜ ତମଠାରୁ ଯେଉଁ ସମ୍ମାନର ଅଧିକାରିଣୀ ହୋଇଛି, ରତ୍ନାଠାରୁ ମଧ ସେହି ବ୍ୟବହାର ପାଇବ । ତମ ଦୁହିଁଙ୍କର ସେ ହେବ ପରିଚାଳିକା, ଭାଉଜ ।

ରତ୍ନା ଧୀରେ ଆଗେଇ ଯାଇ ସୁକାନ୍ତ ଗଳାରେ ହାରଟି ଲମ୍ବାଇ ଦେଲା । ଛନ୍ଦାକୁ ପ୍ରଣତ ଜଣାଇବା ପାଇଁ ରତ୍ନା ଓ ସୁକାନ୍ତ ଯୋଡ଼ହସ୍ତ ହେଲାବେଳକୁ ଛନ୍ଦା କହିଲା—ତମେ ଦେଖୁଛ ଆଗରେ ଯେଉଁ ବିଶାଳ ଜନତା, ସେଇମାନେ କେବଳ ଏହି ସମ୍ମାନ ପାଇବା ପାଇଁ ଯୋଗ୍ୟ ।

ନବ ଦାମ୍ପତି ଜନତା ଉଦ୍ଦେଶ୍ୟରେ ହାତ ଉଠାଇଲେ । ଜନତା ଆନନ୍ଦ କୋଳାହଳରେ ମୁଖରିତ । ଛନ୍ଦାର ଆଜି ମନକାମନା ପୂର୍ଣ୍ଣ ହୋଇଛି । ସତେ ସେ ଯେପରି ଜୀବନର ସବୁ ଆନନ୍ଦ ଆଜି ପାଇଛି । ସେ ନିଜ ଉଇଲ ଷ୍ଟେସନ ୱାଗନ ପାଖରେ ନବ ଦାମ୍ପତିଙ୍କୁ ଚାହିଁ ଠିଆ ହୋଇଛି । ରତ୍ନା ଓ ସୁକାନ୍ତ ଜନତା ଭିତରୁ ବିଦାୟ ନେଇ ଫେରିଲେ ଗାଡ଼ି ପାଖକୁ । ଛନ୍ଦା ଗାଡ଼ିରେ ଷ୍ଟାର୍ଟ ଦେଲା ।

## ବିଶେଷ ଘୋଷଣା

ସବୁ ପ୍ରକାର ଓଡ଼ିଆ ପୁସ୍ତକରେ ଖୁଚୁରା ବ୍ୟବସାୟୀ ଓ ଲାଇବ୍ରେରୀମାନଙ୍କୁ ଯଥେଷ୍ଟ କମିସନ ଦିଆଯାଏ । ଥରେ ମାତ୍ର ଅଗ୍ରୀମ ସହ ଅର୍ଡର ଦେଇ ପରୀକ୍ଷା କରନ୍ତୁ ।

ନୂତନ ଲେଖକମାନଙ୍କର ଲେଖା ପ୍ରକାଶ କରି ସେମାନଙ୍କୁ ଉତ୍ସାହିତ କରିବା ଆମର ଏକାନ୍ତ କାମ୍ୟ । ନିମ୍ନ ଠିକଣାରେ ସାକ୍ଷାତ ବା ପତ୍ରାଳାପ କରନ୍ତୁ ।

ଶ୍ରୀ ହରିହର ପ୍ରସାଦ ପଟ୍ଟନାୟକ
ଉତ୍କଳ ବାଣୀ ମନ୍ଦିର
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିଶ୍ୱନାଥ ଲେନ୍ ( ବାଲୁବଜାର ନିକଟ )
କଟକ—୨

## ବିଜ୍ଞାପନ

ସବୁପ୍ରକାର ପୁସ୍ତକରେ ଖୁଚୁରା ବ୍ୟବସାୟୀ ଓ ଲାଇବ୍ରେରୀମାନଙ୍କୁ ଯଥେଷ୍ଟ କମିଶନ ଦିଆଯାଏ । ଥରେ ଅର୍ଡର ଦେଇ ପରୀକ୍ଷା କରନ୍ତୁ

| | |
|---|---|
| ● ଗଣା ଦେବିକା | ଟ୧.୨୫ |
| ● କଳାଛାଇ | ଟ୧.୫୦ |
| ● ନାଗମଣୀ | ଟ୧.୪୦ |
| ● ମାଡ୍ରାସ୍ ମେଲ୍ | ଟ୧.୦୦ |
| ● ମରମ ତଳର ଆଶା | ଟ୧.୨୦ |
| ● ଅପ୍ସରା-ଭୁବନର ହତ୍ୟା | ଟ୧.୨୫ |
| ● କାଳରାବୀର ସର୍ଦ୍ଦାର | ଟ୦.୭୫ |
| ● ଚଞ୍ଚଳ ମନ | ଟ୧.୦୦ |
| ● ଅଞ୍ଜଳି ନୟନ | ଟ୧.୭୨ |
| ପ୍ରିୟାର ପ୍ରତିମା | ଟ୧.୭୫ |
| ● ଛନ୍ଦା | ଟ୧.୭୫ |
| ● ଦ୍ୱନ୍ଦ | ଟ୦.୭୫ |
| ● ବଧୂ ବଦନା | ଟ୧.୨୫ |
| ● [illegible] | ଟ୧.୦୦ |
| ● ପଞ୍ଚଶାୟକ ( ୭୦ ଛନ୍ଦ ) [ଉପେନ୍ଦ୍ରଭଞ୍ଜ] | ଟ୦.୭୫ |
| ● ପ୍ରତିଶୋଧ [ନାଟକ] | ଟ୧.୭୫ |
| ● ସଙ୍ଖାଳୀ ,, | ଟ୧.୭୫ |

—ପ୍ରାପ୍ତିସ୍ଥାନ—

**ଶ୍ରୀ ଏଚ୍. ପଟ୍ଟନାୟକ**

**ଉତ୍କଳ ବାଣୀ ମନ୍ଦିର, କଟକ**